# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୮/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 8/2024 Page 20 ₹ 7.00

୫୦ଶ ଭାଗ ୨୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 285 ମୂଲ୍ୟ ₹୭/-



DSPL - 101

सत्यमेव जयते
Goverment Of India





ପବିତ୍ର ନୂଆଁଖାଇର ଅଭିନନ୍ଦନ
ଏହି ଶୁଭ ଅବସରରେ
ବିଭିନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମର
ଉନ୍ମୋଚନ





ରବି ୨୦୨୪-୨୫

**ସି. ଏମ୍. କିଷାନ ସହାୟତା**

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ
ସମ୍ବଲପୁର, ୮ ସେପ୍ଟେମ୍ବର ୨୦୨୪

ପ୍ରାୟ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର

୯୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର

**ସି.ଏମ୍.କିଷାନ ପୋର୍ଟାଲ୍‌ର ଉନ୍ମୋଚନ**
ସି.ଏମ୍.କିଷାନ ଓ ପି.ଏମ୍.କିଷାନ ଯୋଜନାରେ ନୂତନ ହିତାଧିକାରୀଙ୍କ ନାମ ପଞ୍ଜିକରଣ ପାଇଁ ନୂତନ ପୋର୍ଟାଲ୍‌ର ଉନ୍ମୋଚନ

**ପି.ଏମ୍.କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ**
ପି.ଏମ୍.କିଷାନ ଯୋଜନାର ସ୍ୱତନ୍ତ୍ର ପଦକ୍ଷେପରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ ପ୍ରକ୍ରିୟା ଆରମ୍ଭ

**କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍‌ର ଉନ୍ମୋଚନ**
କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍ ମାଧ୍ୟମରେ ଚାଷୀମାନେ ଗୋଟିଏ ସ୍ଥାନରେ ବିଭିନ୍ନ କୃଷି ଓ ଆନୁଷଙ୍ଗିକ ବିଭାଗ ସମ୍ବନ୍ଧୀୟ ଯୋଜନାରେ ଆବେଦନ କରିପାରିବେ

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ









କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01510/13/0007/2425




# ଚମକ ହରାଉଛି ଶାମୁକା


ଶାମୁକା ଖୋଜା ଚାଲିଛି।

ସମୁଦ୍ରରେ ଜୁଆର ଆସିଲେ କୂଳକୁ ଭାସିଆସେ ଶାମୁକା। ଜୁଆର ଫେରିଗଲେ ଆଉ ସେହିସବୁ ଶାମୁକା ବେଳାଭୂମିରେ ପଡ଼ିରହେ। ସକାଳର ସୂର୍ଯ୍ୟକିରଣରେ ଶାମୁକା ସବୁ ଚକ୍ ଚକ୍ କରି ଚମକି ଉଠେ। ଏଭଳି ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେଇ ମୁହୂର୍ତ୍ତକୁ ପର୍ଯ୍ୟଟକମାନେ ମନଭରି ଉପଭୋଗ କରିବା ସହ ଫେରିଗଲା ବେଳେ ସ୍ମୃତି ସାଉଁଟିବା ଉଦ୍ଦେଶ୍ୟରେ ସାଙ୍ଗରେ କିଛି ସଂଗ୍ରହ କରି ନେଇଥାନ୍ତି। ମାତ୍ର ଏହି ଶାମୁକା ଉପରେ ପଡ଼ିଛି ଏବେ ପଶ୍ଚିମବଙ୍ଗ ମାଫିଆଙ୍କ ନଜର। ଦଲାଲମାନେ ସ୍ଥାନୀୟ ଲୋକଙ୍କୁ ଅର୍ଥ ଲାଳସା ଦେଇ ଶାମୁକା ସଂଗ୍ରହ କରିନେଉଛନ୍ତି। ଆଗଭଳି ଆଉ ବେଳାଭୂମିରେ ଶାମୁକା ଦେଖିବାକୁ ମିଳୁନି। ସତେଯେମିତି ଚମକ ହରାଇ ବସିଛି।

ବାଲେଶ୍ୱର ଜିଲା ଅଧୀନ ଚାନ୍ଦିପୁର ବେଳାଭୂମି, ବଳରାମଗଡ଼ି, ବାହାବଳପୁର, କଷାଫଳ, ବାଲିଆପାଳର ଚଉମୁଖ, ଡଗରା, ଭୋଗରାଇର ଉଦୟପୁର, ତାଳସାରୀ ସମେତ ବାହାନଗା ଓ ଗୋପାଳପୁର ଉପକୂଳରେ ମହିଳା ଓ ପୁରୁଷମାନେ ଅହରହ ଜାଲ ଧରି ଶାମୁକା ଧରିବାରେ ଲାଗିଥାନ୍ତି। ପ୍ରତ୍ୟେକ ଦିନ ସମୁଦ୍ର ବେଳାଭୂମିରେ ଛୋଟ ଫାଶ ଥିବା ଜାଲ ବସା ଯାଇଥାଏ। ସମୁଦ୍ରର ଜୁଆର ଆସିଲେ ପାଣି ସହ ଜୀବନ୍ତ ଓ ମୃତ ଶାମୁକା ଭାସି ଆସିଥାନ୍ତି। ଜୁଆର ଛାଡ଼ିବା ପରେ ଶାମୁକା ସବୁ ଜାଲରେ ଲାଗିଯାନ୍ତି। ସଂଗୃହୀତ ଶାମୁକା ୫୦କେଜି ବସ୍ତାକୁ ୫୦ରୁ ୧୦୦ଟଙ୍କା ଦରରେ ଦଲାଲମାନେ କିଣୁଛନ୍ତି। ବେଆଇନ ଭାବେ ଏହି ଶାମୁକାକୁ ପଶ୍ଚିମବଙ୍ଗକୁ ରପ୍ତାନି କରି କୁଇଣ୍ଟାଲ ପ୍ରତି ୪ରୁ ୫ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଶାମୁକାରେ ମୁଖ୍ୟତଃ ମାଛ ଖାଦ୍ୟ ଓ ଦାନା ତିଆରି ହୋଇଥାଏ। ଏହାବ୍ୟତୀତ କୁକୁଡ଼ା ଦାନା, ଚୂନ ଓ ଘର ତିଆରି ଉପକରଣ ମଧ୍ୟ ତିଆରି ହୋଇଥାଏ। ଶାମୁକାରେ ପ୍ରଚୁର ପରିମାଣରେ ପ୍ରୋଟିନ ଥିବାରୁ ମାଛ ବୃଦ୍ଧି ଓ କୁକୁଡ଼ାର ଅଣ୍ଡା ଗୁଣବତ୍ତା ବୃଦ୍ଧି କରିବାରେ ତାହା ସହାୟକ ହୋଇଥାଏ। ତେବେ ଓଡ଼ିଶାରୁ ଅତି ଶସ୍ତାରେ ଶାମୁକା ଚାଲାଣ ବେଳେ ଏହାର ଗୁଣ୍ଡ ଦାନାକୁ ଓଡ଼ିଶା ବେପାରୀ ଚଡ଼ା ଦରରେ କିଣିବାକୁ ବାଧ ହେଉଛନ୍ତି। ଅପରପକ୍ଷରେ ପଡ଼ିରହିଥିବା ଶାମୁକାର ଦୁର୍ଗନ୍ଧରେ ପର୍ଯ୍ୟଟକମାନେ ବେଳାଭୂମିକୁ ଆସିବାକୁ ମୁହଁ ମୋଡୁଛନ୍ତି। ବିଶେଷକରି ଭୋଗରାଇ ଓ ବାଲିଆପାଳ ସମୁଦ୍ର ଉପକୂଳକୁ ପ୍ରଜନନ ଋତୁରେ ଅଲିଭ ରିଡ୍ଲେ ଅଣ୍ଡା ଦେବାକୁ ଭୟରେ ଆସୁନାହାନ୍ତି।

–ବାଞ୍ଛାନିଧି ଦେ, ବାଲେଶ୍ୱର

" ବନ୍ୟପ୍ରାଣୀ ଆଇନ ଅନୁଯାୟୀ ସମୁଦ୍ରରୁ ଶାମୁକା ଧରିବା ଓ ବିକ୍ରି କରିବା ବେଆଇନ। ଶାମୁକା ଧରିବାରେ ସରକାରୀ ନିୟମ ଲାଗୁ ହେଲେ ରାଜସ୍ୱ ମିଳିବା ସହ ପରିବେଶ ସନ୍ତୁଳନ ରହିପାରନ୍ତା।
**– ଡ. ସିଦ୍ଧାର୍ଥ ପତି, ପରିବେଶ ବିଜ୍ଞାନୀ।**

" ଶାମୁକା ସବୁ ଗୋଟାଇ ବେଳାଭୂମିରେ ଗଦା କରାଯାଉଥିବାରୁ ବେଳାଭୂମି ଅପରିଷ୍କାର ହୋଇଥାଏ। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ଯୋଗୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଦ୍ୱିଧା ପ୍ରକାଶ କରନ୍ତି।
**–ଅଧ୍ୟାପକ ଅନିଲ କୁମାର ଭୂୟାଁ, ପରିବେଶପ୍ରେମୀ**

# ଗଛ ପ୍ରେମରେ ୨୫ ବର୍ଷ

*୧୯୯୯ ମହାବାତ୍ୟାର ବିଭୀଷିକା କଲା ଆନ୍ଦୋଳିତ। ମଣିଷ ସମେତ ବୃକ୍ଷଲତାଙ୍କ ଅବସ୍ଥା ଦେଖି ସବୁଜ ପୃଥିବୀ ବନାଇବା ପାଇଁ କରିଥିଲେ ପଣ। ସେହି ଦିନଠାରୁ ସେ ପଛକୁ ଫେରିନାହାନ୍ତି। ୨୫ ବର୍ଷ ହେଲା ଗଛ ପ୍ରେମରେ ପଡ଼ିଛନ୍ତି। ଲଗାଇ ଚାଲିଛନ୍ତି ଅନେକ ଗଛ। ଯେଉଁଥିପାଇଁ ସମସ୍ତଙ୍କ ପାଖରେ ସେ ଗଛ ମଣିଷ ଭାବେ ପରିଚିତ। ଏହିଭଳି ଜଣେ ପରିବେଶ ପ୍ରେମୀ ହେଲେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ତେଲଦିହୁଡି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା।*


କୁଳମଣି ବେହେରା

୧୯୮୪ରେ କୁଳମଣି ଶିକ୍ଷକ ଚାକିରି ଜୀବନ ଆରମ୍ଭ କରିଥିଲେ। କର୍ମ ଜଞ୍ଜାଳରେ ବ୍ୟସ୍ତ ରହିଥିବା ବେଳେ ୧୯୯୯ରେ ମହାବାତ୍ୟାରେ ଅନେକ ବଡ଼ ବଡ଼ ବୃକ୍ଷଲତା ଉପୁଡ଼ି ନଷ୍ଟ ହୋଇଥିବା ଦେଖି ସେ ମର୍ମାହତ ହୋଇ ପଡ଼ିଥିଲେ। ବୃକ୍ଷ ନଷ୍ଟ ହେବା ଫଳରେ ପରିବେଶର କ'ଣ ଅବସ୍ଥା ହୁଏ, ତାହା ନିଜ ଶିକ୍ଷାଦାନ ଭିତରେ ଜାଣିଥିବା କାରଣରୁ ସେହି ମହାବାତ୍ୟା ଦିନଠାରୁ ସେ ଚାରାରୋପଣ ଆରମ୍ଭ କଲେ। ବିଭିନ୍ନ ଫାଙ୍କା ସ୍ଥାନରେ ଗଛ ଲଗାଇବା ସହିତ ଚାରାରୋପଣକୁ ନିଜ ଜୀବନର ଏକ ମୁଖ୍ୟ ଅଂଶ ଭାବେ ବାଛିନେଲେ। ୨୦୨୩ ଜୁଲାଇରେ ସେ ଚାକିରିରୁ ଅବସର ନେଇଥିଲେ। ହେଲେ ଚାକିରି କାଳ ପରେ ମଧ୍ୟ ସେ ଏବେ ନିଜ ଦୈନନ୍ଦିନ ଜୀବନର ଅଧିକାଂଶ ସମୟ ଚାରାରୋପଣରେ ହିଁ ବିତାଉଛନ୍ତି। ଇତିମଧ୍ୟରେ ସେ ବିଭିନ୍ନ କିସମର ଚାରାରୋପଣ କରିଛନ୍ତି। ପ୍ରକୃତି ପ୍ରେମ ଏବଂ ପରିବେଶ ସଜାଡିବାର ଭୂମିକାକୁ ନେଇ ସେ ଅନେକ ଥର ସମ୍ମାନିତ ହୋଇଛନ୍ତି। ୩ଟି ସ୍ଥାନରୁ ପ୍ରକୃତି ମିତ୍ର ଭାବେ ସମ୍ମାନିତ ହୋଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟସ୍ତରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଚାରାରୋପଣ କାର୍ଯ୍ୟରେ ସେ କେବଳ ନିଜେ ନୁହେଁ, ବିଭିନ୍ନ ସଙ୍ଗଠନ ସହିତ ଯୋଡ଼ି ହେବା ସହିତ ସମସ୍ତଙ୍କୁ ଗଛ ଲଗାଇବାକୁ ପ୍ରୋତ୍ସାହିତ କରିଛନ୍ତି। ବନ ମହୋତ୍ସବ ସପ୍ତାହ ଆସିଲେ ଖୋଜା ପଡ଼ନ୍ତି କୁଳମଣି। କାରଣ ସିଏ ହିଁ ଜଣେ ମଣିଷ ଯିଏ କି ବୃକ୍ଷକୁ ଅତି ପାଖରୁ ବୁଝିଛନ୍ତି ଏବଂ ଜାଣିଛନ୍ତି। ସେଇଥି ପାଇଁ ବିଭିନ୍ନ ସଙ୍ଗଠନ ତାଙ୍କୁ ଖୋଜିଥାନ୍ତି। ସରକାରଙ୍କ ମା' ପାଇଁ ଗଛଟିଏ ହେଉ କିମ୍ବା ତାଳ ମିଶନ, ସବୁଥିରେ ଆଗରେ ଥାନ୍ତି ସେ। ଗଛ ହିଁ ଜୀବନ। ଯିଏ ଆମକୁ ଅମ୍ଳଜାନ ଦେଇଥାଏ, ଯିଏ ଆମ ବଞ୍ଚିବାର ସାହାରା ତାକୁ ଆମେ ରକ୍ଷା ନ କରିଲେ ଆଗାମୀ ଦିନରେ ଆମ ସମାଜ ଧ୍ୱଂସାଭିମୁଖୀ ହୋଇଯିବ। ତେଣୁ ସମସ୍ତେ ଗଛ ଲଗାଇବା ଏବଂ ଗଛର ଯତ୍ନ ନେବା ଉଚିତ ବୋଲି କୁଳମଣି କହିଛନ୍ତି। ସମସ୍ତେ ବଦଳି ଯାଇପାରନ୍ତି ହେଲେ ଗଛ କେବେ ବଦଳେ ନାହିଁ। ତେଣୁ ଗଛ ଲଗାଇଲେ ଏବଂ ଗଛର ଯତ୍ନ ନେଲେ ଆମ ଜୀବନକୁ ଗଛ ବଞ୍ଚାଇ ରଖିପାରିବ ବୋଲି କୁଳମଣି ପ୍ରକାଶ କରିଛନ୍ତି।

–ସନ୍ତୋଷ କୁମାର ବାଛିନୀ, ଉଦଳା


With Best Compliments From:
Rabindra Kumar Mohanty
Mob : 9437544335
Dillip Kumar Mohanty
Mob : 9437544336
इंडियनऑयल IndianOil
LAXMI NARAYAN FILLING STATION
Dealer - Indian Oil Corporation Ltd.
N.H.-60, Gahira Simulia, Basta, Balasore
E-mail : dillipkumarmohanty@ymail.com

























इंडियनऑयल IndianOil
Best Wishes to all on the Occasion of Celebration of Golden Jubilee Year of The Dharitri
SHIVAM PETROLEUM
Dealer- IOCL
N.H.- 60, Gahir Simulia
P.O. - Dandika,
Via - Basta-756029
Dist.- Balasore, Odisha









ଧରିତ୍ରୀ DHARITRI
ଧରିତ୍ରୀ 50 Years





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

## ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକା ପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

**ଆଜିର ସମ୍ପାଦକୀୟ**

**ପ୍ରଥମରୁ ପଛଘୁଞ୍ଚା**

# ମଣିପୁରରେ ପୁଣି ହିଂସା: ୬ ମୃତ

- **ଉଗ୍ରପନ୍ଥୀଙ୍କ ୩ ବଙ୍କର ଧ୍ୱଂସ**
- **ଜରୁରୀ ବୈଠକ ଡାକିଲେ ମୁଖ୍ୟମନ୍ତ୍ରୀ**

**ଇମ୍ଫାଲ/ନୂଆଦିଲ୍ଲୀ,୭ା୯(ପି.ଟି.)**

ଭାଜପା ଶାସିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ହିଂସା ଥମିବା ନାଁ ନେଉନାହିଁ। ଗତବର୍ଷ ମେ' ୩ରୁ ସେଠାରେ ମେଇତି ଏବଂ କୁକି-ଜୋ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ସଂଘର୍ଷ ଆରମ୍ଭ ହୋଇ ଅନେକ ମାସ ପର୍ଯ୍ୟନ୍ତ ଲାଗିରହିଥିଲା। ଏବେ ମଧ୍ୟ ମଣିପୁରର ବିଭିନ୍ନ ସ୍ଥାନରେ ବାରମ୍ବାର ହିଂସାକାଣ୍ଡ ଘଟି ନିରୀହ ଲୋକଙ୍କ ଜୀବନ ଯାଉଛି। ଶୁକ୍ରବାର ରକେଟ୍ ଆକ୍ରମଣରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ସକାଳେ ଜିରିବାମ୍ ଜିଲାରେ ସାନି ହିଂସା ଘଟି ୬ ଜଣଙ୍କ ଜୀବନ ଯାଇଛି। ଇମ୍ଫାଲଠାରୁ ୨୨୯ କି.ମି. ଦୂର ନୁଙ୍ଗଚାପ୍ପି ଗ୍ରାମରେ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀମାନେ ଆକ୍ରମଣ କରି ଜଣେ ୬୩ ବର୍ଷୀୟ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଏହା ବ୍ୟତୀତ ମେଇତି ସମ୍ପ୍ରଦାୟର ସଶସ୍ତ୍ର ଗୋଷ୍ଠୀ ଏବଂ କୁକି ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଘଟି ୫ ଜଣ ନିହତ ହୋଇଛନ୍ତି।



ମଣିପୁରର ବିଷ୍ଣୁପୁର ଅଞ୍ଚଳ ଉପରେ ଉଗ୍ରପନ୍ଥୀଙ୍କ ରକେଟ୍ ମାଡ଼ରେ ନିହତ ବ୍ୟକ୍ତିଙ୍କ ଶୋକାକୁଳ ପରିବାରବର୍ଗ।

ଏହି ଗ୍ରୁପ୍‌ଗୁଡ଼ିକ ନିଜକୁ ଗ୍ରାମସୁରକ୍ଷା ସ୍ୱେଚ୍ଛାସେବୀ ବୋଲି ଦାବି କରିଛନ୍ତି। ଜିରିବାମ ଏସ୍‌ପି ପୋଲିସ ଟିମ୍ ସହ ଘଟଣାସ୍ଥଳକୁ ଯାଇଥିବାବେଳେ ସେମାନଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ପୋଲିସ ଟିମ୍ ଏହାର ଠିକଣା ଜବାବ ଦେବା ସହ ଗୁଳିକାଣ୍ଡକୁ ନିୟନ୍ତ୍ରଣ କରିଥିଲେ। ପୋଲିସ ସେଠାରେ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍ ମୁତୟନ କରିଛି।

ପ୍ରାୟ ସପ୍ତାହେ ପୂର୍ବରୁ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀମାନେ ଇମ୍ଫାଲ ୱେଷ୍ଟର କେତେକ ଗାଁ ଉପରେ ଡ୍ରୋନ୍ ଆକ୍ରମଣ କରିଥିଲେ। ପ୍ରଥମ ଥର ପାଇଁ ଉଗ୍ରପନ୍ଥୀମାନେ ଭାରତୀୟ ମାଟିରେ ଆକ୍ରମଣ ପାଇଁ ଡ୍ରୋନ୍‌ର ସହାୟତା ନେଇଥିଲେ। ହିଂସାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ସେନା ହେଲିକପ୍ଟରଗୁଡ଼ିକୁ ପାଟ୍ରୋଲିଂରେ ନିୟୋଜିତ କରାଯାଇଛି। ଉଭୟ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାର ସନ୍ଦିଗ୍ଧ ଅଞ୍ଚଳରେ କମ୍ବିଂ ଅପରେଶନ ଜାରି ରହିଛି। ହିଂସାକୁ ଉସୁକାଉଥିବା ଲୋକମାନଙ୍କୁ ଧରିବା ପାଇଁ ସୋସିଆଲ ମିଡିଆ ପୋଷ୍ଟ ଉପରେ ଏକ ଟିମ୍ ନଜର ରଖିଛି। ସୁରକ୍ଷା ବଳ ଶୁକ୍ରବାର ଚୁରାଚାନ୍ଦପୁର ଜିଲାରେ ଉଗ୍ରପନ୍ଥୀମାନଙ୍କର ୩ଟି ବଙ୍କରକୁ ଧ୍ୱଂସ କରିଦେଇଛି। ଶୁକ୍ରବାର ଉକ୍ତ ବଙ୍କରରୁ ଉଗ୍ରପନ୍ଥୀମାନେ ପାଖ ବିଷ୍ଣୁପୁର ଅଞ୍ଚଳ ଉପରେ ରକେଟ୍ ମାଡ଼ କରିବାରୁ ଜଣଙ୍କର ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଥିଲେ। ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମାଇରେନବାମ୍ କୋଇରେଙ୍ଗଙ୍କ ବାସଭବନକୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିଲା। ରାଜ୍ୟରେ ସାନି ହିଂସା ପରେ ମଣିପୁର ☞ପୃଷ୍ଠା-୨

# ହାଇକୋର୍ଟରେ ୬୨,୦୦୦ ମାମଲା ୩୦ ବର୍ଷର ପୁରୁଣା

**ନୂଆଦିଲ୍ଲୀ,୭ା୯ (ପି.ଟି.)**

ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ। ତେଣୁ ବିଚାର ପ୍ରକ୍ରିୟାକୁ ତ୍ୱରିତ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାର ଚେଷ୍ଟା କରୁଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ କାରଣରୁ ହାଇକୋର୍ଟ ଗୁଡ଼ିକରେ ବହୁ ବର୍ଷ ଧରି ମାମଲା ଫଇସଲା ନ ହୋଇ ପଡ଼ିରହୁଛି। ଏବେ ମିଳିଥିବା ଏକ ରିପୋର୍ଟରୁ ଜାଣିବାକୁ ମିଳିଛି ଯେ, ଦେଶର ବିଭିନ୍ନ ହାଇକୋର୍ଟରେ ପାଖାପାଖି ୬୨,୦୦୦ ମାମଲା ବିଚାର ଅପେକ୍ଷାରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ପଡ଼ିରହିଲାଣି। ଏପରିକି ୩ଟି ମାମଲା ୧୯୫୨ରୁ ଗଡ଼ିଆସୁଛି। ସରକାରୀ ତଥ୍ୟ ଅନୁଯାୟୀ ହାଇକୋର୍ଟରେ ୧୯୫୪ରୁ ୪ଟି ମାମଲା ଅଟକି ରହିଥିବାବେଳେ ୧୯୫୫ରୁ ୯ଟି ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ୧୯୫୨ରୁ ପଡ଼ିରହିଥିବା ୩ଟି ☞ପୃଷ୍ଠା-୨












**ଆଜିର ମନ୍ତବ୍ୟ**
ନରେନ୍ଦ୍ର ମୋଦି ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ଥର ପାଇଁ ଜାତୀୟ ପତାକା ଏବଂ ସମ୍ବିଧାନ ଅଧୀନରେ ନିର୍ବାଚନ ହେବାକୁ ଯାଉଛି। ଏହା ପରେ କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ। **-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- 'ଡେଙ୍ଗୁ ପାଇଁ ମଶାରୀ' କାର୍ଯ୍ୟକ୍ରମ, ସ୍ଥାନ: ବିଡିଏ ଗୋପବନ୍ଧୁ ପାର୍କ, ୟୁନିଟ୍-୮, ସମୟ: ସକାଳ ୮ଟା।
- ଓଡ଼ିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସ୍ଥାନ: ଅପରାହ୍ନ ୪ଟା।
- ଯୋଗ ଏକାଡେମୀ ଉଦ୍‌ଘାଟନ, ସ୍ଥାନ: ଇନ୍‌ଫୋସିଟି, ଶୈଳଶ୍ରୀ ବିହାର ସାଇ ମନ୍ଦିର ନିକଟ, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ ଅନୁଷ୍ଠାନ 'ସ୍ୱାଗତିକା'ର ୪୪ତମ ଜାତୀୟ ଶିଶୁ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସତ୍‌ସଙ୍ଗୀ ସାମ୍ବାଦିକ ସାନ୍ନିଧ୍ୟ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଭାଦ୍ର-ପରିକ୍ରମା ସତ୍‌ସଙ୍ଗ, ସ୍ଥାନ:ସତ୍‌ସଙ୍ଗ ବିହାର ଋତାୟନୀ କକ୍ଷ, ସମୟ: ସନ୍ଧ୍ୟା ୭ଟା୩୦।

## କଟକ
- ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ୧୩୮ତମ ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ଦିବ୍ୟ ଜୀବନ ସଂଘ ଚୌଦ୍ୱାର ଶାଖା କପାଳେଶ୍ୱରସ୍ଥିତ ଆଶ୍ରମ, ସମୟ: ପ୍ରାତଃ ୫ଟା।
- କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ନୂଆଖାଇ ଉତ୍ସବ, ସ୍ଥାନ: ରଘୁନାଥଜୀଉ ମନ୍ଦିର ପରିସର, ତେଲେଙ୍ଗାବଜାର, ସମୟ: ସକାଳ ୯ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: ସାରଳା ଭବନ,କଟକ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଓଡ଼ିଆ ଭାଷାରେ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ସମ୍ପର୍କିତ ଆଲୋଚନା, ସ୍ଥାନ: କଟକ ଦୋଲମୁଣ୍ଡାଇସ୍ଥିତ ବିଜ୍ଞାନ ପ୍ରଚାର ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଜ୍ୟୋତ୍ସ୍ନାବିହାର ଉନ୍ନୟନ ସମିତି ପକ୍ଷରୁ ଗଣେଶ ଚତୁର୍ଥୀ ଉତ୍ସବ ଉପଲକ୍ଷେ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜ୍ୟୋତ୍ସ୍ନାବିହାର ଗଣେଶ ଛକ, ଭାଣପୁର, ସମୟ: ସନ୍ଧ୍ୟା ୬ଟା।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଓ ବଢ଼େଇସାହି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଗଣେଶଜୀଉ ଠାକୁରଙ୍କ ପୂଜୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଢ଼େଇସାହି ଗଣେଶ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ପୂଜା ଅବସରରେ ରୟାଲ ଡାଇମଣ୍ଡ କ୍ଲବ ପାଞ୍ଚଗାଁ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଞ୍ଚଗାଁ ବଜାର, ତିଗିରିଆ, ସମୟ: ସନ୍ଧ୍ୟା ୮ଟା।

## ପୁରୀ
- ଦିବ୍ୟଦର୍ଶନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକୋତ୍ସବ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ଶାଲାଧିବାସ ଓ ଅଙ୍କୁରାରୋପଣ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ପୂର୍ବାହ୍ନ ୧୦ଟା।
- ଆଦି ଚାର ଗଣେଶଙ୍କ ନିକଟରେ ସୁନ୍ଦରା କାଣ୍ଡ ପାଠ, ସ୍ଥାନ: ଆଦି ଗଣେଶ ମନ୍ଦିର, ମାର୍କେଟ ଛକ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ମୁଖ୍ୟମନ୍ତ୍ରୀ କିଷାନ ନିଧି ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- କବି ସଚ୍ଚି ରାଉତରାୟଙ୍କ ସ୍ମୃତି ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ଗୀତା ଭବନ, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା ୩୦।
- ନୂଆଁଖାଇ ମହୋତ୍ସବ ଭେଟ୍‌ଘାଟ୍-୨୦୨୪, ସ୍ଥାନ: ବାଲୁଙ୍କେଶ୍ୱର ଦେବ ମନ୍ଦିର, ସଂପୁର, ବୋଲଗଡ଼, ସମୟ: ପ୍ରାତଃ ୫ଟା।

## ବାଲେଶ୍ୱର
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବିଶେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- 'ବିଶ୍ୱ ଐତିହ୍ୟ, ଶକ୍ତିପୀଠ ଓ ପର୍ଯ୍ୟଟନ ସ୍ଥଳୀ' ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ: ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିର୍ଲା ଟାୟାର୍ସ ଶ୍ରମିକ ସମସ୍ୟା ସମ୍ପର୍କରେ ତ୍ରିପାକ୍ଷିକ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପୁରାତନ ଛାତ୍ର ସଂସଦ ସମାବେଶ, ସ୍ଥାନ: କମର୍ସ ବ୍ଲକ, ଫକୀରମୋହନ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ
- ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: ଧାମନଗର ବ୍ଲକ କାର୍ଯ୍ୟାଳୟ, ବନ୍ତ ବ୍ଲକ କାର୍ଯ୍ୟାଳୟ, ଭଦ୍ରକ ବ୍ଲକ କାର୍ଯ୍ୟାଳୟ,ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ରବି ନାରାୟଣ ମନ୍ଦିରରେ ପୂଜା ଏବଂ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ, ସ୍ଥାନ:ଡ଼ଅଁର, ହାତଡିହୀ, ସମୟ:ସକାଳ ୬ ଟା।
- ବିଭିନ୍ନ ଦେବୀ ଓ ଶୈବ ମନ୍ଦିରରେ ଋଷି ପଞ୍ଚମୀ ବ୍ରତ ପାଳନ ଏବଂ ମାନସିକ ପୂଜା,ସ୍ଥାନ:ହାତଡିହୀ, ସମୟ :ସକାଳ ୭ ଟା।
- ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସମାରୋହ, ସ୍ଥାନ:ବଳଭଦ୍ରପୁର, ବିଷ୍ଣୁପୁର,ହାତଡିହୀ, ସମୟ :ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ବିଶ୍ୱ ସାକ୍ଷରତା ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଚକ୍ଷୁଦାନ ପକ୍ଷ ଉଦ୍‌ଯାପନୀରେ ସଚେତନତା ରାଲି, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସକାଳ ୭ଟା ୩୦।

## ଗଞ୍ଜାମ
- ଜେସିସ୍ କ୍ଲବ ପକ୍ଷରୁ ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର, ସ୍ଥାନ: ଲାୟନ୍ସ କମ୍ୟୁନିଟି ହଲ, ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମିତି ବୈଠକ, ସ୍ଥାନ:ରଙ୍ଗେଇଲୁଣ୍ଡା ବ୍ଲକ ସଦ୍‌ଭାବନା ଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ ଟା।
- ଓଡ଼ିଆ ସମାଜର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ସମାଜ ସଭାଗୃହ, ଆସିକା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ନିତା ନୃତ୍ୟାଙ୍ଗନା ପକ୍ଷରୁ ନୂଆଖାଇ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍,ସମୟ: ସକାଳ ୯ଟା।
- ଥିଙ୍କର୍ସ ଫୋରମର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ, ସମୟ: ପୂର୍ବାହ୍ନ ସାଢେ ୧୧ଟା।

## ଜଗତ୍‌ସିଂହପୁର
- ନୂଆଖାଇ ଉପଲକ୍ଷେ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ପ୍ରତିଭା ଚୟନ ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ରେଡୁଆ ନୂଆଗଡ଼ସ୍ଥିତ ହରିଶ୍ଚନ୍ଦ୍ର ଭୂୟାଁ କ୍ୟାମ୍ପସ, ସମୟ: ସକାଳ ୮ଟା।
- ସିଏମ୍ କୃଷକ କଲ୍ୟାଣନିଧି ବଣ୍ଟନ କାର୍ଯ୍ୟକ୍ରମର ଆଭାସୀରେ ଶିଳ୍ପମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ବିଶ୍ୱ ଫିଜିଓଥେରାପି ଦିବସ ଉପଲକ୍ଷେ ପୁର୍ନବାସ ପକ୍ଷରୁ ନିଶୁଳ୍କ ଶିବିର, ସ୍ଥାନ: ଅମରଉଦ୍ୟାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୮ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ଭାରିଗଦା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, ବାଲିସାହି ପାଟଣା ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର, ଜଅଁରା ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ହଳଦୀବସନ୍ତ, ରାଜଗଡ ପଞ୍ଚାୟତ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ,ସ୍ଥାନ: ପଲେଇ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ରେଳ ଷ୍ଟେଶନ, ସମୟ:ସକାଳ ୭ଟା୩୦।
- ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ପକ୍ଷରୁ ତାଳଚାରା ରୋପଣ, ସ୍ଥାନ:ନୟାଗଡ଼ ବ୍ଲକ ବଡପଣ୍ଡୁସରର କୁସୁମୀ ନଦୀପଠା, ସମୟ: ସକାଳ ୮ଟା।

## ରାୟଗଡ଼ା
- ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଣପୁର ବ୍ଲକ ଅଫିସ ସମ୍ମୁଖ ମା ଗଜଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ମା ଦକ୍ଷିଣ କାଳୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଣପୁର ଆଇଟିଡିଏ ଅଫିସ ପାର୍ଶ୍ୱ ମା କାଳୀ ପୂଜା ମଣ୍ଡପ, ସମୟ: ସକାଳ ୮ଟା।

## ନବରଙ୍ଗପୁର
- ମୁଖ୍ୟମନ୍ତ୍ରୀ କୃଷି ସହାୟତା ନେଇ ଆବାସୀ ମାଧ୍ୟମରେ ବୈଠକ, ସ୍ଥାନ: ଅସଓ୍ୱାନ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।

## ସମ୍ବଲପୁର
- ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ ଟା୧୨ ।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ, ସ୍ଥାନ : ନନ୍ଦପଡା, ସମୟ : ସକାଳ ୯ ଟା ।
- ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ସମଲେଇ ମନ୍ଦିର ଦର୍ଶନ, ସ୍ଥାନ : ସମୟ : ଅପରାହ୍ନ ୧ଟା ୩୦।
- ମାରୱାଡି ଯୁବାମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ରିଭର ଇନ ସଭାକକ୍ଷ, ସମୟ : ମଧ୍ୟାହ୍ନ ୨ଟା୩୦।
- ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଶୁଭାରମ୍ଭ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୪ଟା।
- ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୪ ଟା ୩୦ । ସ୍ଥାନ : କବରାପାଲି ଶ୍ରୀମ ମନ୍ଦିର ପରିସର, ସମୟ: ସନ୍ଧ୍ୟା : ୬ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ଖାଉଁଆ ପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ନ ୫ଟା ।
- ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ।
- ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ : ରିଭର ଇନ ସଭାକକ୍ଷ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ସମଲେଶ୍ୱରୀ ମନ୍ଦିରରେ ନବାନ୍ନ ବିଧି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୯ଟା ୩୫ ।
- ପାଟଣେଶ୍ୱରୀ ମନ୍ଦିରରେ ନବାନ୍ନ ବିଧି, ସ୍ଥାନ: ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୯ଟା ୩୫ ।

## ସୁବର୍ଣ୍ଣପୁର
- ନବାନ୍ନ ଭୋଗ ପାଇଁ ଅଷ୍ଟଚଣ୍ଡୀଙ୍କ ପୀଠକୁ ପାହୁର ଯାତ୍ରା, ସ୍ଥାନ: ସୋନପୁର ସହର ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଶ୍ରୀ ଜଗନ୍ନାଥଙ୍କଠାରେ ନବାନ୍ନ ଲାଗି, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, କୋଟସମଲେଇ,ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ନୂଆଁଖାଇ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଦୁର୍ଗାମନ୍ଦିର, ତ୍ରିବେଣୀ ଛକ,ବୀରମହାରାଜପୁର, ସମୟ: ସକାଳ ୯ ଟା।
- ମୁଁ ବି ହେବି ପ୍ରତିଭା, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୩ଟା।
- ଭଜନ କାର୍ଯ୍ୟକ୍ରମ, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ:ସନ୍ଧ୍ୟା ୭ଟା।
- ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୂଆଁଖାଇ ଭେଟ୍‌ଘାଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମହଦା,ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ବଳରାମ ଦେବ କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଖଣ୍ଡୁଚକ୍ରିା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଖାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଗଣେଶ ଭଗବାନଙ୍କ ଆଳତି, ସ୍ଥାନ: ସହରସ୍ଥିତ ବିଭିନ୍ନ ପେଣ୍ଡାଲ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ରଥ ଆଗମନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୯ଟା୧୫।
- ସଙ୍କଟମୋଚନ ମନ୍ଦିରରେ ନୂଆ ଚାଉଳ ଭୋଗ, ସ୍ଥାନ: ଝୁରିମାଲ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ଝୁରିମାଲରେ ସାମୂହିକ ନୂଆଁଖାଇ, ସ୍ଥାନ: ଝୁରିମାଲ ଗାଁ, ସମୟ: ଅପରାହ୍ନ୨ଟା।
- ଅବନକେଲା ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ ସମାରୋହର ପ୍ରଥମ ଦିନ, ସ୍ଥାନ: ନୂଆଖାଇ ଭେଟଘାଟ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ଭାଜପାର ସଦସ୍ୟତା ଅଭିଯାନ, ସ୍ଥାନ: ବିଶ୍ରା ଛକ ସମେତ ସହରର ଅନ୍ୟ ସ୍ଥାନ, ସମୟ: ସକାଳ ୮ଟା।
- ନୂଆଁଖାଇ କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସେକ୍ଟର ୬ ସି ବ୍ଲକ ଓ ସେକ୍ଟର--୧୭, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଚଳଚ୍ଚିତ୍ର 'ପତଙ୍ଗ'ର ପ୍ରିମିୟର, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୫ଟା ।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ପର୍ବ, ସ୍ଥାନ: ଧାମରାସଂଘ, ସମୟ: ସନ୍ଧ୍ୟା ୬ଟା ।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସୁର ସଙ୍ଗୀତ ସମାରୋହ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ନ ୩ଟା ୩୦।
- ତ୍ରିନାଥ ମନ୍ଦିରରେ ମେଳା, ସ୍ଥାନ: ବାବୁସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି
- କଦଧିବାମନ ମନ୍ଦିରରେ ନବାନ୍ନ, ସ୍ଥାନ: ଜୁନାଗଡ଼ ବ୍ରହ୍ମଣପଡ଼ା, ସମୟ: ୯ଟା ୧୫।

## ନୂଆପଡ଼ା
- ନୂଆଖାଇ ପାଳନ, କବିତା ପାଠ ଉତ୍ସବ, ସ୍ଥାନ: ଖଡ଼ିଆଳ ସଂସ୍କୃତି ଅନୁଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ନୂଆଖାଇ ଉପଲକ୍ଷେ ଦେବ ପୂଜନ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସକାଳ ୮ଟା।
- କାଣାଭୈରାଙ୍କଠାରେ ନୂଆ ଭୋଗ ଅର୍ପଣ, ସ୍ଥାନ: ନୂଆପଡା ସଦର ମହକୁମାର କାଣାଭୈରା ମନ୍ଦିର, ସମୟ: ସକାଳ ୮ଟା ୨୦।
- ୪୪ ବ୍ରାହ୍ମଣ ପରିବାରଙ୍କ ନବାନ୍ନ ଭକ୍ଷଣ, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ
- ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ମନ୍ଦିରରେ ନୂଆଁଖାଇ ଉତ୍ସବ, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର, ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆର୍ଥିକ ଉନ୍ନତି ସହ କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନ ପ୍ରଭୃତିରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମରେ ବ୍ୟତିକ୍ରମକୁ ସମାଧାନ କରିପାରିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ**
ଶାରୀରିକ ଦୁର୍ବଳତା ଦୂରେଇଯିବାର ଅନୁଭବ କରିବେ ଓ ବନ୍ଧୁମାନଙ୍କ ସହାନୁଭୂତି ମଧ୍ୟ ପାଇବେ। ରବିଙ୍କ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତିର ଆଶା କରାଯାଇପାରେ। ସଙ୍କୋଚତା ଓ କର୍ମଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ**
ନୂଆ ଯୋଜନା ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ମିଳିବ। ପୂର୍ବାହ୍ନରେ କିଛି ଦିନ ହେଲା ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସୂଚନା ରହିଛି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ**
ଆଜିର ଗ୍ରହସ୍ଥିତି ଅନ୍ୟମାନଙ୍କ ସହ ମିଳିମିଶି କାମ କରିବାର ସୁଯୋଗ ଲାଭକରି ଖୁସି ରହିବେ। ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ମାଲିମକଦ୍ଦମାରେ ସଫଳତା ପାଇବା ସହ ଶିକ୍ଷା, ଗବେଷଣା, ପରୀକ୍ଷାରେ ସଫଳତା ମିଳିବ।

**ସିଂହ**
ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। କାର୍ଯ୍ୟବ୍ୟସ୍ତତାଜନିତ ପରିବାର ତଥା ପିଲାମାନଙ୍କୁ ସମୟ ଦେଇପାରିବେ ନାହିଁ। ରାଜନୈତିକ ପରିସ୍ଥିତି, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଂକଟ ସ୍ଥିତି ଉପୁଜିପାରେ। ଗୃହସୀମା କିମ୍ବା ଜମିଜମାର ବିବାଦୀୟ ଘଟଣା ଅମୀମାଂସିତ ରହିବ।

**କନ୍ୟା**
ପରିବାରର ଖର୍ଚ୍ଚ ବୃଦ୍ଧି ମାନସିକ ଅସ୍ଥିରତା ସୃଷ୍ଟି କରିବ। ପରୋକ୍ଷ ଶତ୍ରୁତା ସହ ସ୍ୱାସ୍ଥ୍ୟହାନି ଓ ଋଣ ପରିଶୋଧର ଚିନ୍ତା ମନକୁ ଘାରିପାରେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସମର୍ଥନ ପାଇବେ ନାହିଁ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
ହିତୈଷୀଙ୍କ ପରାମର୍ଶ ଅନୁଯାୟୀ କର୍ମାରମ୍ଭ ଚିନ୍ତା କରିପାରନ୍ତି। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ମିଳିବ। ସାମାଜିକ ସ୍ତରରେ ସେବା ଓ ସହଯୋଗଜନିତ ସୁନାମ ଅର୍ଜନ କରିବେ।

**ବିଛା**
ଆଜି ଅନୁରାଧା ନକ୍ଷତ୍ର ସଭାସମିତିରେ ଫଳପ୍ରଦ ଆଲୋଚନା କରିବେ, ଯାହାକି ବହୁଜନାଦୃତ ହେବ। ନିକଟରୁ ଦୂରରେ ରହି ପରିବାରର ଅପ୍ରୀତିଭାଜନ ହେବାକୁ ପଡ଼ିପାରେ। ଆଜିର ଯାତ୍ରା, ପ୍ରକଳ୍ପାରମ୍ଭ, ବ୍ୟବସାୟ ଓ ପରିବହନରେ ସମସ୍ୟାଗ୍ରସ୍ତ ହେବେ। ଉପସ୍ଥିତ ବୁଦ୍ଧିରେ କାମ ହାସଲ ସହ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ**
ଆଜି ଆୟ ଅପେକ୍ଷା ବ୍ୟୟ ବହୁଗୁଣିତ ହୋଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବାରେ ସାହାଯ୍ୟ କରିବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ। ପରିବାର, ଲୋକସମ୍ପର୍କ, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ମକର**
ଆଜିର ଯାତ୍ରା ସମୟରେ ଟଙ୍କା, ପଇସା କିମ୍ବା କାଗଜପତ୍ର ହଜିଯାଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ଜୀବନଚର୍ଯ୍ୟା ସମସ୍ୟାବହୁଳ ରହିବ। ବିଶିଷ୍ଟବ୍ୟକ୍ତିଙ୍କ ଆହ୍ୱାନରେ ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**କୁମ୍ଭ**
ଆଜି ମନ ଜାଣିଲା ଭଳି କଥା ଓ କାମ କରି ବନ୍ଧୁ, ପରିଜନଙ୍କ ପ୍ରଶଂସାର ପାତ୍ର ହେବେ। ପରିବହନ ଓ ବ୍ୟବସାୟରେ ଶିଥିଳତା ଦେଖାଦେବ। ରପ୍ତାନି ବାଣିଜ୍ୟରେ କ୍ଷତି ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆବଶ୍ୟକତା ପୂରଣ ପାଇଁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମୀନ**
ପୂର୍ବଭାଦ୍ର ନକ୍ଷତ୍ର ସକାଶେ ଦିନଟି ବହୁତ ବଢ଼ିଆ। ଯାହା ଚାହୁଁଛନ୍ତି ତାହା ପାଇବେ। ତଥାପି କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ, ଏଣୁ ସତର୍କତା ଅବଲମ୍ବନୀୟ। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ଅବଶ୍ୟ ପଡ଼ୋଶୀଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେବେ।

ଆଜି ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଶ୍ରୀମନ୍ଦିରରେ ଋଷିପଞ୍ଚମୀ ଓ ଦାହଲୀଳା, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ପଶ୍ଚିମ ଓଡ଼ିଶାର ନୂଆଁଖାଇ ପର୍ବ, ଖୁଦୁରୁକୁଣୀ ଓଷା ତୃତୀୟ ପାଳି, ଭାଦ୍ରବ ଶୁକ୍ଳପଞ୍ଚମୀ ରବିବାର। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୩୭ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୬ ଗତେ ଘ.୦୧।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୦ ଗତେ ଘ.୦୫।୫୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମଣିପୁରରେ ପୁଣି ...
ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଶନିବାର ଜରୁରୀ କ୍ୟାବିନେଟ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସପ୍ତାହେ ହେଲା ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଉତ୍ତେଜନା ଲାଗି ରହିଛି। ଅନିଶ୍ଚିତତା ସ୍ଥିତି ଲାଗିରହିଥିବାବେଳେ କୋ-ଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟିର ମୁଖପାତ୍ର ଖୁରାଇଜାମ୍ ଅଥୌବା ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଧାରଣ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। କୁକି ସମ୍ପ୍ରଦାୟ ଅଧିକ ଆକ୍ରମଣାତ୍ମକ ହେଉଥିବା ସେ କହିଛନ୍ତି। ଗତ କିଛିଦିନ ମଧ୍ୟରେ ଇମ୍ଫାଲ ୱେଷ୍ଟରେ ଅନେକ ଡ୍ରୋନ୍ ଆକ୍ରମଣରେ ବହୁ ଲୋକଙ୍କ ମୃତ୍ୟୁ ଘଟିଲାଣି। ଆକ୍ରମଣରେ ମିଶାଇଲ ଏବଂ ରକେଟକୁ ମଧ୍ୟ ବ୍ୟବହାର କରାଯାଉଥିବାରୁ ଏହା ସାଧାରଣ ଆକ୍ରମଣ ନୁହେଁ ବୋଲି ଅଥୌବା କହିଛନ୍ତି। ନିକଟରେ ହିଂସାକାଣ୍ଡବେଳେ ବିଷ୍ଣୁପୁର ଏବଂ ପୂର୍ବ ଇମ୍ଫାଲ ଜିଲାର ଲୋକମାନେ ଆକାଶରେ ବହୁସଂଖ୍ୟାରେ ଡ୍ରୋନ୍ ଦେଖିଥିଲେ। ଆକ୍ରମଣ ଆଶଙ୍କାରେ ସେମାନେ ରାତିରେ ଲାଇଟ୍‌ଗୁଡ଼ିକୁ ବନ୍ଦ କରିଦେଇଥିଲେ। ଇମ୍ଫାଲ ୱେଷ୍ଟ ଜିଲାର ୨ଟି ସ୍ଥାନରେ ଉଗ୍ରପନ୍ଥୀମାନେ ଡ୍ରୋନ୍‌ରୁ ବୋମାମାଡ଼ କରିବା ପରେ ସୁରକ୍ଷା ବଳ ଅଧିକ ସଜାଗ ହୋଇଛି। ଅଧିକ ସଂଖ୍ୟାରେ ଲୋକ ମେଳି ବାନ୍ଧି ଯାତାୟାତ କରିବା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ସୂଚନାଥାଉ କି, ପୂର୍ବରୁ ହୋଇଥିବା ହିଂସାରେ ୨୨୧ ଜଣଙ୍କ ଜୀବନ ଯାଇଥିବାବେଳେ ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଘରଦ୍ୱାର ହରାଇ ଏବେ ମଧ୍ୟ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଛନ୍ତି। ସଂଘର୍ଷ ବେଳେ ହଜାରେରୁ ଅଧିକ ଲୋକ ଆହତ ହେବା ସହ ୩୨ ଜଣ ନିଖୋଜ ହୋଇଥିଲେ। ଉତ୍ୟକ୍ତ ଲୋକେ ୪,୭୮୬ ଗୃହଦାହ କରିବା ସହ ମନ୍ଦିର ଓ ଚର୍ଚ୍ଚ ସମେତ ୩୮୬ଟି ଧର୍ମୀୟ ସ୍ଥଳକୁ ଭଙ୍ଗାରୁଜା କରିଥିଲେ। ତେବେ ବେସରକାରୀ ଭାବେ ଏହି ସଂଖ୍ୟା ବହୁତ ଅଧିକ ବୋଲି କୁହାଯାଏ।

### ହାଇକୋର୍ଟରେ ୬୨,୦୦୦ ମାମଲା ...
ମାମଲା ମଧ୍ୟରୁ ୨ଟି କୋଲକାତା ହାଇକୋର୍ଟରେ ଏବଂ ଗୋଟିଏ ମାଡ୍ରାସ ହାଇକୋର୍ଟରେ ଅଟକି ରହିଛି। ଚଳିତ ସପ୍ତାହ ପ୍ରଥମ ଭାଗରେ ଜିଲା ନ୍ୟାୟିକ ବ୍ୟବସ୍ଥା ଉପରେ ଜାତୀୟ ସମ୍ମିଳନୀରେ ତ୍ୱରିତ୍ ନ୍ୟାୟ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୋର୍ ଦେଇଥିଲେ। ନ୍ୟାୟପାଳିକାରେ ସ୍ଥଗିତ ସଂସ୍କୃତି ବଦଳିବା ଆବଶ୍ୟକ ବୋଲି ସେ କହିଥିଲେ। ଦେଶର ବିଭିନ୍ନ ହାଇକୋର୍ଟରେ ୫୮.୫୯ ଲକ୍ଷ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ସେଥିରୁ ୪୨.୬୪ ଲକ୍ଷ ଦେୱାନି ମାମଲା ହୋଇଥିବାବେଳେ ୧୫.୯୪ ଲକ୍ଷ ଫୌଜଦାରି ମାମଲା। ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରୀଡ୍ ଅନୁଯାୟୀ ହାଇକୋର୍ଟଗୁଡ଼ିକରେ ପଡ଼ିରହିଥିବା ମାମଲା ମଧ୍ୟରୁ ପାଖାପାଖି ୨.୪୫ ଲକ୍ଷ ୨୦ରୁ ୩୦ ବର୍ଷର ପୁରୁଣା।

# ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୭।୯(ଅନିଲ ଦାସ)**
ଆସନ୍ତା ୧୭ ତାରିଖରେ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା ଆରମ୍ଭ ହେବ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ। ଏହି ଯୋଜନା ସମ୍ପର୍କରେ ରାଜ୍ୟବ୍ୟାପୀ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସାରା ଓଡ଼ିଶାରେ ସୁଭଦ୍ରା ସଚେତନତା ରଥ ବୁଲିବ। ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗଠାରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ନିଜର ସ୍ୱପ୍ନ ପୂରଣ ପାଇଁ ଏହି ଯୋଜନା ସୁଯୋଗ ପ୍ରଦାନ କରିବ। ଏଥିସହିତ ସେମାନଙ୍କୁ ସ୍ୱୀକୃତି ଦେବା ଏହି ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ। ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ଏହା ଓଡିଆ ଅସ୍ମିତାର ପରିଚୟ ହେବ। ପ୍ରତ୍ୟେକ ମା' ଓ ଭଉଣୀମାନଙ୍କ ମନକୁ ବୁଝି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତିକୁ ଏହି ଯୋଜନା ପୂରଣ କରିବ। ଏହି ଯୋଜନାର ସୁଫଳ ସମ୍ପର୍କରେ ସୁଭଦ୍ରା ରଥ ସମଗ୍ର ରାଜ୍ୟର ମହିଳାମାନଙ୍କୁ ସଚେତନ କରିବ। ରାଜ୍ୟର ସମସ୍ତ ମହିଳାଙ୍କ ସ୍ୱପ୍ନ ଓ ଆକାଂକ୍ଷା ପୂରଣ ଦିଗରେ ଏହା ହେଉଛି ରାଜ୍ୟ ସରକାରଙ୍କ ଏକ ନିଷ୍ଠାପର ଉଦ୍ୟମ। କୌଣସି ଯୋଗ୍ୟ ମହିଳା ଯେପରି ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି ତାହାକୁ ମଧ୍ୟ ପ୍ରାଥମିକତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ସରକାରକୁ ଆସିବାର କିଛି ସମୟ ମଧ୍ୟରେ କ୍ୟାବିନେଟ୍‌ରେ ସୁଭଦ୍ରା ଯୋଜନା ଅନୁମୋଦିତ ହେଲା। ପ୍ରତିଶ୍ରୁତିକୁ ପ୍ରତିବଦ୍ଧତାରେ ପରିଣତ କରାଯାଇ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ରଥ ସମସ୍ତଙ୍କୁ ଏହି ଯୋଜନା ବିଷୟରେ ସଚେତନ କରିବ। ଶେଷ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ନ ହେବା ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। ଶୀଘ୍ର ସୁଭଦ୍ରା ଯୋଜନାର ଲାଭ ସମସ୍ତଙ୍କ ପାଖରେ ପହଞ୍ଚିବ।

ଏହି ଅବସରରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହୋଇଥିବା ବେଳେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ସୁଭଦ୍ରା ସଚେତନତା ସଂଗୀତ ମଧ୍ୟ ଲୋକାର୍ପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ ପ୍ରତ୍ୟେକ ମହିଳା ବର୍ଷକୁ ୨ଟି କିସ୍ତିରେ ୧୦ ହଜାର ଟଙ୍କାର ଭାଉଚର ମିଳିବ।

# ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଆଙ୍କୁ ମିଳିବ ପ୍ରାଧାନ୍ୟ: ମୁଖ୍ୟମନ୍ତ୍ରୀ



## ଭାରତ ମସଲାର ୨୫ତମ ଭାରତ ପ୍ରତିଭା ସମ୍ମାନ ଉତ୍ସବ

ବାରଙ୍ଗ,୭।୯(ଲିଙ୍ଗରାଜ ରାଉତ)

ଭାରତ ମହାନ ପ୍ରତିଭାମାନଙ୍କୁ ଜନ୍ମଦେଇ ଆସିଛି। ଶିକ୍ଷା, ଜ୍ଞାନ, ସୃଜନ, ଦର୍ଶନ ଆଦି କ୍ଷେତ୍ରରେ ଭାରତ ବିଶ୍ୱକୁ ସନ୍ଦେଶ ଦେଇଆସିଛି। ଐତିହ୍ୟ, ପରମ୍ପରା, ସଂସ୍କୃତି ବିଶ୍ୱକୁ ତ୍ୟାଗ ଓ ମାନବକଲ୍ୟାଣର ବାର୍ତ୍ତା ଦେଇଥାଏ। ପୂଜ୍ୟପୂଜାକୁ ସମ୍ମାନ ଦେବାରେ ପଛରେ ବି ନ ଥାଏ। ତେଣୁ ଭାରତ ମସଲା ପକ୍ଷରୁ ପ୍ରତିଭାମାନଙ୍କୁ ବାଛି ସେମାନଙ୍କୁ ସମ୍ମାନିତ କରିବା ଏକ ସୁନ୍ଦର ପଦକ୍ଷେପ ବୋଲି ଜୟ ଭାରତ ଫାଉଣ୍ଡେଶନ ଓ ଭାରତ ମସଲା ତରଫରୁ ଶନିବାର ୨୫ତମ ଭାରତ ମସଲା ପ୍ରତିଷ୍ଠା ଦିବସ ଏବଂ ଭାରତ ପ୍ରତିଭା ସମ୍ମାନ ସମାରୋହ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ରାମଦାସପୁର ଭାରତ ମସଲା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ବହୁ ରୋମାଞ୍ଚକାରୀ କାହାଣୀକୁ ଧରି ଭାରତ ମସଲା ଛିଡ଼ା ହୋଇଛି। ୧୯୯୪ରେ ଆରମ୍ଭ ହୋଇ ଭାରତ ମସଲା ୧୯୯୯ରେ ମହାବାତ୍ୟାକୁ ସାମ୍ନା କରିଥିଲା। ସେହି କଠିନ ପରିସ୍ଥିତି ଭିତରେ ଗତିକରି ଆଗକୁ ଯିବାବେଳେ ପୁଣି ପ୍ରତିବନ୍ଧକ ଦେଖାଦେଇଥିଲା। ଭାରତ ମସଲା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ ଯେତେବେଳ ଜମି ମଗାଗଲା ସେତେବେଳେ ସରକାରଙ୍କ ବରିଷ୍ଠ ଅଣଓଡ଼ିଆ ଅଧିକାରୀମାନେ ପ୍ରଶ୍ନ କରିଥିଲେ, ତୁମେ କ'ଣ ଓଡ଼ିଆ ହୋଇ ଶିଳ୍ପ ପ୍ରତିଷ୍ଠା କରିପାରିବ ଯେ ତୁମକୁ ଜମି ଦିଆଯିବ। ହେଲେ ଏହାର ଦୃଢ଼ ଜବାବ ଦେଇ ପ୍ରମାଣ କରି ଦେଖାଇଛନ୍ତି ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା। ୪ଶହ ଟଙ୍କାରୁ ବ୍ୟବସାୟ ଆରମ୍ଭ କରି ଏବେ ୬୦୦କୋଟିରୁ ଊର୍ଦ୍ଧ୍ୱ ବାର୍ଷିକ ଆୟ ହେଉଥିବାବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ୩ହଜାରରୁ ଊର୍ଦ୍ଧ୍ୱଲୋକ ଭାରତ ମସଲା ପାଇଁ ଉପକୃତ ହୋଇପାରୁଛନ୍ତି। ଆମ ସରକାର ଓଡ଼ିଆ ଉଦ୍ୟୋଗୀମାନଙ୍କୁ ପ୍ରାଥମିକତା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛୋଟ ବ୍ୟବସାୟରୁ ବଡ଼ ବୃକ୍ଷ ହୋଇଯାଇଥିବା ଭାରତ ମସଲା ତା'ର ଗୁଣବତ୍ତା ପାଇଁ ସମସ୍ତଙ୍କ ପାଖରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଆ ମାଟିରେ ଜନ୍ମ ନେଇଥିବା ପୁଅ ଏତେବଡ଼ ସଂସ୍ଥା ତିଆରି କରି ବହୁ ଲୋକଙ୍କୁ ନିଯୁକ୍ତି ଦେଇପାରିଛନ୍ତି,ତାହା ଆମ ସମସ୍ତଙ୍କ ପାଇ ବଡ଼ କଥା ବୋଲି ମନ୍ତ୍ରୀ ନାୟକ କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଲେ ଯେ, ଶିଳ୍ପ ସଂସ୍ଥାଗୁଡ଼ିକ ନେଉଥିବା ଋଣ ଚାପରୁ ମୁକ୍ତି ଏବଂ ଋଣର ସୁଧ ପରିମାଣ ହ୍ରାସ କରିବାପାଇଁ ନିଷ୍ପତ୍ତି ହେଉଛି। ଓଡ଼ିଆ ଯୁବତୀଯବକଙ୍କୁ ମଧ ଛୋଟ ଛୋଟ ଶିଳ୍ପ କରି ନିଜେ ରୋଜଗାର କରି ଅନ୍ୟ ମାନଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବେ ସେଥିପାଇଁ ପ୍ରୋତ୍ସାହନ ମଧ ଦିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। କଟକ ସଦର ବିଧାୟକ ପ୍ରକାଶ ସେଠୀ ଅତିଥିଭାବେ ଯୋଗଦେଇ ଭାରତ ମସଲା ତା'ର ମାନର ଗୁଣବତ୍ତାକୁ ବଜାୟ ରଖି ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁଲୋକ ଉପକୃତ ହେଉଥିବାବେଳେ ସର୍ବ ଭାରତୀୟ ସ୍ତରରେ ନିଜର ନାମକୁ ବଜାୟ ରଖିଥିବାରୁ ଭାରତ ମସଲା ଅଧ୍ୟକ୍ଷ ଓ ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଅତିଥିଭାବେ ଯୋଗଦେଇ ଭାରତ ମସଲାର ୨୫ବର୍ଷର ଯାତ୍ରାଉପରେ ମତବ୍ୟକ୍ତ କରିଥିଲେ। ସମ୍ପାଦିକା ନନ୍ଦିତା ପଣ୍ଡାଙ୍କ ଦ୍ୱାରା ପ୍ରକାଶିତ ଏକ ବାର୍ଷୀକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅରୁଣ କୁମାର ନାୟକ ଜିଏମ୍ ଅପରେଶନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭାରତ ଗୌରବ ସମ୍ମାନରେ ଡ. ସରୋଜ କୁମାର ପାଣିଗ୍ରାହୀ, ସେବା ଭାରତ ସମ୍ମାନରେ ଡ. ରବିନାରାୟଣ ସେନାପତି, କଥା ଭାରତ ସମ୍ମାନରେ ଡ.ଗାୟତ୍ରୀବାଳା ପଣ୍ଡା, ସଂସ୍କୃତି ଭାରତ ସମ୍ମାନରେ ସୀତାରାମ ଅଗ୍ରୱାଲ, କ୍ରୀଡ଼ା ଭାରତ ସମ୍ମାନରେ ସୁଶ୍ରୀ ବିଭାରାଣୀ ପାତ୍ର, ବିଦ୍ୟା ଭାରତ ସମ୍ମାନରେ ପ୍ରଜ୍ଞାପାରମିତା ଗିରି, ଚିନ୍ମୟପାତ୍ର,ସିଲ୍‌ଭା ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।




# ସୋମବାର ବ୍ୟାଙ୍କ ଛୁଟି

ଭୁବନେଶ୍ୱର, ୭।୯(ଅନିଲ ଦାସ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନ ଅବସରରେ ଆସନ୍ତା ସେପ୍ଟେମ୍ବର ୯ (ସୋମବାର)ରେ ରାଜ୍ୟରେ ସମସ୍ତ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସଂସ୍ଥା ମଧ ବନ୍ଦ ରହିବ। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ରାଜ୍ୟ ସରକାର କିଛିଦିନ ପୂର୍ବରୁ ନୂଆଖାଇ ପାଇଁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ସେହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।

ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ନୂଆଖାଇ ପଡୁଛି। ତେବେ ସେହିଦିନ ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖକୁ ଅର୍ଥାତ୍ ଆସନ୍ତା ସୋମବାରକୁ ମୁଖ୍ୟମନ୍ତ୍ରୀ ଛୁଟି ଘୋଷଣା କରିଛନ୍ତି।

# ରିପୋର୍ଟ ଆସିଲା, ଡେରାବିଶରେ ବାର୍ଡ ଫ୍ଲୁ

■ ମୃତ କୁକୁଡ଼ା ରକ୍ତ ନମୁନା ପରୀକ୍ଷା ପାଇଁ ଯାଇଥିଲା
■ ଆଜିଠାରୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ

ଡେରାବିଶ,୭।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଶତାଧିକ କୁକୁଡା ମୃତ୍ୟୁକୁ ନେଇ ବାର୍ଡ ଫ୍ଲୁ ଆତଙ୍କ ଲାଗି ରହିଥିଲା। ମୃତ କୁକୁଡାଙ୍କ ରକ୍ତ ନମୁନା ଗତ ରବିବାରଠାରୁ ପରୀକ୍ଷା ପାଇଁ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ଲାବରେଟୋରିକୁ ପଠାଯାଇଥିଲା। ଶନିବାର ସନ୍ଧ୍ୟାରେ ସେହି ରିପୋର୍ଟ ଆସିଛି। ବାର୍ଡ ଫ୍ଲୁ କାରଣରୁ କୁକୁଡ଼ା ମଡକ ବଢ଼ିଥିବା ରିପୋର୍ଟରେ ଦର୍ଶାଯାଇଛି। ଡେରାବିଶ ବ୍ଲକ୍ ଏଣ୍ଡର ଓ ବାଲିଆ ପଞ୍ଚାୟତରେ ବିଭିନ୍ନ ଫାର୍ମରେ ମରିଥିବା କୁକୁଡ଼ା ବାର୍ଡ ଫ୍ଲୁଜନିତ କାରଣରୁ ହୋଇଥିବା ଏହି ପରୀକ୍ଷା ରିପୋର୍ଟରେ ସ୍ପଷ୍ଟ ହୋଇଯାଇଛି। ରିପୋର୍ଟ ମିଳିବା ପରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଜିଲା କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଡାକିଥିଲେ। ବୈଠକରେ ଏସ୍‌ପି ସିଦ୍ଧାର୍ଥ କଟ୍ଟାରିଆ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପ୍ରାଣୀଧନ ବିଭାଗର ମୁଖ୍ୟ ଚିକିତ୍ସକ ଡା.ସୁବ୍ରତ କୁମାର ମହାପାତ୍ର, ଅତିରିକ୍ତ ଚିକିତ୍ସକ ଡା. ମୃତ୍ୟୁଞ୍ଜୟ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅନୀତା ପଟ୍ଟନାୟକ, ଡେରାବିଶ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଦିଲୀପ କୁମାର ସେଠୀ, ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ଓ ବିଡିଓ ଦାଶରଥି ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରବିବାର ଜିଲାର ପ୍ରବେଶ ପଥଗୁଡିକ ସିଲ୍ କରାଯିବା ସହ ବାଲିଆ ଓ ଏଣ୍ଡର ପଞ୍ଚାୟତର ବିଭିନ୍ନ ଫାର୍ମରେ ଥିବା ମୃତ ଓ ଜୀବିତ କୁକୁଡ଼ାକୁ ମାଟି ତଳେ ପୋତିବା ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱରରୁ ୧୦ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ରହିବେ ବୋଲି ପ୍ରାଣୀଧନ ମୁଖ୍ୟ ଚିକିତ୍ସକ ଡା. ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହିତ ଜିଲାର ୪ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ରହିବେ। ନିୟୋଜିତ ହେବାକୁ ଥିବା ଅଧିକାରୀମାନେ ସମ୍ପୂର୍ଣ୍ଣ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




# ୧୧ ଯାଏ ବର୍ଷିବ

ଭୁବନେଶ୍ୱର,୭।୯ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଢ଼ ଲଘୁଚାପରେ ପରିଣତ ହେବା ପରେ ଶନିବାର ସନ୍ଧ୍ୟା ସୁଦ୍ଧା ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି। ରବିବାର ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳରେ ଅବପାତର ରୂପ ନେବ। ପରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା, ଝାଡଖଣ୍ଡ ଦେଇ ଛତିଶଗଡ଼ ମୁହାଁ ହେବ। ଏହା ପ୍ରଭାବରେ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ରବିବାର ପ୍ରବଳରୁ ଅତି ପ୍ରବଳ ବର୍ଷା (୭୦ରୁ ୨୦୦ ମି.ମି.) ନେଇ ୫ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲା ରହିଛି। ଏହା ସହ ୯ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ ତାରିଖ ବେଳକୁ ରାଜ୍ୟରେ ବର୍ଷାର ପରିମାଣ ଏବଂ ବିସ୍ତୃତି ବଢ଼ିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଜିଲାକୁ ବଜ୍ରପାତ ସହ ବର୍ଷା ନେଇ ସତର୍କ କରାଯାଇଛି। ସେହିଭଳି ୧୬ ଜିଲାକୁ ୟେଲୋ ୱାର୍ନିଂ ଜାରିକରାଯାଇଛି। ୧୦ ତାରିଖ ପାଇଁ ୯ ଜିଲାକୁ ଆରେଞ୍ଜ ୱାର୍ନିଂ ରହିଥିବାବେଳେ ଏହିସବୁ ଜିଲାଗୁଡ଼ିକ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, ଅନୁଗୋଳ ଓ ଢେଙ୍କାନାଳ ଆଦି ରହିଛି । ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୪୦ ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ୧୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।






ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। -ଶ୍ରୀମା

-ନୂଆଖାଇ ଓ ଋଷି ପଞ୍ଚମୀ



# ପ୍ରଥମରୁ ପଛଘୁଞ୍ଚା



ଆକାର ପଟେଲ

ସଂଖ୍ୟାଗରିଷ୍ଠତା ନ ଥିବା ସରକାରଙ୍କ ସମ୍ମୁଖରେ ଦୁଇଟି ମୁଖ୍ୟ ସମସ୍ୟା ହେଉଛି କେମିତି ସେମାନେ ଅନାସ୍ଥା ପ୍ରସ୍ତାବକୁ ଏଡ଼ାଇଯିବେ ଏବଂ ଆଇନ ପ୍ରଣୟନ କରିବେ। ଏଥିରେ ସଫଳହେବା ପାଇଁ ପ୍ରଥମେ ଶାସକ ଦଳକୁ କ୍ଷମତାରେ ୫ ବର୍ଷ ରହିବା ପାଇଁ ଆବଶ୍ୟକ ସଂଖ୍ୟକ ସାଂସଦଙ୍କୁ ଏକାଠି କରିବା ଦରକାର। ଅର୍ଥାତ୍ କେନ୍ଦ୍ରରେ ମିଳିତ ସରକାର ଏଥିପାଇଁ ନିଜକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ଆମ ଇତିହାସ ସୂଚିତ କରେ ଯେ, ସଂସଦରେ ଦଳର ସିଟ୍ ସଂଖ୍ୟା ୧୫୦ ହେଲେ ବି ସରକାର ଚଳାଇବାରେ ଏହା ସବୁଠୁ କମ୍ ହୋଇ ନ ପାରେ। ୧୯୯୬ର ଜନତା ଦଳ ଓ କମ୍ୟୁନିଷ୍ଟଙ୍କ ମିଳିତ ସରକାରରେ ଦୁଇ ପ୍ରଧାନମନ୍ତ୍ରୀ ଦେବେଗୌଡ଼ା ଓ ଇନ୍ଦର କୁମାର ଗୁଜରାଲଙ୍କ ପାଖରେ କେବଳ ୭୮ଟି ସିଟ୍ ଥିଲା। ତେବେ ବହୁ ନାଟକ ପରେ ସୀତାରାମ କେଶରୀଙ୍କ ନେତୃତ୍ୱାଧୀନ କଂଗ୍ରେସର ଇଚ୍ଛାରେ ସରକାର ଚାଲିଲା, କିନ୍ତୁ ୨ ବର୍ଷ ମଧ୍ୟରେ ଏହାର ପତନ ଘଟିଥିଲା। ଯେଉଁଠାରେ ସହଯୋଗୀମାନଙ୍କର ପ୍ରାୟ ସମାନ ସଂଖ୍ୟକ ସିଟ୍ ଥାଏ ସେକ୍ଷେତ୍ରରେ ସରକାର ଚଳାଇବା ସହଜ ନୁହେଁ, କିନ୍ତୁ କାର୍ଯ୍ୟକାଳ ଶେଷକରିବା ସମ୍ଭବ। ୨୦୧୪ ପୂର୍ବରୁ ତିନୋଟି ମିଳିତ ସରକାର ୫ ବର୍ଷ ତିଷ୍ଠିଥିଲା ଏବଂ ସେମାନଙ୍କ ମଧ୍ୟରୁ ପ୍ରଥମଟି ୬ମାସ ପୂର୍ବରୁ ନିର୍ବାଚନକୁ ଓହ୍ଲାଇବାକୁ ଚାହିଁଥିଲା। ଏହି ତିନୋଟି ମିଳିତ ସରକାରରେ ଶାସକ ଦଳର ୧୮୨ଟି ସିଟ୍ (ବାଜପେୟୀ ୧୯୯୯), ୧୪୫ଟି ସିଟ୍ (ମନମୋହନ ସିଂ ୨୦୦୪) ଏବଂ ୨୦୬ଟି ସିଟ୍ (ମନମୋହନ ସିଂ ୨୦୦୯) ଥିଲା। ଏହା ସତ୍ତ୍ୱେ ଏହି ୩ ସରକାର ସେମାନଙ୍କ କାର୍ଯ୍ୟକାଳ ଶେଷ କରିପାରିଥିଲେ। ୧୮ତମ ଲୋକ ସଭାରେ ୨୪୦ଟି ଆସନ ପାଇଥିବା ଭାଜପା ହେଉଛି ଏକମାତ୍ର ଦଳ ଯିଏ ସରକାର ଚଳାଇପାରିବ। ଭାଜପାର ସହଯୋଗୀମାନେ ଏହା ଜାଣନ୍ତି। ସେମାନେ ବୁଝିଛନ୍ତି, ୨୦୨୯ ପର୍ଯ୍ୟନ୍ତ ସେମାନଙ୍କର ମନ୍ତ୍ରଣାଳୟ ବଜାୟ ରହିବ। ଏହି କାରଣରୁ ସେମାନେ ସରକାରକୁ ସମର୍ଥନ ଦେବା ବ୍ୟତୀତ ଅନ୍ୟ କୌଣସି ଲକ୍ଷ୍ୟ ନାହିଁ। ତେବେ ଅଗଷ୍ଟ ମଧ୍ୟଭାଗରେ ଏକ ଅଜବ ପରିସ୍ଥିତି ସମ୍ପର୍କରେ ଏକ ରିପୋର୍ଟରେ ବର୍ଣ୍ଣନା କରାଯାଇଥିଲା ଯେ, ଯେତେବେଳେ ଭାଜପା ସାଂସଦମାନେ ଇଣ୍ଡିଆ ବ୍ଲକ୍ ସହିତ ତୀବ୍ର ବିତର୍କରେ ଲିପ୍ତଥିଲେ ସେତେବେଳେ ଏନ୍‌ଡିଏ ମେଣ୍ଟର ନିର୍ବାଚିତ ସଦସ୍ୟମାନେ କୌତୂହଳପ୍ରଦ ଦର୍ଶକ ସାଜିଥିଲେ। କାରଣ, ସହଯୋଗୀମାନେ ଭାଜପା ଆଦର୍ଶ ସହ ଜଡ଼ିତ ନୁହନ୍ତି ଏବଂ ୱକଫ ବିଲ୍ ଭଳି ପ୍ରସଙ୍ଗରେ ଏହାକୁ ସମର୍ଥନ କରିବା ପାଇଁ ସେମାନଙ୍କର କୌଣସି ଉତ୍ସାହ ନାହିଁ। ଏହା ଆମକୁ ମିଳିତ ସରକାରଗୁଡ଼ିକର ଦ୍ୱିତୀୟ ଅର୍ଥାତ୍ ଆଇନ ପ୍ରଣୟନରେ ଥିବା ସମସ୍ୟା ସୂଚାଏ। ଯଦି ସମ୍ପୂର୍ଣ୍ଣ କାର୍ଯ୍ୟକାଳ ରହିବା ପାଇଁ ଭାଜପା ନିଶ୍ଚିତ, ତେବେ ଏହା ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ କ'ଣ କରିବ? ପ୍ରଥମରୁ ୱକଫ ବିଲ୍ ଏବଂ ଲାଟେରାଲ ଏଣ୍ଟ୍ରି ପ୍ରସଙ୍ଗରେ ଏହା ପଛଘୁଞ୍ଚାଦେବା ସୂଚିତ କରେ ଯେ ଆଇନ ପ୍ରଣୟନ କରିବା କଷ୍ଟସାଧ୍ୟ ହେବ। କିନ୍ତୁ ପୁନର୍ବାର ମିଳିତ ସରକାରର ଇତିହାସ ଆମକୁ ସ୍ମରଣକରାଇ ଦିଏ ଯେ, ଏହା କଷ୍ଟକର ହୋଇ ନ ପାରେ। ପୂର୍ବ ତିନୋଟି ମିଳିତ ସରକାର ମଧ୍ୟରେ ସବୁଠାରୁ ଦୁର୍ବଳ ଥିଲା ୨୦୦୪ର ମନମୋହନ ସିଂଙ୍କ ସରକାର। କିନ୍ତୁ ତାହା ସୂଚନା ଅଧିକାର ଆଇନ, ଏନ୍‌ଆର୍‌ଇଜିଏ ଏବଂ ଆମେରିକା ସହିତ ଆଣବିକ ଚୁକ୍ତି ପ୍ରଣୟନରେ ସକ୍ଷମ ହୋଇଥିଲା। ଏବେ ନରେନ୍ଦ୍ର ମୋଦିଙ୍କ ଭଳି କେବଳ ପି.ଭି. ନରସିଂହ ରାଓଙ୍କ ନିକଟରେ ପାଖାପାଖି ସମାନ ସଂଖ୍ୟକ ଆସନ ରହିଥିଲା। କିନ୍ତୁ ଅର୍ଥନୈତିକ ସଂସ୍କାରଗୁଡ଼ିକ କ୍ଷେତ୍ରରେ ସଂସଦର ସମର୍ଥନ ପାଇବାକୁ ସେ ସକ୍ଷମ ହୋଇଥିଲେ, ଯାହା ଉଦାରୀକରଣ ନାମରେ ଜଣାଶୁଣା। ଏଥିରୁ ଜଣାପଡ଼େ, ଦୁର୍ବଳ ସରକାରଗୁଡିକ ଯଦି ସହଯୋଗୀଙ୍କ ଉପରେ ବିଶ୍ୱାସ ରଖନ୍ତି, ତେବେ ଦୃଢ଼ ପଦକ୍ଷେପ ନେବା ସମ୍ଭବ ହେବ। ଅତୀତରେ ଭାଜପା ରାଜ୍ୟ ସଭା ବିତର୍କରୁ ଦୂରେଇରହିବା ପାଇଁ 'ମନି ବିଲ୍'କୁ ଗୁପ୍ତରେ ରଖି ଆଧାର ଓ ନିର୍ବାଚନୀ ବଣ୍ଡ ଉପରେ ଆଇନ ପ୍ରଣୟନ କରିଥିଲା। ବର୍ତ୍ତମାନ ଲୋକ ସଭାରେ ଭାଜପା ଦୁର୍ବଳ ଥିବାରୁ ମୋଦି ସରକାରଙ୍କ ପାଇଁ ଏହା ଆଉ ସମ୍ଭବ ହେବ ନାହିଁ। ତେବେ ମୋଦି କିପରି ଆଗକୁ ବଢ଼ିବେ?

ଏକମାତ୍ର ଉପାୟ ହେଉଛି, ଯେଉଁ ବିଷୟଗୁଡ଼ିକୁ ଅସୁବିଧାରେ ପକାଇବା ନିଶ୍ଚିତ, ସେସବୁକୁ ଏଡ଼ାଇଯିବା ଦରକାର, ଯଥା ଏକକ ନାଗରିକ ସଂହିତା ଏବଂ ଜାତୀୟ ନାଗରିକ ପଞ୍ଜୀକରଣ। ବାଜପେୟୀ ଯେଭଳି ହିନ୍ଦୁତ୍ୱକୁ ତ୍ୟାଗକରି ଶାସନ ଏବଂ ନୀତିର ଅନ୍ୟ କିଛି ଢାଞ୍ଚା ଗଠନ କରିଥିଲେ, ସେଭଳି କରିବାକୁ ପଡ଼ିବ। ଯେକୌଣସି ପରିସ୍ଥିତିରେ, ତୃତୀୟ କାର୍ଯ୍ୟକାଳରେ ପ୍ରବେଶ କରିଥିବା ଯେକୌଣସି ନେତା ତାଙ୍କର ମହାନ୍ ଚିନ୍ତାଧାରାରୁ କ୍ଷାନ୍ତ ରହିଛନ୍ତି। ୧୯୬୨ ନିର୍ବାଚନ ପରେ ନେହେରୁ କିମ୍ବା ୨୦୦୫ ପରେ ଟୋନି ବ୍ଲେୟାରଙ୍କ କଥା ଏଠାରେ ବିଚାର କରାଯାଇପାରେ। ପ୍ରତିଷ୍ଠିତ ମିଡିଆ ମାଲିକ ରୁପର୍ଟ ମୁର୍ଡୋଚ୍ ୨୦୦୮ ନିର୍ବାଚନ ପୂର୍ବରୁ ସେତେବେଳର ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ବାରାକ୍ ଓବାମାଙ୍କୁ କିଛି ପରାମର୍ଶ ଦେଇଥିଲେ। ସେ ହ୍ୟାରି ଟ୍ରୁମ୍ୟାନ୍‌ଙ୍କ ପରଠାରୁ ସମସ୍ତ ରାଷ୍ଟ୍ରପତିଙ୍କୁ ଜାଣିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ବି ଜଣେ ସେମାନଙ୍କ ଶାସନର ପ୍ରଥମ କିଛି ମାସ ପରେ ସଂସ୍କାର ଆଣିବାକୁ ସକ୍ଷମ ହୋଇ ନ ଥିଲେ। ତେବେ ଏଭଳି ସମୟରେ ପ୍ରେରଣା, ଶକ୍ତି ଏବଂ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ହିଁ ଉତ୍ତମ ଫଳାଫଳ ସୃଷ୍ଟିକରିବ। ମନେରଖିବା ଉଚିତ, ମନମୋହନ ସିଂ କାର୍ଯ୍ୟଭାର ଗ୍ରହଣ କରିବାର ମାସକ ମଧ୍ୟରେ ଏ ସବୁକୁ ସଫଳତାର ସହ ପାଳନକରି ସଂସ୍କାର ଆଣିପାରିଥିଲେ। ହେଲେ ଏବେ ପ୍ରଧାନମନ୍ତ୍ରୀଙ୍କୁ ସମର୍ଥକମାନେ ଏହି ସରକାରରେ ଶକ୍ତି, ଉତ୍ସାହ କିମ୍ବା ବନ୍ଧୁତ୍ୱପୂର୍ଣ୍ଣ ଭାବନା ଥିବା ଅନୁଭବ କରୁନାହାନ୍ତି। ସଂଖ୍ୟାଗରିଷ୍ଠତା ନ ଥାଇ ପୁରୁଣା ଉପାୟ ଅବ୍ୟାହତ ରହିବାରୁ ସେମାନେ ପଛଘୁଞ୍ଚା ଦେଇଛନ୍ତି ଏବଂ ବିଫଳ ହେଲେ। ମୋଦିଙ୍କଠାରୁ ନୂତନ ଏବଂ ସମସ୍ତଙ୍କୁ ଏକାଠି ନେଇ ଚାଲିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଚାର ନ ଥିବାରୁ ଏହି ଦିଶାହୀନ ଧାରା ଜାରି ରହିବ। ନେତା କ୍ଷମତାରେ ରହିବେ, କିନ୍ତୁ ପ୍ରଭାବ ପକାଇବାକୁ ଅସମର୍ଥ ହେବେ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 4 | | | 3 |
| | 6 | | | | | 2 | | 8 |
| | | 8 | 5 | | 9 | | 4 | |
| | 5 | | | | | | | 2 |
| | | 3 | | | | | | |
| 8 | | | | | | | 1 | |
| 6 | | | 3 | | | | | 5 |
| | 7 | | | 9 | 2 | | 3 | 4 |
| | | | | 1 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 9 | 6 | 3 | 1 | 2 | 8 |
| 2 | 8 | 6 | 7 | 4 | 1 | 3 | 9 | 5 |
| 1 | 9 | 3 | 8 | 5 | 2 | 7 | 6 | 4 |
| 3 | 2 | 8 | 4 | 9 | 6 | 5 | 1 | 7 |
| 6 | 1 | 4 | 5 | 2 | 7 | 8 | 3 | 9 |
| 9 | 5 | 7 | 1 | 3 | 8 | 2 | 4 | 6 |
| 8 | 3 | 1 | 6 | 7 | 4 | 9 | 5 | 2 |
| 5 | 6 | 2 | 3 | 8 | 9 | 4 | 7 | 1 |
| 4 | 7 | 9 | 2 | 1 | 5 | 6 | 8 | 3 |

ଗତକାଲିର ଉତ୍ତର

# ସ୍ମାର୍ଟ ସ୍କୁଲର ସ୍ମାର୍ଟ ରହସ୍ୟ



ହରିଶଙ୍କର ମିଶ୍ର

ଆମ ରାଜ୍ୟରେ ଦୀର୍ଘ ଚବିଶ ବର୍ଷ ନିରଙ୍କୁଶ କ୍ଷମତାରେ ଥିବା ସରକାର କ୍ଷମତାରୁ ହଟିଯିବା ପରେ ଏବେ ଦୁର୍ନୀତିର ଯେଉଁ ପେଡ଼ି ଖୋଲୁଛି ତନ୍ମଧ୍ୟରୁ ସ୍କୁଲ ରୂପାନ୍ତକରଣ ଅନ୍ୟତମ। ଏଥିରେ ହୋଇଥିବା ଦୁର୍ନୀତି ଓ ବାଟମାରଣାର ଅନେକ ତଥ୍ୟଭିତ୍ତିକ ସପ୍ରମାଣ ଖବର ପ୍ରକାଶ ପାଇଥିଲେ ମଧ୍ୟ ସରକାରୀ ନାଲିଆଖିରେ ତାହା ଚପି ଯାଇଥିଲା। କିନ୍ତୁ ଯଦି ସେଇ ରୂପାନ୍ତକରଣ ରାସ୍ତା ଅନୁସନ୍ଧାନ କରାଯାଏ, ତେବେ ଏହା ନିଶ୍ଚିତ ଅନେକ ଶହ କୋଟି ଟଙ୍କାର ଦୁର୍ନୀତି ପଦବାଚ୍ୟ ହେବ ଏହା ନିଃସନ୍ଦେହ। ଏଠାରେ ପ୍ରକାଶଯୋଗ୍ୟ ଯେ, ଦେଶର ଶିକ୍ଷା ପଦ୍ଧତିରେ ନିର୍ଦ୍ଧାରିତ ହାଇସ୍କୁଲ ପାଇଁ ୨୭ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ଆବଶ୍ୟକ ବେଳେ ଆମ ରାଜ୍ୟରେ ୪୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ଅଛନ୍ତି। ଦକ୍ଷ ଓ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନ ଥିଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଅପୂରଣୀୟ କ୍ଷତି ହୋଇଥାଏ। ତାହାକୁ ଅଗ୍ରାଧିକାର ଦିଆ ନ ଯାଇ ସ୍କୁଲ ରୂପାନ୍ତକରଣ ପାଇଁ ବ୍ୟବସ୍ଥା ହେଲା। ୨୦୨୦ ମସିହାରେ ସମୁଦାୟ ଚିହ୍ନଟ ହୋଇଥିବା ୮୮୦୦ ସ୍କୁଲରୁ ଫେବୃଆରୀ ୨୦୨୪ ସୁଦ୍ଧା ୪ଟି ପର୍ଯ୍ୟାୟରେ ୮୬୮୧ଟି ପୁରାତନ ଓ ନୂତନ ସରକାରୀ, ବ୍ଲକ ଗ୍ରାଣ୍ଟ, ସରକାରୀ ସ୍ୱୀକୃତିପ୍ରାପ୍ତ ଏଂ ଅନୁମତିପ୍ରାପ୍ତ ସ୍କୁଲର ରୂପାନ୍ତକରଣ କରାଯାଇଥିବାର ସରକାରୀ ତଥ୍ୟ ରହିଛି। ଏଥିପାଇଁ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୩୭୧୧ କୋଟି ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୦କୋଟି ଟଙ୍କା ଅତିରିକ୍ତ ବ୍ୟୟ ମଞ୍ଜୁର ହୋଇଥିବାର ମଧ୍ୟ ସୂଚନା ରହିଛି। ଏହି ରୂପାନ୍ତକରଣରେ ମଧ୍ୟ ୫-ଟି ବିଷୟକୁ ଗୁରୁତ୍ୱ ଦିଆଯାଇଥିଲା। ତାହା ହେଲା ସ୍ମାର୍ଟ ଶ୍ରେଣୀକକ୍ଷ, ଇ-ଲାଇବ୍ରେରି, ବିଜ୍ଞାନାଗାର, ଆକର୍ଷଣୀୟ ପରିବେଶ ଏବଂ କ୍ରୀଡ଼ାର ଉନ୍ନତୀକରଣ। ପ୍ରଥମ ପର୍ଯ୍ୟାୟରେ ସ୍କୁଲ ପିଛା ୩୫ ଲକ୍ଷ ଓ ପରେ ୪୫ ଲକ୍ଷ ଏବଂ ଯେଉଁ ସ୍କୁଲଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ନଥିଲା, ସେଥିପାଇଁ ୬୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

ଏହି ଅର୍ଥକୁ ସ୍କୁଲପିଛା ଆବଣ୍ଟନର ଦାୟିତ୍ୱ ସମ୍ପୃକ୍ତ ଜିଲାର ଜିଲାପାଳ ଏବଂ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଯୁଗ୍ମ ଦାୟିତ୍ୱରେ ରହିଥିଲା। ସେମାନେ ମଞ୍ଜୁର ହୋଇଥିବା ଟଙ୍କା ସମ୍ପୃକ୍ତ ବ୍ଲକକୁ ଦେଉଥିଲେ। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ବିଭାଗୀୟ ଭିତ୍ତିରେ ଏବଂ ବିଡିଓମାନଙ୍କ ତତ୍ତ୍ୱାବଧାନରେ ଏହି ରୂପାନ୍ତକରଣ କାର୍ଯ୍ୟ ହେଉଥିଲା ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରୁଥିଲେ। ଏହା ସତ୍ୟ ଯେ, ୨୦୧୯ ମସିହା ପୂର୍ବରୁ ରାଜନୈତିକ ଦୂରଭିସନ୍ଧି ରଖି ବ୍ଲକର



ପ୍ରତ୍ୟେକ କାର୍ଯ୍ୟ ବିଭାଗୀୟ ଭିତ୍ତିରେ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ କରାଯାଉଛି। ଜଣେ କନିଷ୍ଠ ଯନ୍ତ୍ରୀ ଚାରି ପାଞ୍ଚଟି ପଞ୍ଚାୟତ ଦାୟିତ୍ୱରେ ରହୁଥିବାରୁ ସମସ୍ତ ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ତଦାରଖ ତାଙ୍କ ଦ୍ୱାରା ସମ୍ଭବ ନୁହେଁ। କିନ୍ତୁ ଅଲିଖିତ ନିୟମରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସୁପାରିସରେ ଦଳୀୟ କର୍ମୀଙ୍କ ଦ୍ୱାରା କାର୍ଯ୍ୟ କରାଯିବ ଏଂ ଲୋକପ୍ରତିନିଧିଙ୍କର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ମଧ୍ୟ ସିଧା କର୍ତ୍ତୃତ୍ୱ ରହିବ। ସେହି ଉଦ୍ଦେଶ୍ୟରେ ସ୍କୁଲ ରୂପାନ୍ତକରଣ ଦାୟିତ୍ୱ ମଧ୍ୟ କନିଷ୍ଠ ଯନ୍ତ୍ରୀଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟ ଆରମ୍ଭ ପୂର୍ବରୁ କୌଣସି ପ୍ରାକ୍ ଆକଳନ କରାଯାଇନଥିଲା ବରଂ ଧୁଆ ମୂଳା ଅଧୁଆ ମୂଳା ସମାନ ନୀତିରେ ଉପରୋକ୍ତମତେ ଅର୍ଥ ବରାଦ କରାଯାଇ ସ୍ୱଳ୍ପ ସମୟରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ରୂପାନ୍ତକରଣ ପାଇଁ ଦୁଇଟି ଶ୍ରେଣୀ କକ୍ଷ, ବିଜ୍ଞାନାଗାର ଓ ଇ-ଲାଇବ୍ରେରି ସହ ଇଣ୍ଟରନେଟ୍ ସଂଯୋଗ କମ୍ପ୍ୟୁଟର ବ୍ୟବସ୍ଥା, ପରିବେଶ ଉନ୍ନତି ଏବଂ ବିଦ୍ୟାଳୟ କାନ୍ଥରେ ନିର୍ଦ୍ଦିଷ୍ଟ ରଙ୍ଗ ଦେବାକୁ ନିର୍ଦ୍ଦେଶ ଥିଲା। ସ୍ୱଳ୍ପ ସମୟର ସୁଯୋଗ ନେଇ କେଉଁଠି ଆଗରୁ ଥିବା କାନ୍ଥରେ କେବଳ ରଙ୍ଗ ମାରିଦିଆଗଲା ତ କେଉଁଠି ନିମ୍ନମାନର ଇଟା ବାଲି ସିମେଣ୍ଟ ଓ ଲୁହା ରଡ଼ ବ୍ୟବହାର ହେଲା। ଅନେକ ସ୍କୁଲର କାର୍ଯ୍ୟ ସରିବା ପୂର୍ବରୁ ଲୋକାର୍ପଣ ଦିନ ନିର୍ଦ୍ଧାରଣ ଯୋଗୁଁ କେବଳ ବାହ୍ୟ ପରିବେଶକୁ ମରାମତି କରାଯାଇ ଫଟୋ ଉଠାଇ ପଠାଇ ଦିଆଗଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିର୍ମାଣ ସମ୍ପର୍କରେ ଥିବା ସରକାରୀ ମାର୍ଗଦର୍ଶିକାକୁ ସମସ୍ତ କାର୍ଯ୍ୟରେ ଉଲ୍ଲଂଘନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଏହି ରୂପାନ୍ତକରଣ ସମସ୍ତ ଜିଲାରେ ସମାନ ଭାବରେ ପାଳନ ହୋଇନଥିଲା। କେଉଁଠି କମ୍ପ୍ୟୁଟର ଆଦି କିଣିବାକୁ ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ କେଉଁଠି ବ୍ଲକ ତରଫରୁ ସମସ୍ତ ଦ୍ରବ୍ୟ କିଣାଯାଇଛି। କିଛି ବର୍ଷ ପୂର୍ବରୁ ଅନେକ ସ୍କୁଲକୁ ରାଜ୍ୟ ଶିକ୍ଷା ଅଭିଯାନ ମାଧ୍ୟମରେ ବେଞ୍ଚ ଡେସ୍କ ଯୋଗାଇ ଦିଆଯାଇଥିଲା। କିନ୍ତୁ ପୁନଶ୍ଚ ସେଇ ସ୍କୁଲକୁ ନୂଆ ବେଞ୍ଚ ଡେସ୍କ ଯୋଗାଣ ଦର୍ଶାଯିବା ହୁଏତ ପୁରୁଣାକୁ ନୂଆରେ ରୂପାନ୍ତର କରାଯାଇଥିବା ଅସମ୍ଭବ ନୁହେଁ। ଆମର ପ୍ରଚଳିତ ବିଧି ବ୍ୟବସ୍ଥାରେ କୌଣସି ଅନୁଷ୍ଠାନର ନିର୍ମାଣ ସହ ଆସବାବପତ୍ରର ବିବରଣୀ ପାଇଁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଜମା ତାଲିକା ରଖିବା ବାଧ୍ୟତାମୂଳକ। କିନ୍ତୁ ଏହି କାର୍ଯ୍ୟ ଦ୍ୱୈତ ମାଲିକାନାରେ ହୋଇଥିବାରୁ ଏହାର ସଠିକ୍ ତଥ୍ୟ କେବଳ ପୁଙ୍ଖାନୁପୁଙ୍ଖ ତଦନ୍ତରୁ ହିଁ ସ୍ପଷ୍ଟ ହୋଇପାରିବ। ସବୁଠାରୁ ଚମକପ୍ରଦ ତଥ୍ୟ ହେଉଛି, ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥାଙ୍କ ସହ ଦ୍ରବ୍ୟର ଦର ସବୁ ଉପର ସ୍ତରରେ ନିର୍ଦ୍ଧାରିତ ହୋଇଥିଲା, ଯାହାକି ବ୍ଲକ ବା ସ୍କୁଲ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଦ୍ରବ୍ୟର ମାନ କିଏ ନିର୍ଦ୍ଧାରଣ କରିଥିଲା, ତାହା ପ୍ରଶ୍ନବାଚୀରେ ରହିଛି।

ସ୍ମାର୍ଟ ସ୍କୁଲର ସ୍ମାର୍ଟ ବୋର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ସ୍ମାର୍ଟ ଶ୍ରେଣୀରେ ସ୍ଥାପିତ ଏଇ ସ୍ମାର୍ଟ ବୋର୍ଡରେ ପେନ୍ ଡ୍ରାଇଭ ଲଗାଇଦେଲେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ପାଠ ଛାତ୍ରୀଛାତ୍ରମାନେ ଶୁଣିପାରିବେ। ଶିକ୍ଷକ କେବଳ ଠିଆହୋଇ ତାହାକୁ ନିୟନ୍ତ୍ରଣ କରିବେ। କିନ୍ତୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମତରେ ପରୀକ୍ଷାରେ ଓ ଏମ୍‌ଆର ପଦ୍ଧତିରେ ହେଉଥିବା ପରୀକ୍ଷା ପାଇଁ ସେହି ପାଠପଢ଼ା ଛାତ୍ରୀଛାତ୍ରଙ୍କ ଉପଯୋଗୀ ହେଉ ନ ଥିବାରୁ ଏହାକୁ ବ୍ୟବହାର କରାଯାଉନାହିଁ। ଏହି ପାଠ କେଉଁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ନିର୍ଣ୍ଣୟ ହୋଇଛି ତା'ର ଉତ୍ତର କାହାରି ପାଖରେ ନାହିଁ। କିନ୍ତୁ ଏଥିପାଇଁ ଆବଶ୍ୟକ ପେନ୍ ଡ୍ରାଇଭ କେଉଁଠି ବ୍ଲକ କିଣିଛି ଏବଂ ସ୍କୁଲ ତରଫରୁ ଡାଉନ୍ ଲୋଡ଼ ହୋଇଛି ତ ନିର୍ଦ୍ଦିଷ୍ଟ କିଛି ଜିଲାରେ ସ୍କୁଲ ପରିଚାଳନା ପାଇଁ ୭୫ ହଜାର ଦିଆଯାଇ ସେଇ ଅର୍ଥରୁ ୬୭ ହଜାର ଟଙ୍କା ନିଆଯାଇ ପେନ୍ ଡ୍ରାଇଭ ଯୋଗାଣ ହୋଇଛି। ଏହି ସମସ୍ତ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ହେଉଥିବାବେଳେ ଯେଉଁ ଅଭିଯୋଗ ଆସୁଥିଲା ବା ଆସିବାର ସମ୍ଭାବନା ଥିଲା ତାହାକୁ ମଧ୍ୟ ସୁଚିନ୍ତିତ ଭାବରେ ପ୍ରଶମିତ କରାଗଲା। ଠିକ୍ ନିର୍ବାଚନ ପୂର୍ବରୁ ରାଜ୍ୟର ଶିକ୍ଷକ, ପ୍ରଧାନ ଶିକ୍ଷକ, ପୁରାତନ ଛାତ୍ର କମିଟି, ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନ, ଜିଲା ଓ ବ୍ଲକ ଶିକ୍ଷାଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କୁ ରାଜ୍ୟସ୍ତରରେ ୧୯,୪୬୭, ଜିଲାସ୍ତରରେ ୪,୬୮୦, ବ୍ଲକ ସ୍ତରରେ ୩୪,୮୫୮, ଉପଖଣ୍ଡ ଓ ନଗରାଞ୍ଚଳରେ ୧୧୮ ଜଣଙ୍କୁ ୧୪ଟି ବିଭାଗ ପାଇଁ ସର୍ବମୋଟ ୧୧୬,୮୪, ୭୯,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ତଥ୍ୟର ସରକାରୀ ସୂଚନା ରହିଥିବାରୁ ଏବଂ ଏହା ଜନସାଧାରଣ ଟିକସ ପଇସାରୁ ବ୍ୟୟ ହୋଇଛି। ପ୍ରକାଶଯୋଗ୍ୟ, ଏହି ପୁରସ୍କାର ସହ କଲେଜଗୁଡ଼ିକର ହୋଇଥିବା ଓ କାର୍ଯ୍ୟକ୍ରମ ପାଇଁ ବ୍ୟୟ ହୋଇଥିବା ଟଙ୍କାର ବାର୍ଷିକ ସୁଧରେ ଅନ୍ୟୂନ ୨୦୦୦ ଶିକ୍ଷକ ପଦବୀ ପୂରଣ ହୋଇପାରିଥାନ୍ତା।

୧୧୩-ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# କୃଷି ଓ କୃଷକର ପର୍ବ ନୂଆଁଖାଇ



ବୈଷ୍ଣବ ମେହେର

କୃଷିଭିତ୍ତିକ ପର୍ବ ନୂଆଁଖାଇ ଓଡ଼ିଶାର ପଶ୍ଚିମାଞ୍ଚଳରେ କାହିଁ କେଉଁ କାଳରୁ ପାଳନ କରାଯାଇ ଆସୁଛି। ନୂଆଁଖାଇରେ ନୂଆଁ ଶସ୍ୟର ପ୍ରଥମ ନୈବେଦ୍ୟକୁ ବିଷ୍ଣୁଙ୍କୁ ଅର୍ପଣ କରିବା ବେଳେ ଏମିତି ଯୁଗଯୁଗ ଧରି ମଣିଷସମାଜ ପାଇଁ ଅନ୍ନର ଅଭାବ ନ ଘଟୁ ବୋଲି କାମନା କରାଯାଏ। ଏଥିସହ ଯେଉଁମାନଙ୍କ ଦୂରଦୃଷ୍ଟିସଂପନ୍ନ କୌଶଳର ଫଳ ସ୍ୱରୂପ କୃଷିକାର୍ଯ୍ୟର ପ୍ରୟୋଗ କରି ଶସ୍ୟ ଉତ୍ପାଦନ କରାଯାଇ ପାରୁଛି, ସେହି ପୂର୍ବପୁରୁଷମାନଙ୍କୁ ମଧ୍ୟ ଏ ଅବସରରେ ଯଥାମାନ୍ୟ ସ୍ମରଣ କରାଯାଇଥାଏ।

ନୂଆଁଖାଇ ପାଳନ ଖୁବ୍ ନିଆରା। କେଉଁ ଆବାହମାନ କାଳରୁ ଏହି ପର୍ବ ପାଳନ ହୋଇଆସୁଛି ଏହାର ସଠିକ ଐତିହାସିକ ବିବରଣୀ ପ୍ରଦାନ କରିବା ଏଯାଏଁ ସମ୍ଭବ ହୋଇନାହିଁ। ପୂର୍ବରୁ ଏହି ପର୍ବ ପାଳନ କୃଷକ ପରିବାର ମଧ୍ୟରେ ସୀମିତ ରହିଥିଲା। ସମୟ କ୍ରମେ ସମାଜର ସମସ୍ତ ବର୍ଗର ଲୋକ ଏହାକୁ ପାଳନ କରିବାକୁ ଲାଗିଲେ।

ପୂର୍ବରୁ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଥିବାରୁ ନୂଆଁଖାଇ ପାଳନର ତିଥି ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନଭିନ୍ନ ହେଉଥିଲା। ଏପରିକି ରାଜରାଜୁଡ଼ା ଶାସନ ପରେ ମଧ୍ୟ ରାଜାଙ୍କ ଇଷ୍ଟଦେବୀଙ୍କ ନାମାନୁସାରେ ରାଜ ପୁରୋହିତମାନେ ନୂଆଁଖାଇର ଲଗ୍ନ ବାହାର କରୁଥିଲେ। ଫଳରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ଏହା ପାଳିତ ହେଉଥିଲା। ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ଦିନରେ ନୂଆଁଖାଇ ପାଳନ ହେଉଥିବାରୁ ଏହା ସାମାଜିକ ସ୍ତରରେ ଏକ ଅସଙ୍ଗତ ସ୍ଥିତି ସୃଷ୍ଟି କରୁଥିଲା। ଫଳରେ ୧୯୯୧ରେ ସର୍ବସମ୍ମତିରେ ଗଣେଶ ଚତୁର୍ଥୀର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ତିଥିରେ ସମସ୍ତଙ୍କ ପାଇଁ ନୂଆଁଖାଇର ତିଥି ସ୍ଥିର କରାଗଲା।

ତେବେ ଭାଦ୍ରବ ମାସରେ ଧାନ ପାଚୁ ନ ଥିବା ସତ୍ତ୍ୱେ ଏହି ମାସରେ ନୂଆଁଖାଇ ଅନୁଷ୍ଠିତ କରାଯିବାର ଏକ ସାମାଜିକ ମହତ୍ ଉଦ୍ଦେଶ୍ୟ ନିହିତଥିବା ଜଣାଯାଏ। ନୂଆଁଖାଇ ନ ସରିବା ଯାଏଁ ନୂଆଁଧାନକୁ ବ୍ୟବହାର କରିବା ସଂପୂର୍ଣ୍ଣ ନିଷିଦ୍ଧ ବୋଲି ସାଧାରଣରେ ଗ୍ରହଣ କରାଯାଏ। ଅର୍ଥନୈତିକ ଦୃଷ୍ଟିରୁ ସମାଜରେ ବିଭିନ୍ନ ସ୍ତରର ଲୋକ ବାସ କରୁଥିବାରୁ ପ୍ରାୟ ପରିବାର ପ୍ରତିପୋଷଣ ପାଇଁ ଉତ୍ପାଦିତ ଶସ୍ୟ ଉପରେ ନିର୍ଭର କରୁଥିଲେ। ତେଣୁ ସବୁ ଜମିର ଧାନ ପାଚିବା ଯାଏଁ ଅପେକ୍ଷା କଲା ଭଳି ସମ୍ବଳ ଅନେକ ଲୋକଙ୍କ ନ ଥିବାରୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଭାଦ୍ରବ ଶୁକ୍ଳପକ୍ଷକୁ ନୂଆଁଖାଇର ଉପଯୁକ୍ତ ସମୟ ଭାବେ ଗ୍ରହଣ କରାଯାଇଆସୁଛି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଆଗଭଳି ସହଜରେ ପାଚିଲା ଧାନ ମିଳୁ ନ ଥିଲେ ମଧ୍ୟ ନୂଆଁଖାଇ ତିଥିରେ ନୂଆଁଧାନ ନ ମିଳିବା ଭଳି ସ୍ଥିତି ଏଯାଏଁ ଆସିନାହିଁ।

ସାଧାରଣତଃ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଇଥାଏ। ନୂଆଁଖାଇର ପୂର୍ବଦିନକୁ 'ଉପାସ' ବୋଲି କୁହାଯାଏ। ଏହି ଦିନ ଗାଁର



ଝାଙ୍କର (ଦେବୀ ପୂଜକ) ଉପବାସ ରହି ନିର୍ଦ୍ଦିଷ୍ଟ ଲଗ୍ନରେ ଜମିକୁ ଯାଇ ବିଧି ଅନୁସାରେ ଧାନିକେଣ୍ଡାକୁ ପୂଜାପାଠ କରିବା ପରେ କ୍ଷୀର ଢାଳି ଥା'ନ୍ତି। ଏହା ପରେ ମାଟି ଦେବତାକୁ କୃତଜ୍ଞତା ଅର୍ପଣ ପୂର୍ବକ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥା'ନ୍ତି। ନୂଆଁ ଧାନକେଣ୍ଡାକୁ ଗ୍ରାମଦେବୀ ପୀଠରେ ପୂଜାଅର୍ଚ୍ଚନା ପରେ ଗାଁର ସମସ୍ତ ପରିବାରକୁ କିଛିକିଛି ଧାନକେଣ୍ଡା ବଣ୍ଟନ କରିଥା'ନ୍ତି। ଆଗରୁ ନିଜେ ସଂଗ୍ରହ କରିଆଣିଥିବା ନୂଆଁ ଧାନକେଣ୍ଡାରେ ଝାଙ୍କର ଦେଇଥିବା ଧାନକେଣ୍ଡାକୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଏ। ଦ୍ୱିତୀୟ ଦିବସ ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଦିନ। ଏହି ଦିନ ପାଇଁ ବହୁ ପୂର୍ବରୁ ଘରଦ୍ୱାର ଲିପାପୋଛା କରାଯାଇ ଘରେ ବ୍ୟବହାର ହେଉଥିବା ସମସ୍ତ ଲୁଗାପଟା, ଆସବାବପତ୍ର ଆଦି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀକୁ ସଫା କରାଯାଇଥାଏ। ପରିବାରର ଯିଏ ଯେଉଁଠି ରହୁଥିଲେ ମଧ୍ୟ ନୂଆଁଖାଇ ପାଇଁ ସମସ୍ତେ ଘରକୁ ଫେରି ଆସିଥାନ୍ତି। ଏହିଦିନ ସମସ୍ତେ ନୂଆଁ ଲୁଗା ପରିଧାନ କରିଥା'ନ୍ତି। ପରିବାରର ମୁଖ୍ୟ ମଧ୍ୟ ଶୁଦ୍ଧପୂତ ହୋଇ ଠିକ୍ ଲଗ୍ନରେ ଇଷ୍ଟଦେବୀ ଓ ଘରର ପିତୃପୁରୁଷଙ୍କୁ ସ୍ମରଣ କରି କୁରେଇ କିମ୍ୱା ମହୁଲ ଆଦି ପତ୍ରରେ ନୂଆଁଧାନରେ ପ୍ରସ୍ତୁତ ନୂଆଁ କୁଣ୍ଡାକୁ ନୈବେଦ୍ୟ ଭାବରେ ଅର୍ପଣ କରିଥାନ୍ତି। ଏହା ପରେ ପୂର୍ବ ଦିଗକୁ ମୁହଁ କରି ଭୂମି ଉପରେ ବସିଥିବା ସମସ୍ତଙ୍କୁ ପରିବାରର ବୟସ୍କା ମହିଳା ଫୁଲ ଚନ୍ଦନ ଦେଇ ବନ୍ଦାପନା କରିଥା'ନ୍ତି। ବନ୍ଦାପନା ପରେ ଘରର ମୁରବିଙ୍କ ଦ୍ୱାରା କ୍ଷୀର, ମହୁ, ଗୁଡ଼ ଆଦିର ମିଶ୍ରଣରେ ପ୍ରସ୍ତୁତ ନୂଆଁଧାନ କୁଣ୍ଡାକୁ ବଣ୍ଟନ କରାଯାଏ। ସମସ୍ତଙ୍କୁ ନୂଆଁ କୁଣ୍ଡା ଦେଇ ସାରିଲା ପରେ ଘରର ମୁରବି ନିଜେ ନୂଆଁ ପ୍ରସାଦ ଧରି ହରିବୋଲ ଡାକ ପକାନ୍ତି।ଏହା ପରେ ଉପସ୍ଥିତ ସମସ୍ତେ ହରିବୋଲ କହି ସାମୂହିକ ନୂଆଁ ଅନ୍ନ ସେବନ କରିଥାନ୍ତି। ନୂଆଁଖିଆ ସରିଲା ପରେ ଆରମ୍ଭ ହୁଏ ଜୁହାର ଭେଟ। ଛୋଟମାନେ ନିଜଠୁ ବଡ଼ ସମସ୍ତଙ୍କୁ ପାଦ ଛୁଇଁ ଜୁହାର କରନ୍ତି। ବଡ଼ମାନେ ଅତି ଆଦରରେ ସାନମାନଙ୍କୁ ସ୍ନେହ ଶ୍ରଦ୍ଧା ସହ ଆଶୀର୍ବାଦ ଦିଅନ୍ତି। ପାରିବାରିକ ଜୁହାର ଭେଟ ପରେ ସାମୂହିକ ଭୂରି ଭୋଜନ ସଂପନ୍ନ ହୁଏ। ଏହା ପରେ ଅସଲ ଜୁହାର ଭେଟ ହୁଏ ଗାଁ ଦାଣ୍ଡରେ। ମନ୍ଦିର ମଣ୍ଡପ, ଛକମାନଙ୍କରେ ଗାଁ ସାରା ଲୋକ ସମବେତ ହୋଇ ଜୁହାର ଭେଟ ହୋଇଥାନ୍ତି। ଏହି ସମୟରେ ବିଭିନ୍ନ ଖେଳ କୌତୁକ ସହ ଭଜନ, କୀର୍ତ୍ତନ, ଘୁମୁରା, ନାଚ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ସବୁଠାରୁ ବଡ଼ କଥା ହେଲା, ଜୁହାର ଭେଟ ସମୟରେ ପୂର୍ବରୁ ନିଜ ନିଜ ମଧ୍ୟରେ ଥିବା ମନୋମାଳିନ୍ୟ, ଭେଦଭାବକୁ ସମସ୍ତେ ସଂପୂର୍ଣ୍ଣ ଭୁଲି ଯାଇଥାନ୍ତି।

ନୂଆଁଖାଇର ତୃତୀୟ ଦିବସକୁ 'ନୂଆଁଖାଇ ବାସି' କୁହାଯାଏ। ପୂର୍ବଦିନର ବଳକା ବାସିପିଠାକୁ ଏହି ଦିନ ଖାଇବାର ପରମ୍ପରା ରହିଛି। ବାସିଦିନ ମୁଖ୍ୟତଃ ମାଛ, ମାଂସ ଆଦି ଆମିଷ ଭୋଜନକୁ ପ୍ରାଧାନ୍ୟ ଦିଆଯାଏ। ବାସି ଅବସରରେ ସମ୍ପର୍କୀୟ ପରିବାରମାନଙ୍କୁ ଘରକୁ ଡାକି ଆମିଷ ଭୋଜନରେ ଆପ୍ୟାୟିତ କରାଯାଏ। ଏହି ଭେଟ୍‌ଘାଟ କାର୍ଯ୍ୟକ୍ରମ ପ୍ରାୟ ମାସେ ପର୍ଯ୍ୟନ୍ତ ଲାଗି ରହିଥାଏ।

ସିନାପାଲି, ନୂଆପଡ଼ା
ମୋ:୯୭୭୭୭୫୩୯୩୫

## ଏଇ ଭାରତରେ

ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ୩୬ ବର୍ଷୀୟ ଡି ଉମା ରାନି ପ୍ରତିଦିନ ୮୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ବିଶେଷକରି ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହିଥିବା ଲୋକମାନଙ୍କ ପାଇଁ ଉମା ଏହି ବ୍ୟବସ୍ଥା କରିଛନ୍ତି। କୋଭିଡ୍ ମହାମାରୀ ପରେ ସେ ଏହା ଆରମ୍ଭ କରିଥିଲେ। ସେତେବେଳେ ସେ ତିରୁଭାନ୍ନା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିଲେ। ସେହି କାର୍ଯ୍ୟରୁ ସଞ୍ଚିତ କରିଥିବା ଅର୍ଥରେ ଉମା ମାଗଣା ଖାଦ୍ୟ ଯୋଗାଇବା ଆରମ୍ଭ କରିଥିଲେ। ଦୀର୍ଘ ସାଢେ ଚାରି ବର୍ଷ ହେଲା ଏହା ସେ ଜାରି ରଖିଛନ୍ତି। ଖାଇବାକୁ ଦେଉଥିବା ସ୍ଥାନର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ (ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର)। ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଜାଉ ଆଦି ଦେଉଛନ୍ତି। ଏବେ ଏହି ଖାଦ୍ୟ ପ୍ରସ୍ତୁତିରେ କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି ଓ କେତେକ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି। ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ୍ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୭୫

- ଭାରତୀୟ ପେଷାଦାର ସାମ୍ବାଦିକ ମହାସଂଘର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ନୀଳକଣ୍ଠ ମହାଦେବ ସିଧାୟେଙ୍କ ୬୬ ବର୍ଷ ବୟସରେ ପରଲୋକ।
- ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ଦ୍ୱାରା ନରୱେରୁ ଭଡ଼ାରେ ଅଣାଯାଇଥିବା ଅତ୍ୟାଧୁନିକ ରିଗ୍ ଯୋଗେ ବମ୍ବେ ହାଏର ୬ ନମ୍ବର ତୈଳ କ୍ଷେତ୍ରରେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ।
- ତୁର୍କୀର ପୂର୍ବ ଓ ଦକ୍ଷିଣାଞ୍ଚଳରେ ପ୍ରବଳ ଓ ଭୟାବହ ଭୂମିକମ୍ପ ଘଟି ପ୍ରାୟ ହଜାରେ ଲୋକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଝିଅମାନେ କେତେ ସୁରକ୍ଷିତ

ମହାଶୟ,

ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପୂରିଲାଣି। କିନ୍ତୁ ଆଜିବି ପ୍ରଶ୍ନ ଉଠୁଛି, ଝିଅମାନେ କେତେ ସୁରକ୍ଷିତ? ଆଜିର ସମାଜରେ ଝିଅଟେ କାହିଁକି ସ୍ୱାଧୀନ ଭାବେ ନିଜର ମତାମତ ତଥା ବିଚାର ବ୍ୟକ୍ତ କରିପାରୁନାହିଁ। ପ୍ରତି ମୁହୂର୍ତ୍ତରେ ତାକୁ ସଂଘର୍ଷ କରିବାକୁ ପଡୁଛି। ଘର ପରିବାରଠୁ ଆରମ୍ଭ କରି ସମାଜର ସମସ୍ତ କ୍ଷେତ୍ରରେ ତାକୁ ବଡ଼ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତିଦିନ ମନରେ ଏକ ଆଶଙ୍କାର ସହିତ ଚଳିବାକୁ ପଡୁଛି। ପ୍ରତିଦିନ ଦେଶରେ ଦୁଷ୍କର୍ମ, ଗଣଦୁଷ୍କର୍ମ ତଥା ହତ୍ୟା ଭଳି ଜଘନ୍ୟ କାଣ୍ଡ ଘଟୁଛି। ଅଥଚ ଦୋଷୀ ଦଣ୍ଡ ପାଇବାକୁ ବିଳମ୍ବ ହେଉଛି। ନ୍ୟାୟ, ବିଚାର ବିଭାଗ ଏତେ କୋହଳ କାହିଁକି? ଦୋଷୀ ବା ଏଭଳି ଅସାମାଜିକ ମଣିଷମାନଙ୍କର ମନୋବଳ ବଢ଼ିଯାଉଛି। ତେଣୁ ଏସବୁକୁ ବିଚାରକୁ ନେଇ ଦୋଷୀକୁ ତୁରନ୍ତ କଠୋର ଦଣ୍ଡ ଦିଆଯାଉ। ଏତଦ୍‌ବ୍ୟତୀତ ଅଭିଭାବକମାନେ ମଧ୍ୟ ସଚେତନ ରହିବା ଉଚିତ। ସବୁ କ୍ଷେତ୍ର ବା ସମସ୍ତ ଘଟଣାରେ ଗୋଟାଏ ଝିଅକୁ ବଳିଦାନ ଦେବାକୁ ନ ପଡୁ। ଭାରତ ଭଳି ଗଣତନ୍ତ୍ର ରାଷ୍ଟ୍ରରେ ଝିଅଟି କେତେ ସୁରକ୍ଷିତ ବୋଲି ସର୍ବଦା ପ୍ରଶ୍ନବାଚୀ ହେଉଛି।

-ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱରାଶି
ନିଭାଇ ଦେଇ
ଆସିଲା ଘୋଟି ତମ
ସମ୍ମୁଖରେ ଡାହାଣ ବାମେ ମମ!
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପୃଥିବୀର ଅନେକ ସ୍ଥାନରେ ପହିଲା ଶସ୍ୟକୁ ପ୍ରକୃତି, ଦେବଦେବୀ ଓ ପୂର୍ବପୁରୁଷଙ୍କୁ ଅର୍ପଣ କରିବା ବିଧି ରହିଛି । ପଶ୍ଚିମ ଓଡ଼ିଶା ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ଆଧାର ଧାନ। କୃଷିଜୀବୀ ମଣିଷ ପାଇଁ ଧାନ ଅମୃତର ମଞ୍ଜି ସଦୃଶ । ସେହି ଧାନକୁ ପ୍ରକୃତି, ଦେବଦେବୀ ଓ ପିତୃପୁରୁଷଙ୍କୁ ଅର୍ପଣ କଲା ପରେ ଲୋକେ ନୂଆଁ ଖାଇଥାନ୍ତି । ସାଧାରଣତଃ କୃଷିଜୀବୀ ମଣିଷ ଚାଷରେ ତା'ର ସକଳ ଜମା ପୁଞ୍ଜି ଲଗାଇ ଦେଇଥାଏ । ତେଣୁ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ହେଉଛି ଅଭାବର ବେଳାରେ ଭାବର ତିହାର୍ ।

# ନୂଆଁଖାଇ: ଅଭାବ ବେଳାରେ ଭାବର ତିହାର୍

**ପ୍ରସ୍ତୁତି ପର୍ବ :** ଧାର୍ଯ୍ୟଲଗ୍ନରେ ନୂଆଁଖାଇ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ଏହି ସମୟରେ ଗାଁ ଚତୁଃପାର୍ଶ୍ୱରେ କାଶତଣ୍ଡୀ ଫୁଲ ପବନରେ ଲହଡ଼ି ମାରୁଥାଏ। ସବୁଜିମାରେ ଭରି ଯାଇଥାଏ ଚଉଦିଗ । ଗଡ଼ାଣିଆ ଆଟ ଜମିରେ ପାଚିଆସୁଥାଏ ନିଅଣ୍ଟ ସମୟର ସମ୍ବଳ ସଅଳ କିସମ ଧାନ। ଦୂରଦୂରାନ୍ତରେ ଥିବା ଗାଁ ପୁଅ ଗାଁକୁ ଫେରେ । ଦାଦନ ଜୀବନଠୁ ମୁକୁଳି ଶ୍ରମଜୀବୀ ମଣିଷ ଫେରେ ଆପଣା ଘର । ବର୍ଷକରେ ଥରେ ତ ଏହି ଭାବର ତିହାର୍ । ନୂଆଁଖାଇ ଆଗ ଦିନ ଝାଙ୍କର ଗାଁ ଗୁଡ଼ି (ଦେବୀପୀଠ)ରେ ନୂଆଁଧାନରେ ଚୂରାକୁଣ୍ଡା ତିଆରି ଲଗେଇଥାଏ ନୂଆଁ। କଙ୍କାଳିବୁଢ଼ା, ମାଉଲି, ପୀତାବଲୀ ଆଦି ଦେବଦେବୀଙ୍କ ପାଶେ ନୂଆଁ ଲାଗିବା ପରେ ତା' ପରଦିନ ଘରର ଇଷ୍ଟଦେବୀଙ୍କ ପାଖରେ ନୂଆଁ ଲାଗେ । ଚାଷୀ ତା'ର କ୍ଷେତ ପୂଜା କରେ । ମାଟି ମାଆଙ୍କୁ ଅର୍ପଣ କରେ ପହିଲି ଶସ୍ୟ । ତା'ପରେ ଗୁହାଳ ପୂଜା । ଅତୀତର ପରମ୍ପରାରେ ଗୋସମ୍ପଦ ହିଁ ତ ଚାଷୀର ମୂଳ ଆଧାର । କେବଳ ଚାଷୀ ନୁହନ୍ତି, କେଉଟ ପୂଜା କରନ୍ତି ତାଙ୍କ ଜୀବନ ଜୀବିକାର ମାଧ୍ୟମ ନଈ ଓ ଡଙ୍ଗା । ବୁଣାକାର ପୂଜା କରେ ତନ୍ତ । ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ବହୁତ ପୁରୁଣା । ଅତୀତରେ ତେଲ୍ ନଦୀ ଓ ମହାନଦୀ ଦେଇ ପଟୁଆରେ ଯାଉଥିଲା କେତେ ସୂକ୍ଷ୍ମ କାରିଗରିର ବସ୍ତ୍ର । ବୁଣାକାର ଓ ନଈକୁ ନିର୍ଭର କରି ଚଳୁଥିବା ପରିବାରରେ ନୂଆଁଖାଇର ପରମ୍ପରା ସ୍ୱତନ୍ତ୍ର ।

**ନଈ ହିଁ ଜୀବନ :** ନଈ ଗୋଟିଏ । ହେଲେ ସେଇ ନଈକୁ ଆଧାରକରି ଗୁଜୁରାଣ ମେଣ୍ଟାଉଥିବା ମଣିଷ ଅନେକ । କିଏ ନଈରୁ ମାଛ ମାରେ ତ ଆଉ କାହାର କାମ ଘାଟଫେରି । ଆଉ କିଏ ଏ ନଈର ବାଲି ଖେଳେଇ ଖୋଜେ କୁଟି ସୁନା । କିଏ ପୁଣି ନଈର ଘାସରେ ବୁଣେ ମସିଣା । ତେବେ ନଈକୁ ନିର୍ଭର କରି ଚଳୁଥିବା ପରିବାର ଭିତରେ ନଈ ଓ ଡଙ୍ଗା ସହ ଅନେକ ପରିବାରଙ୍କ ସମ୍ପର୍କ ନିଆରା । ସେହିମାନଙ୍କ ଭିତରେ କେଉଟ, ଗିଂଗରା ଓ ଝରା ଜାତିରେ ନୂଆଁଖାଇ ସମୟରେ ନଈ ଓ ଡଙ୍ଗାକୁ ପୂଜା କରିବାର ବିଧି ରହିଛି ।

ନଈ ଓ ଡଙ୍ଗାକୁ ଆଧାର କରି ବଞ୍ଚୁଥିବା ପରିବାରରେ ଯେଉଁଠି ଯାହା ନୂଆଁଖାଇର ପରମ୍ପରା ରହିଛି, ସେହି ଅନୁଯାୟୀ ଘରର ବୟୋଜ୍ୟେଷ୍ଠ ପୁରୁଷ ଇଷ୍ଟ ଦେବତାଙ୍କ ପୂଜାବିଧି କରି ତାଙ୍କ ପାଖରେ ଚୂରାକୁଣ୍ଡା ଲଗେଇଥାନ୍ତି । ପରେ ବାହାରିଯାନ୍ତି ନଈକୂଳରେ ବନ୍ଧା ଡଙ୍ଗା ପାଖକୁ । ନଈ କୂଳରେ ସଜ୍ଜିତ ଡଙ୍ଗାରେ ସଦ୍ୟ କଟକୀ ସିନ୍ଦୂର ଓ କଳା ବୋଳା ହୋଇ ଜକ୍‌ଜକ୍ କରୁଥାନ୍ତି ଆଗ ମଙ୍ଗରେ ଚୌରାଶୀ ଦେବୀ । ସବୁ ଡଙ୍ଗାର ଆଗ ମଙ୍ଗରେ ହିଁ ଚୌରାଶୀ ଦେବୀଙ୍କୁ ପରିବାରର ବୟୋଜ୍ୟେଷ୍ଠ ପୂଜା କରିଥାନ୍ତି, ପରେ ପଛ ମଙ୍ଗରେ ସମଲାଇ ଓ ସ୍ଥଳ ବିଶେଷରେ ଅନ୍ୟ ଦେବୀ ପୂଜା ଘେନିଥାନ୍ତି । ଘରେ ଯେପରି ଖିରି, ପିଠା ଓ ଚୂରାକୁଣ୍ଡାର ଭୋଗ ଲଗା ହୋଇଥାଏ, ସେମିତି ଡଙ୍ଗାର ଦୁଇ ମଙ୍ଗରେ କୁରହେଇ ପତ୍ରର ଠୋଲାରେ ବଳିତା ଦେଇ ଦୀପ ଜଳାହୁଏ ଓ ପୂଜାର୍ଚ୍ଚନା କରି ଭୋଗ ଲଗାଯାଏ । ଘାଟ ନିକଟରେ ପୂଜାର୍ଚ୍ଚନା ପରେ କ୍ଷୀର, ଫୁଲ ଓ ସିନ୍ଦୂରରେ ପୂଜା ଘେନନ୍ତି ସାତ ବହନୀ, ଗଙ୍ଗା ଦେବୀ, ଜାଗତ ଯୁଗତ । ସାତ ବହନୀଙ୍କୁ ସାତ ଆଞ୍ଜୁଳା ଆଉ ଅନ୍ୟ ଦେବୀଙ୍କୁ ତିନି ଆଞ୍ଜୁଳା ପାଣି ନଈରୁ ଟେକି ଅର୍ପଣ କରାଯାଏ । ଡଙ୍ଗାପୂଜା ଆଗରୁ ବି ଏହି ବିଧି ରହିଛି ।

**ଜୀଁ ଜାଗିଥିଲେ ବଛରେ:** ନଈ ପରି ପ୍ରବହମାନ ସମୟର ଧାର ସହ ସଂସ୍କୃତି । କାହିଁ କେତେ ବର୍ଷରୁ ଏଇ ଅଭାବ ବେଳାରେ ଭାବର ତିହାର୍ ହୋଇଛି ନୂଆଁଖାଇ । ଗୋଟା ବଛରର ମନ ଫଟାଫଟି, କଳିକଜିଆ ପାଣି ଫାଟିଯାଉଛି । ଭାଇ-ଭାଇ ଭିତରେ ନାଗଫେଣୀ କଣ୍ଟାର ବରକସ ବାଡ ବି ଭାଙ୍ଗିଯାଉଛି । ଗାଁ ମଣିଷ ନୂଆଁଖାଇ ସାରି ସକଳ ଦେବଦେବୀଙ୍କୁ ମୁଣ୍ଡିଆ ମାରି ମନାସ କରୁଛି, ମା' ସମଲେଶ୍ୱରୀ, ପାଟଣେଶ୍ୱରୀ, ସମଲାଇ, ସୁରେଶ୍ୱରୀ । ମା' ଗୋ .. ସଂସାରକୁ ଭଲେ ଭଲେ ରଖିଥା ଗୋ ..ମା ' ଜୀଁ ଜାଗି ଥିଲେ ଆର ବଛର, ଫେର ଭେଟ ହେମା ।

**ଉପସ୍ଥାପନା:** ଆଦିତେଶ୍ୱର ମିଶ୍ର , କନ୍ଧମାଳ ବୌଦ୍ଧ

















# କବିର କବିତାରେ ନୂଆଁଖାଇ

**ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ପ୍ରକୃତି ସହିତ ଜଡ଼ିତ ଏହି ପର୍ବ କେଉଁ ଆବହମାନ କାଳରୁ ଏକ ପରମ୍ପରା ହୋଇ ରହିଆସିଛି। ଶରତର କାଶତଣ୍ଡୀଠାରୁ ଆରମ୍ଭ କରି ଚାଷୀଙ୍କ ଶସ୍ୟ ଶ୍ୟାମଳା କୃଷିକ୍ଷେତ୍ର ଯେଭଳି ବର୍ତ୍ତମାନ ହସି ଉଠୁଛି, ଏହି ପର୍ବ ପାଇଁ ସାରା ପଶ୍ଚିମ ଓଡ଼ିଶା ଏବେ ଚଳଚଞ୍ଚଳ ହୋଇପଡ଼ିଛି। ସଭିଙ୍କ ମନରେ ନୂତନ ଉତ୍ସାହ, ନୂଆଁ ଉନ୍ମାଦନା। ଅଞ୍ଚଳର କବୟିତ୍ରୀ, କବି ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏହି ଗଣପର୍ବ ପାଇଁ ସେମାନେ ଅଞ୍ଚଳର ସମ୍ବଲପୁରୀ, କୋଶଲି ଭାଷାରେ ଲେଖୁଛନ୍ତି ନୂଆ ନୂଆ କବିତା। ଆଉ ସେମାନଙ୍କ କଣ୍ଠରୁ ସେହି କବିତା ସୂଚାଇ ଦେଉଛି ନୂଆଁଖାଇର ମହାନ୍ ବାର୍ତ୍ତା। ସେଭଳି କିଛି କବୟିତ୍ରୀ ଏବଂ କବିଙ୍କ କବିତାର କିୟଦଂଶକୁ ନେଇ ବରଗଡ଼ରୁ ପ୍ରେମାନନ୍ଦ ଖମାରୀଙ୍କ ଏକ ଉପସ୍ଥାପନା...**

## ନୂଆଁଖାଇରେ ନୂଆଁ ଅନ୍ନ

ନୂଆଁଖାଇକୁ ନବାନ୍ନ ପର୍ବ ମଧ୍ୟ କୁହାଯାଏ। ଏହି ପର୍ବରେ ନବାନ୍ନ (ନୂଆଁ ଧାନ) ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ଲାଗି ହେବା ପରେ ଲୋକେ ଭକ୍ଷଣ କରିଥାନ୍ତି। ଏହି ଦୃଷ୍ଟିରୁ ଉକ୍ତ ପର୍ବକୁ ନୂଆଁଖାଇ କିମ୍ବା ନବାନ୍ନ ଭକ୍ଷଣ କୁହାଯାଏ। ବରଗଡ଼ ହାଟପଦାର କବୟିତ୍ରୀ ସଙ୍ଗୀତା ଦୀପ୍ ତାଙ୍କ ରଚିତ ନୂଆଁଖାଇ କବିତା ସିଘା ତିହାର୍ ନୂଆଁଖାଇରେ ଏହାକୁ ଉଲ୍ଲେଖ କରିଛନ୍ତି–

**କାହିଁ କେତେ ଜୁଗୁ କେତେ କାଲୁ ମୁନୁସ୍**
**ଅରନ୍ କରେ ବରନ୍,**
**ଅରନ୍ ଦେବୀ କେ ମାଏନ୍ ଦେଇଥାଉ**
**ଜେନ୍ଥି ଆମର୍ ଜୀବନ।**

## ପରିବାରକୁ ଏକଜୁଟ୍ କରେ ନୂଆଁଖାଇ

ନୂଆଁଖାଇ ଏଭଳି ଏକ ପର୍ବ, ଯାହା ରାଗରୋଷକୁ ଦୂର କରିଦିଏ। ପରିବାର ଲୋକଙ୍କୁ ଏକାଠି ବାନ୍ଧି ରଖେ। ପରିବାର ସଦସ୍ୟ ଯେଉଁଠିଥିଲେ ମଧ୍ୟ ଏହି ପର୍ବରେ ନିଜ ଘରେ ଏକାଠି ହୋଇଥାନ୍ତି। ବରଗଡ଼ ଶକ୍ତିନଗରର କବୟିତ୍ରୀ ଜ୍ୟୋତି ପଣ୍ଡା ଲୀନା ତାଙ୍କ ନୂଆଁଖାଇ କବିତା ରହି ନାଇଁ ପାରୁ ଏକ୍‌ଲାରେ ଏହା ସ୍ପଷ୍ଟ ଭାବେ ପ୍ରତିପାଦିତ କରିଛନ୍ତି–

**ବଡ଼ଖା ଦଦାର୍ ଡାକ୍ ଥି ସାନ୍ ଭାଏ**
**ତାର୍ ରାଗ୍ ରିସ୍‌ମି ଭୁଲ୍‌ଲା,**
**ଇନ୍ତା ଆଏ ଆମର୍ ନୂଆଁଖାଇ ତିହାର୍**
**ଦେଶେ ବିଦେଶେ ଜେନେ ଥିଲେ ବି**
**ରହି ନାଇଁ ପାରୁ ଏକ୍‌ଲା।**

## ସଭିଙ୍କ ପ୍ରତୀକ୍ଷାରେ ନୂଆଁଖାଇ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବକୁ କେବଳ ଯେ କୃଷକମାନେ ପାଳନ କରିଥାନ୍ତି, ତାହା ନୁହେଁ। କୃଷକ, ଶ୍ରମିକ, ଧନିକ, ଗରିବ ସବୁ ଶ୍ରେଣୀର ଲୋକେ ଏହି ପର୍ବ ପାଳନ ପାଇଁ ଚାହିଁ ବସିଥାନ୍ତି। ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରାର କବି ଲକ୍ଷ୍ମଣ ସୁନା ତାଙ୍କ ରଚିତ ନୂଆଁଖାଇ କବିତାରେ ଏହାକୁ ଉଲ୍ଲେଖ କରିଛନ୍ତି–

**ଭାବେ ନାଚି ଗାଇ ଆ ନୂଆଁଖାଇ**
**ଭାବର୍ ତିହାର୍ ଗୋ ତୁଇଁ,**
**ଅଭାବିଆଟେ ବି ତୋର୍ ବାଟ୍ ଦେଖି**
**ହଉଥିସି କେତେ ବାଇ।**

## ପୂର୍ବ ଶତ୍ରୁତାକୁ ଦୂରକରେ ନୂଆଁଖାଇ

ଏକତା, ଭାଇଚାରାର ପର୍ବ ହେଉଛି ନୂଆଁଖାଇ। ନୂଆଁଖାଇର ଏଭଳି ଏକ ମାହାତ୍ମ୍ୟ ରହିଛି ଯେ ଏହି ପର୍ବ ପାଳନରେ ଲୋକେ ପୂର୍ବ ଶତ୍ରୁତାକୁ ଭୁଲି ଯାଆନ୍ତି ଏବଂ ପୁଣି ସେମାନଙ୍କ ମଧ୍ୟରେ ଶାନ୍ତି, ସହାବସ୍ଥାନ ସ୍ଥାପନ ହୁଏ। ବରଗଡ଼ ଜିଲା ରେଶମ ହାତୀପାଲି ଗ୍ରାମର କବି ଲୋକନାଥ ନାଗ ତାଙ୍କ ରଚିତ ନୂଆଁ ଖାଏମା ଆସରେ କବିତାରେ ଏହାକୁ ଦର୍ଶାଇଛନ୍ତି–

**ଛାଏ ମଡ଼ାମଡ଼ି ନାଏ ହଉଥାଇଁ**
**ନୁନ୍ ମଗାମଗି ନାଏ ଚଲୁଥାଇଁ**
**ଆଏକ୍ ବାଗିର୍ ଦିନେ ହେଟା ପାସରି**
**ହଁସ୍‌ମା ମୁଲ୍‌କି ହଁସରେ**
**ନୂଆଁ ଖାଏମା ଆସରେ।**

## ପତ୍ରରେ ନବାନ୍ନ ଭକ୍ଷଣ

ନୂଆଁଖାଇ ଏଭଳି ଏକ ପର୍ବ, ଲୋକେ କଂସା, ପିତ୍ତଳ କିମ୍ବା ଷ୍ଟିଲ ନିର୍ମିତ ପାତ୍ରରେ ଉକ୍ତ ଦିନ ଭୋଜନ କରିଥାନ୍ତି। ପ୍ରକୃତିଜାତ ବିଭିନ୍ନ ପତ୍ରରେ ନବାନ୍ନ ଭକ୍ଷଣ କରିଥାନ୍ତି। ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଭୁଲିଆଡିହି ଗ୍ରାମର କବି ଦେବେନ୍ଦ୍ର ସାହୁଙ୍କ ନୂଆଁଖାଇ କବିତାରେ ଏହାର ଝଲକ୍ ଦେଖିବାକୁ ମିଳିଛି–

**କୁରେ ମହୁଲ ସରଗି ପତରେଁ**
**ପହେଲା ଖାଏସୁଁ ନୂଆଁ,**
**ନୂଆଖାଇ ସାରି**
**ଜୁହାର୍ ଭେଟ୍‌ଥି**
**ଲାଗସି ଭାବର୍ ଦୁଆଁ।**

## ନୂଆଁଖାଇରେ ପିଠାପଣା

ନୂଆଁଖାଇରେ ଘରେ ଘରେ ବିଭିନ୍ନ ପ୍ରକାର ପିଠାପଣା ହୋଇଥାଏ। ଆରିସା, କାକରା ଆଦି ପିଠା ପରିବାରର ମହିଳାମାନେ ନୂଆଁଖାଇ ପୂର୍ବରାତ୍ରିରୁ ପ୍ରସ୍ତୁତ କରି ସାରିଥାନ୍ତି ଏବଂ ପରିବାରର ସଭିଏଁ ଏକାଠି ହୋଇ ନୂଆଁଖାଇ ଦିନ ତାହା ଖାଇ ମସଗୁଲ ହୋଇପଡ଼ନ୍ତି। ବରଗଡ଼ ଜିଲା ସରଣ୍ଡାପାଲି ଗ୍ରାମର ପଶୁଧନ ନିରୀକ୍ଷକ ତଥା କବୟିତ୍ରୀ ଅହଲ୍ୟା ପ୍ରଧାନ ତାଙ୍କ ନୂଆଁଖାଇ କବିତାରେ ଏହାକୁ ଉଲ୍ଲେଖ କରିଛନ୍ତି–

**ନୂଆଁଖାଇର୍ ଅଏରସା ମଡ଼ା**
**ସୁଆଲିଁ**
**ସଭେ ଖାଏମା ମିଶିଗୁଲି,**
**ରାଗ୍ ରିସମି ସବୁ ଯିମା ଭୁଲି**
**ଭାବର ପସରା ଦେମା ଖୁଲି।**











## ନୂଆଁଖାଇ ଜୁହାର

ବଲାଙ୍ଗୀର ସଦାଇପାଲି, ପଲ୍ଲିଶ୍ରୀ ବିହାରଠାରେ ପ୍ରତିଷ୍ଠିତ ଇଣ୍ଡିଏନ୍ ନର୍ସିଂ କାଉନ୍ସିଲ (ଆଇ.ଏନ୍.ସି.) ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ (ସାଇଟ୍) ଏମ୍.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ୍ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ., ସୁଶ୍ରୀ ଡି.ଏମ୍.ଏଲ୍.ଟି. ଓ ଡି.ଏମ୍.ଆର୍.ଟି. ପରିବାର ତରଫରୁ ସମସ୍ତଙ୍କୁ ନୂଆଁଖାଇ ଜୁହାର।

ଡ. ନାରାୟଣ ପ୍ରସାଦ ମିଶ୍ର, ସମ୍ପାଦକ
















# କଣ୍ଟେନରରୁ ମିଳିଲା ମହମବତି, ଖାଦ୍ୟ ସାମଗ୍ରୀ

- ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି
- ମାଲବାହୀ ଜାହାଜ କୋଲକାତାରୁ ଇଣ୍ଡୋନେସିଆ ଯାଉଥିଲା

ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)

ସମୁଦ୍ରରେ ଭାସି ଆସିଥିବା କଣ୍ଟେନରକୁ ନେଇ ଗତ ୩ଦିନ ଧରି ପୁରୀ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିଲା। ଶନିବାର ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ପ୍ରଶାସନ ପକ୍ଷରୁ କଣ୍ଟେନର୍ ଖୋଲାଯାଇ ନ ଥିବାବେଳେ ଢେଉ ମାଡ଼ରେ ଫାଟ ସୃଷ୍ଟି ହୋଇଛି। ଯେଉଁ ଫାଟ ଦ୍ୱାରା କଣ୍ଟେନର୍ ମଧ୍ୟରେ କ'ଣ ରହିଛି ତାହା ଜଣାପଡ଼ିଛି। କଣ୍ଟେନର୍ ମଧ୍ୟରେ ମହମବତି ଓ ଖାଦ୍ୟ ସାମଗ୍ରୀ ରହିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଗୁରୁବାର ଦିନ ସମୁଦ୍ର ମଧ୍ୟରେ ଏକ ବିଶାଳକାୟ କଣ୍ଟେନର୍ ଭାସୁଥିବା କେତେକ ମତ୍ସ୍ୟଜୀବୀ ଦେଖିବା ପରେ ପୋଲିସ ଓ ମତ୍ସଜୀବୀ ସଂଘକୁ ଜଣାଇଥିଲେ। ପରେ କେତେକ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯାଇ ଉକ୍ତ କଣ୍ଟେନରକୁ କୂଳକୁ ଆଣିବା ନିମନ୍ତେ ପ୍ରୟାସ କରିଥିଲେ। କଣ୍ଟେନରଟି କୂଳର ନିକଟବର୍ତ୍ତୀ ହେବା ପରେ ବନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ, ସ୍ଥାନୀୟ ବାସିନ୍ଦାମାନେ ଦଉଡ଼ି ଲଗାଇ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରିଥିଲେ। କଣ୍ଟେନରକୁ କୂଳକୁ ଆଣିବାକୁ ସମସ୍ତ ପ୍ରୟାସ ଫେଲ୍ ମାରିଥିଲା, ଫଳରେ ପୋଲିସ ଗୁରୁବାର ରାତିତମାମ ଜଗି ରହିଥିଲା। ବିଳମ୍ବିତ ରାତିରେ କଣ୍ଟେନରଟି ପ୍ରବଳ ଜୁଆର ମାଡ଼ରେ ପେଣ୍ଠକଟା ବେଳାଭୂମିସ୍ଥିତ ଗଙ୍ଗାମାତା ମନ୍ଦିର ନିକଟରେ ଲାଗିଥିଲା। ଶୁକ୍ରବାର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କଣ୍ଟେନର୍ ଉପରେ ଆଇଟିଟିୟୁ୨୦୨୩୭୦(୩) ନମ୍ବର ଲେଖାହୋଇଥିବା ଦେଖିବାକୁ ମିଳିଥିଲା।

ଏନେଇ କୋଷ୍ଟଗାର୍ଡ, କଷ୍ଟମ ବିଭାଗ ଓ ବିଭିନ୍ନ ବିଭାଗକୁ ସୂଚନା ଦିଆଯାଇଛି। ସେମାନଙ୍କ ଅନୁମତି ପରେ ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏଥିପାଇଁ ୭ ଜଣିଆ ଟିମ୍ ମଧ୍ୟ ଗଠନ କରାଯାଇଥିଲା। ଶନିବାର ସକାଳ ସମୟରେ କଣ୍ଟେନର୍‌ର ଏକ ପାର୍ଶ୍ୱରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। କଣ୍ଟେନର୍ ଭିତରେ କ'ଣ ରହିଛି, ସମସ୍ତଙ୍କ ମନରେ ଯେଉଁ ପ୍ରଶ୍ନ ରହିଥିଲା ତାହା ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ ହୋଇଛି। ଆଶା ଆକାଂକ୍ଷାରେ ଥିବା ସ୍ଥାନୀୟ ବାସିନ୍ଦାଙ୍କ ମନରୁ ସନ୍ଦେହ ଦୂର ହୋଇଛି। କଣ୍ଟେନର୍ ଭିତରେ ଯାହା ରହିଥିଲା ସବୁ ଜିନିଷ ଦୃଶ୍ୟମାନ ହେବା ସହ ସମୁଦ୍ର ବେଳାଭୂମିରେ ଭାସିଯାଇଛି। କ୍ୟାଣ୍ଡେଲ୍ ସହ ଖାଦ୍ୟ ସାମଗ୍ରୀ, ଅଏଲ, ଗ୍ରୀସ, ପରଫ୍ୟୁମ ସହ ଅନେକ ଆବଶ୍ୟକୀୟ ସାମଗ୍ରୀ ରହିଥିଲା।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମାଲବାହୀ ଜାହାଜ କୋଲକାତାରୁ ଇଣ୍ଡୋନେସିଆ ଯାଉଥିବା ସମୟରେ ୨ଟି କଣ୍ଟେନର୍ ଖସି ପଡ଼ିଥିବା ଜଣାପଡ଼ିଛି। ତାହା ପୁରୀ ବେଳାଭୂମିରେ ଲାଗିଥିବା ଅନୁମାନ କରାଯାଉଛି। କୋଷ୍ଟ ଗାର୍ଡ ସହ ଏନେଇ ଆଲୋଚନା କରାଯାଇଛି। କୋଷ୍ଟଗାର୍ଡ ଓ ମେରାଇନ୍ ପୋଲିସର ଯାହା ପ୍ରୋଟୋକଲ ଥିବ ସେହି ଅନୁସାରେ କାର୍ଯ୍ୟ କରିବେ। କଣ୍ଟେନର୍‌ରେ ଫାଟ ହୋଇଥିବାରୁ ଖାଦ୍ୟ ପଦାର୍ଥ ଓ ମହମବତି ବାହାରି ସମୁଦ୍ରରେ ଭାସୁଥିବା ଦେଖିବାକୁ ମିଳିଛି।



କେନ୍ଦ୍ର ଶିକ୍ଷା ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଶନିବାର ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୯।୨୦୨୪

| | |
|---|---|
| ୪,୧୨,୭୭୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ର ଶିକ୍ଷା ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଶନିବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷଲାଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ସୁରକ୍ଷାବଳୟ ମଧ୍ୟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଓ ଦଳୀୟ ନେତାମାନେ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ମନ୍ତ୍ରୀ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ଆଶିଷଲାଭ କରିଥିଲେ। ପରେ ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ପରେ କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ସେଠାରୁ ପ୍ରସ୍ଥାନ କରିଥିଲେ।

### ଶ୍ରୀମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ ନୀତି

ପୁରୀ,୭।୯ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀଗଣେଶ ଚତୁର୍ଥୀ ପାଳିତ ହୋଇଯାଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଶ୍ରୀମନ୍ଦିର ଭିତରବେଢ଼ା ପରିସରରେ ଥିବା ବଟ ଗଣେଶଙ୍କ ନିକଟରେ ଶୀତଳ ଭୋଗ ମଣୋହୀ ହୋଇ ବନ୍ଦାପନା ଅନୁଷ୍ଠିତ ହୋଇଥିଲା। ପରେ ଦେବୀ ସରସ୍ୱତୀ ଏବଂ ଭୁବନେଶ୍ୱରୀଙ୍କ ପାଖରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବେହେରଣ କରଣଙ୍କ ମାଦଳା ପାଞ୍ଜିକୁ ଭଦ୍ରାସନ ଉପରେ ବିଜେ କରାଯାଇ ପତନୀ ଓ ପୁଷ୍ପମାଲ୍ୟ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ବେହେରଣ କରଣଙ୍କ ଦ୍ୱାରା ୨୨ଟି ନଡ଼ିଆ ଭଙ୍ଗାଯାଇଥିଲା। ସେହିପରି ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇଥିଲା।

### ଗଣେଶ ପୂଜା ପାଇଁ ଝଲସୁଛି ଅସ୍ତରଙ୍ଗ

ଅସ୍ତରଙ୍ଗ, ୭।୯ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ପାଇଁ ଚଳଚଞ୍ଚଳ ଗାଁରୁ ସହର। ପ୍ରଭୁ ଗଜାନନଙ୍କ ସ୍ୱାଗତ ପାଇଁ ଗାଁରୁ ସହର ସବୁଠି ସୁ-ଉଚ୍ଚ ତୋରଣ ସାଙ୍ଗକୁ ଆଖିଝଲସା ମେଢ଼ ସାଜସଜ୍ଜା ହୋଇଛି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂଜାବିଧି ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ପୁରୀ ଜିଲା ଅସ୍ତରଙ୍ଗ ଚଳଚଞ୍ଚଳ ହୋଇଉଠିଛି। ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତର ଅନେକ ସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସାର୍ବଜନୀନ ପୂଜାଗୁଡ଼ିକ ଅପରାହ୍ନ ଓ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଅସ୍ତରଙ୍ଗ ବ୍ଲକ୍‌ର ଦେବୀ ନଦୀକୂଳରେ ଅବସ୍ଥିତ ନଈଗୁଆଁ ଗ୍ରାମର ବହୁ ପୁରାତନ ବର୍ଷର ସ୍ୱୟଂଭୂ ଗଣେଶ ମନ୍ଦିରରେ ପୂଜା ପାଉଛନ୍ତି ବୁଢ଼ାଗଣେଶ ; ଯାହା କି ଉତ୍ତରମୁଖି। କିମ୍ବଦନ୍ତୀ ଅନୁସାରେ ଏଠାରେ ଗଜାନନ ସ୍ୱୟଂ ଆବିର୍ଭୂତ ହୋଇଛନ୍ତି। ଏହି ମନ୍ଦିରରେ ବିଶ୍ୱାସ ରହିଛି ଖଡ଼ି ଛୁଆଁଇ ବିଦ୍ୟା ଆରମ୍ଭ କଲେ ମଙ୍ଗଳ ହୋଇଥାଏ। ଗଣେଶ ପୂଜାରେ ବିଶେଷ ନୀତି ହେଲା, ଏଠାରେ ୧୦୦୧ଟି ଅମୃତ ଲଡୁ ଭୋଗ ଲାଗି ହୋଇଥାଏ ବୋଲି କୃତୀବାସ ପଣ୍ଡା ସୂଚନା ଦେଇଛନ୍ତି। ବହୁତ ଶିଶୁଙ୍କୁ ତାଙ୍କ ପିତାମାତାମାନେ ନୂଆ ଖଡ଼ି ଛୁଆଁଉଥିବା ଦୃଶ୍ୟ ଦେଖାଯାଇଥିଲା। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପଞ୍ଚାୟତରେ ଥିବା କ୍ଲବ୍ ସହ ନଗର ଗ୍ରାମପଞ୍ଚାୟତ ଦକ୍ଷିଣ ପନ୍ତାଳ ଗ୍ରାମର ଗଣେଶ ଷ୍ଟାର୍ କ୍ଲବ୍ ଖୁବ୍ ପ୍ରସିଦ୍ଧ। ବଡ଼ ତୋରଣ ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା ସହ ପୂଜା ପେଣ୍ଡାଲରେ ଗଜାନନଙ୍କ ବିଶାଳ ମୂର୍ତ୍ତି ଦର୍ଶକଙ୍କୁ ଆକର୍ଷିତ କରିଛି।

# ସୁଭଦ୍ରା ଯୋଜନା ସଚେତନତା ରଥ ଉଦ୍‌ଘାଟିତ

ପୁରୀ,୭।୯ (ଅଜିତ୍ କୁମାର ମହାନ୍ତି)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ଯୋଜନା ସଚେତନତା ରଥର ଶୁଭ ଉଦ୍‌ଘାଟନ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ସଚେତନତା ରଥକୁ ଉଦ୍‌ଘାଟନ କରିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ସମୃଦ୍ଧ କରିବାରେ ସୁଭଦ୍ରା ଯୋଜନା ସହାୟକ ହେବ ବୋଲି କହିଥିଲେ। ସମସ୍ତଙ୍କୁ ସଚେତନ ଓ ସେମାନଙ୍କ ମନରେ ଥିବା ସଂଶୟକୁ ଦୂର କରିବାରେ ଏହି ରଥ ପ୍ରମୁଖ ଭୂମିକା ନେବ ଓ ପ୍ରକୃତ ହିତାଧିକାରୀ ଏହାର ସଫଳତା ପାଇବେ ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ମମତା ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତି ଡିପିସି ଆରତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲାରେ ୧୬ ତାରିଖ ପର୍ଯ୍ୟନ୍ତ ୬ଟି ସୁଭଦ୍ରା ସଚେତନତା ରଥ ପରିକ୍ରମା କରିବ। ସମସ୍ତ ବ୍ଲକ୍, ପୌରପରିଷଦ ଓ ଏନ୍‌ଏସି ଅଞ୍ଚଳ ପରିକ୍ରମା କରି ଲୋକମାନଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରାଇବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ଯୋଜନାର ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି ।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ୨ ଗିରଫ

ଡେଲାଙ୍ଗ,୭।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ବ୍ରାହ୍ମଣବାଡ଼ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣଙ୍କୁ ଭୁଜାଲିରେ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଡେଲାଙ୍ଗ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବ୍ରାହ୍ମଣବାଡ଼ ଗ୍ରାମର ମିଲୁ ମହାପାତ୍ର ଏବଂ ପୂର୍ଣ୍ଣଚନ୍ଦ୍ର ମହାପାତ୍ର।

ସୂଚନା ଅନୁଯାୟୀ, ବ୍ରାହ୍ମଣବାଡ଼ ଗ୍ରାମର ଚନ୍ଦ୍ରଶେଖର ମହାପାତ୍ର ଗାଁ ଦାଣ୍ଡରେ ଠିଆ ହୋଇଥିବାବେଳେ କୋଠଘର ପାଇପ୍‌କୁ ନେଇ ଉଭୟଙ୍କ ମଧ୍ୟରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ହୋଇଥିଲା। ପରେ ଉଭୟ ଠେଙ୍ଗାରେ ମାରପିଟ ହେବା ସହ ମିଲୁ ଏକ ଭୁଜାଲିରେ ଚନ୍ଦ୍ରଶେଖରଙ୍କ ପେଟକୁ ହାଣି ପକାଇ ଆକ୍ରମଣ କରିଥିବା ନେଇ ପତ୍ନୀ ସାବିତ୍ରୀ ମହାପାତ୍ର ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଧିକ ରକ୍ତସ୍ରାବ ହେବାରୁ ଚନ୍ଦ୍ରଶେଖର ସଂଜ୍ଞାହୀନ ହୋଇ ସେଠାରେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସାକ୍ଷୀଗୋପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ଥାନାରେ ଏନେଇ ଭାରତୀୟ ନ୍ୟାୟ ସଂହିତା ଧାରାରେ ୩୩୨/୨୪ରେ ଏକ ମାମଲା ରୁଜୁ କରାଯାଇଛି। ଯୁବକଙ୍କୁ ଭୁଜାଲି ମାଡ଼ ଖବରପାଇ ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ମିଲୁ ଓ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିମେଶ



@ ଦୀପକ



@ ସନ୍ତୋଷ



@ ଗୋବର୍ଦ୍ଧନ



@ ଦିଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଜପାର ସଦସ୍ୟତା ଅଭିଯାନର ସମୀକ୍ଷା ବୈଠକ

ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)

ଭାଜପା ପୁରୀ ଶାଖା ପକ୍ଷରୁ ଶନିବାର ସ୍ୱାମୀ ନାରାୟଣ ମୁଖ୍ୟ ମନ୍ଦିରଠାରେ ଜିଲାର ସଦସ୍ୟତା ଅଭିଯାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ରନାଥ ତରାଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ରୀୟ ପ୍ରଭାରୀ ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି, ଜିଲା ସଭାପତି ତଥା ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଏମ୍‌ପି ଡକ୍ଟର ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ଭାଜପା ପ୍ରବକ୍ତା ସୁଦୀପ୍ତ ରାୟ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ମଣ୍ଡଳ, ସଭାପତି, ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଜାଗାରେ ପୂଜା ରୋକିଲା ପୋଲିସ

**ପୂଜା ମଣ୍ଡପରେ ୧୬୩ ଜାରି, ପୋଲିସ ମୁତୟନ**

ଅସ୍ତରଙ୍ଗ, ୭।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗଜାନନଙ୍କ ପୂଜା ପାଇଁ ସବୁଆଡ଼େ ଉତ୍ସବମୁଖର। ତେବେ ପୁରୀ ଜିଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଆଳସାହି ଭିଆର୍‌ପି କଲୋନୀରେ ସରକାରୀ ଜାଗାରେ ପୂଜା କରୁଥିବା ବେଳେ ସ୍ଥାନୀୟ ପୋଲିସ୍ ସେମାନଙ୍କ ପୂଜା ବନ୍ଦ କରିଛି। ପୂଜା ମଣ୍ଡପରେ ବିଏନ୍‌ଏମ୍‌ଏସ୍‌ର ୧୬୩ ଧାରା ଲାଗୁ ହୋଇଥିବାରୁ ସେଠାରେ ପୋଲିସ ମୁତୟନ ହୋଇଛନ୍ତି।

ସୂଚନାନୁଯାୟୀ କିଛିଦିନ ହେବ ଆଳସାହି ଭିଆର୍‌ପି କଲୋନୀ ଓ ଅଠତିରା ଗ୍ରାମ୍ୟ କମିଟି ମଧ୍ୟରେ ଜମିଜମା ସମସ୍ୟାକୁ ନେଇ ବିବାଦ ଥିବାବେଳେ ହଠାତ୍ ଶୁକ୍ରବାର ବିଳମ୍ବିତ ରାତିରେ ଅସ୍ତରଙ୍ଗ ପୋଲିସ ପହଞ୍ଚି ୧୬୩ ଧାରା ନୋଟିସ ଲଗାଇଥିଲା। ରାତିତମାମ ପୋଲିସ ମୁତୟନ ଥିବାବେଳେ ପୂଜାମଣ୍ଡପ ନିକଟରେ ସାଉଣ୍ଡ୍ ମଧ୍ୟ ବାଜି ପାରି ନ ଥିଲା। ଅସ୍ତରଙ୍ଗ ତହସିଲ୍‌ଦାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପହଞ୍ଚି ନୋଟିସ୍ ମାରିଥିଲେ। ଫେବୃଆରୀ ମାସରୁ ପୋଖରୀ ଖୋଳା ଘଟଣାକୁ ନେଇ ବିବାଦ ଉପୁଜିଥିବା ବେଳେ ଏମିତି ଏକ ପୂର୍ବ ଘଟଣା ଅଷ୍ଟପ୍ରହରୀ ସମୟରେ ପୋଲିସଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇଥିଲା। ଶନିବାର ସନ୍ଧ୍ୟାରେ କେବଳ ପୂଜା ମଣ୍ଡପ କର୍ତ୍ତା, ବ୍ରାହ୍ମଣଙ୍କ ଉପସ୍ଥିତିରେ ଗଣେଶ ପୂଜା ହୋଇଥିବା ଜଣାପଡ଼ିଛି। ଏହି ୧୬୩ ଧାରା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନୋଟିସ ମାଧ୍ୟମରେ ସୂଚନା ଦିଆଯାଇଛି।



# ସିଂହଦ୍ୱାରରେ ଆଶ୍ରମ ଟିମ୍ ପକ୍ଷରୁ ଦୀପଦାନ

ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)

ଗଣେଶ ପୂଜା ଅବସରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପତିତପାବନଙ୍କ ନିକଟରେ ମୁକ୍ତିଲାଭ କରିବାକୁ ଯାଉଥିବା ଓଡ଼ିଆ ଚଳଚ୍ଚିତ୍ର ଆଶ୍ରମ ଟିମ୍ ପକ୍ଷରୁ ଶନିବାର ଦୀପଦାନ କରାଯାଇଛି। ଜଣେ ସମ୍ଭ୍ରାନ୍ତ ମହିଳା ବିବାହ କଲାପରେ ପାଠ ପଢ଼ି ଆଇଏଏସ୍ ଅଫିସର ହେବା, ଚାକିରି ଜୀବନରେ ଜଣେ କର୍ମଠ ଓ ସଚ୍ଚୋଟ ଅଫିସର୍ ଭାବେ କାର୍ଯ୍ୟ କରିବା ଏବଂ ପରେ ସ୍ୱାମୀ ଚାଲିଯିବା ପରେ ସମ୍ପୂର୍ଣ୍ଣ ଭାବେ ବୟସ୍କମାନଙ୍କ ସେବାରେ ନିଜକୁ ସମର୍ପିତ କରିଛନ୍ତି ଏହି ଚଳଚ୍ଚିତ୍ରରେ। ଚଳଚ୍ଚିତ୍ରଟିରେ ମହାନୁଭବତାର ପରିଚୟ ଦେଇଥିବା ଜଣେ ବୟସ୍କା ଆଇଏଏସ୍ ଭାବେ ଅବସରପ୍ରାପ୍ତ ମହିଳା ସମାଜକୁ ବାର୍ତ୍ତା ପ୍ରଦାନ କରିବା ଭଳି କାହାଣୀକୁ ନେଇ ନିର୍ମାଣ ହୋଇଛି ଚଳଚ୍ଚିତ୍ର 'ଆଶ୍ରମ'।

ଚଳଚ୍ଚିତ୍ରରେ ଦର୍ଶକମାନେ ନିଚ୍ଛକ ମୌଳିକ କାହାଣୀରେ ପୁରୀ ସାହିଯାତ, ଚନ୍ଦନଯାତ୍ରା ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଅବର୍ଣ୍ଣନୀୟ ଜଗନ୍ନାଥଙ୍କ ସଂଗୀତକୁ ଦର୍ଶକମାନେ ଶୁଣିବାକୁ ପାଇବେ। ଏହି ଦୀପ ଦାନ ଅବସରରେ ବିଶିଷ୍ଟ ଅଭିନେତ୍ରୀ ମହାଶ୍ୱେତା ରାୟ, ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତା ଅଭିଷେକ ଗିରି, ପ୍ରଯୋଜକ ତପନ କୁମାର ଦାଶ, ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ, କାହାଣୀକାର ନିତ୍ୟାନନ୍ଦ ନନ୍ଦୀ, ସଂଳାପ ଲେଖକ ଦିଲୀପ ଚୌଧୁରୀ, ଡିଓପି ଦୀପକ କୁମାର, କ୍ରିଏଟିଭ ଉପଦେଷ୍ଟା ଶ୍ୟାମାପ୍ରସାଦ ମିଶ୍ର, ଫିଲ୍ମର କଳାକାର ଶ୍ୱେତା ଆଚାର୍ଯ୍ୟ, ବିଜୟିନୀ ମିଶ୍ର, ତନୁଶ୍ରୀ, ସୌମ୍ୟ, ତୁଷାର ଓ ଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

ଆଗାମୀ ୧୩ ତାରିଖରେ ଚଳଚ୍ଚିତ୍ର ଆଶ୍ରମ, ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ରିଲିଜ୍ ହେଉଥିବା ବେଳେ, ପୁରୀ ଟାଉନ୍ ହଲରେ ୧୪ ଠାରୁ ୧୬ ପର୍ଯ୍ୟନ୍ତ ୩ଟି ଶୋ'ରେ ପ୍ରଦର୍ଶିତ ହେବ ବୋଲି ପ୍ରଯୋଜକ ତପନ ଦାଶ ଘୋଷଣା କରିଛନ୍ତି। ଏହି ଅବସରରେ ଅଭିନେତ୍ରୀ ମହାଶ୍ୱେତାଙ୍କୁ ଶ୍ୟାମାପ୍ରସାଦ ମିଶ୍ର ଓ ବଦ୍ରି ମିଶ୍ର ମିଳିତ ଭାବେ ସମ୍ବର୍ଦ୍ଧିତ କରିଥିଲେ।



ଓଡ଼ିଆ ଚଳଚ୍ଚିତ୍ର 'ଆଶ୍ରମ' ଟିମ୍ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି ।

## ଜଙ୍ଗଲ ମନ୍ତ୍ରୀଙ୍କ ସରକାରୀ ବାସଭବନରୁ ସାପ ଉଦ୍ଧାର

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ)

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ବାସଭବନରୁ ୫.୫ ଫୁଟ ଲମ୍ବର ଏକ ଢମଣା ସାପ ଉଦ୍ଧାର କରାଯାଇଛି। ମନ୍ତ୍ରୀଙ୍କୁ ଆବଣ୍ଟିତ ହୋଇଥିବା ୟୁନିଟ୍-୬ସ୍ଥିତ ସରକାରୀ ବାସଭବନରେ ଏବେ ନବୀକରଣ କାମ ଚାଲୁ ରହିଛି। ଶନିବାର ସକାଳେ କ୍ୱାର୍ଟର୍ସ ଭିତରେ ଥିବା କର୍ମଚାରୀମାନେ କବାଟ ଖୋଲିବା ବେଳକୁ ଏକ ବଡ ସାପ କବାଟ ପାଖରେ ରହିଥିବା ଦେଖି ଭୟଭୀତ ହୋଇପଡିଥିଲେ। ସ୍ନେକ ହେଲ୍ପଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ପହଞ୍ଚି ସାପକୁ ଉଦ୍ଧାର କରି ସୁରକ୍ଷିତ ଭାବେ ସହର ବାହାରେ ଥିବା ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ିଦେଇଥିଲେ।

# ଆଗେଇଲା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ

ଭୁବନେଶ୍ୱର,୭।୯ (ଅନୁରାଧା ମହାରଣା)

### ମାଟି ପରୀକ୍ଷଣ ଆରମ୍ଭ, ୩ ମାସ ପର୍ଯ୍ୟନ୍ତ ଚାଲିବ

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଛି। ଦିଲ୍ଲୀ ମେଟ୍ରୋ ରେଳ ନିଗମ(ଡିଏମ୍ଆର୍‌ସି) ସହଯୋଗରେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ(ବିଏମ୍ଆର୍‌ସି) ପକ୍ଷରୁ ମାଟି ପରୀକ୍ଷଣ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିମାନବନ୍ଦର ଓ ତ୍ରିଶୂଳିଆ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବାରୁ ନିର୍ଦ୍ଧାରିତ ରୁଟ୍‌ରେ ମାଟି ପରୀକ୍ଷା କରାଯାଉଛି। ଗତ ସପ୍ତାହରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଆସନ୍ତା ୩ ମାସ ଯାଏ ଚାଲିବ। ପ୍ରତି ୧୦୦ ମିଟର ବ୍ୟବଧାନରେ ମାଟି ପରୀକ୍ଷଣ କରାଯିବାର ଯୋଜନା ରହିଛି। ବିଜୁ ପଟ୍ଟନାୟକ ପାର୍କ(ଫରେଷ୍ଟ ପାର୍କ) ଓ ବାଣୀବିହାରରେ ବର୍ତ୍ତମାନ ନମୁନା ସଂଗ୍ରହ କାର୍ଯ୍ୟ ଜାରି ରହିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ସ୍ଥାନରୁ ନମୁନା ସଂଗ୍ରହ କରାଯିବ। ୪୦ ମିଟର ଗଭୀରରୁ ଏହି ମୃତ୍ତିକା ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଉଛି। ଏହା ସରିବା ପରେ ମେଟ୍ରୋ ଲାଇନର ନିର୍ମାଣ ଡିଜାଇନ୍ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବିଏମ୍ଆର୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଭୁବନେଶ୍ୱର-କଟକ ମେଟ୍ରୋ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଓଡ଼ିଶା ସରକାର ୧ ହଜାର କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଗୃହରେ ସୂଚନା ଦେଇଥିଲେ। ସେ କହିଲେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ୨୦୨୩ ଏପ୍ରିଲ ୧ରେ ମେଟ୍ରୋ ରେଳ ପ୍ରକଳ୍ପ ସଂକ୍ରାନ୍ତରେ ଘୋଷଣା କରିଥିଲେ। ଟ୍ରାଫିକ୍ ସମସ୍ୟା ଦୂର ପାଇଁ କଟକ-ଭୁବନେଶ୍ୱର-ପୁରୀ- ଖୋର୍ଦ୍ଧା ରୁଟ୍‌ରେ ୧୦୦ କି.ମି. ଦୀର୍ଘ ମେଟ୍ରୋ ପ୍ରକଳ୍ପ ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ କଟକ ତ୍ରିଶୂଳିଆ ଛକ ମଧ୍ୟରେ ନିର୍ମାଣ କାର୍ଯ୍ୟ ପାଇଁ ୬୨୫୫.୯୪ କୋଟି ବ୍ୟୟ ଅନୁମୋଦନ ହୋଇଛି। ଏହି ୨୬ କି.ମି. ମଧ୍ୟରେ ୨୦ଟି ଷ୍ଟେଶନ୍ ରହିବ। ପ୍ରସ୍ତାବିତ ଷ୍ଟେଶନଗୁଡ଼ିକ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର, କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ, ବାପୁଜୀ ନଗର, ଭୁବନେଶ୍ୱର ରେଳ ଷ୍ଟେଶନ(ମାଷ୍ଟର କ୍ୟାଣ୍ଟିନ୍), ରାମ ମନ୍ଦିର, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଜାଭିୟର ଛକ, ରେଳ ସଦନ, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଫୁଲ ପୋଖରୀ ଓ ତ୍ରିଶୂଳିଆ ଛକ ରହିଛି। ଅତ୍ୟାଧୁନିକ ସୁବିଧା ସହିତ ଏହି ମେଟ୍ରୋ ପ୍ରକଳ୍ପ ବିଶ୍ୱ ସ୍ତରୀୟ ତଥା ପରିବେଶ ଅନୁକୂଳ ସହରୀ ପରିବହନ ସେବା ଯୋଗାଇବ। ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।



ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଶନିବାର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

# ମନ ମୁଗ୍ଧକଲା ଅରୁଣଙ୍କ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ



ଖ୍ୟାତନାମା କଣ୍ଠଶିଳ୍ପୀ କଲାଇମାମଣି ଓ.ଏସ୍. ଅରୁଣ କର୍ନାଟକୀ ସଙ୍ଗୀତ ପରିବେଷଣ କରୁଛନ୍ତି।

### ୩୦ତମ ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଲୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ନାଟକୀ କଣ୍ଠଶିଳ୍ପୀ କଲାଇମାମଣି ଓ.ଏସ୍. ଅରୁଣଙ୍କ ପରିବେଷଣ ଉପସ୍ଥିତ ଅତିଥି, ଶ୍ରୋତାଙ୍କ ମନକୁ ମୁଗ୍ଧ କରିଦେଇଥିଲା। ବେହେଲାରେ ଡ. ବୈଦ୍ରୀନାରାୟଣନ, ମୃଦଙ୍ଗମ୍‌ରେ ଏମ୍ଏସ୍ ଭେଙ୍କଟ ସୁବ୍ରମଣ୍ୟମ୍ ଏବଂ ତବଲାରେ ଇଂ. ମାର୍ଟିନ ପ୍ରଥମେ ଗୁରୁ କେଲୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗୀତଜ୍ଞ କଣ୍ଠର ଯାଦୁକରି ସ୍ୱର୍ଣ୍ଣ ଓ ବାଦ୍ୟଶିଳ୍ପୀଙ୍କ ଧ୍ୱନିର ସମନ୍ୱୟରେ ପରିବେଶ ବେଶ୍ ଉତ୍ସବମୁଖର ହୋଇଉଠିଥିଲା। ବିଶେଷକରି ଭକ୍ତିର ମହତ୍ତ୍ୱକୁ ଶାସ୍ତ୍ରୀୟତା ସହିତ ମିଶ୍ରଣ କରିଥିଲେ ଶିଳ୍ପୀ ଅରୁଣ, ଯାହା ଶ୍ରୋତାଙ୍କୁ ଏକ ନିଆରା ଅନୁଭବ ଦେଇଥିଲା।

ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ରଚୟିତା ଗୁରୁ ଡ. ମହେଶ୍ୱର ରାଓ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ, ସଙ୍ଗୀତ ରଚୟିତା ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କଳା ପରିବେଷଣ ବିଭାଗର ଅଧ୍ୟାପକ ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ. ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଅଧ୍ୟାପକ ପ୍ରଫେସର ଡ. ରବିନାରାୟଣ ଶତପଥୀ, ବରିଷ୍ଠ ଆଇନଜୀବି ତଥା ରାଜନେତା ପ୍ରିୟରଞ୍ଜନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି।

# ଉତ୍କଳ ହସ୍ପିଟାଲରେ ପ୍ରଥମ ଅଙ୍ଗଦାନ, ଯକୃତ ପ୍ରତିରୋପଣ ସଫଳ

ଭୁବନେଶ୍ୱର,୭।୯ (ଅନୁରାଧା ମହାରଣା)

### ଅଙ୍ଗଦାନ କରିଥିବା ମୃତ ବିକାଶ କୁମାର ସାହୁଙ୍କୁ ଗାର୍ଡ ଅଫ୍ ଅନର

ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ମଲ୍ଟିସ୍ପେଶାଲିଟି ଉତ୍କଳ ହସ୍ପିଟାଲରେ ପ୍ରଥମ ଅଙ୍ଗଦାନ ଓ ପ୍ରତିରୋପଣ ସଫଳ ହୋଇଛି। ଖୋର୍ଦ୍ଧା ଡାଳତୋଳା ନିବାସୀ ୩୧ ବର୍ଷୀୟ ବିକାଶ କୁମାର ସାହୁ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇ ଉତ୍କଳ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମସ୍ତିଷ୍କର ଡାହାଣ ପାର୍ଶ୍ୱରେ ରକ୍ତସ୍ରାବ ହୋଇଥିଲା। ତେବେ ହସ୍ପିଟାଲର ନ୍ୟୁରୋ ସର୍ଜନ ଡା. ସିଦ୍ଧାର୍ଥ ଶଙ୍କର ସାହୁଙ୍କ ନେତୃତ୍ୱରେ ଡା. ବିଶ୍ୱବିକାଶ ମହାନ୍ତି ଓ ଡା. ରଣଧୀର ମିତ୍ରଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ବିକାଶଙ୍କ ଜୀବନ ରକ୍ଷା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଶେଷରେ ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ପରିବାର ଲୋକେ ତାଙ୍କ ଅଙ୍ଗ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ହସ୍ପିଟାଲର ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କ ଯକୃତକୁ ସେଠାରେ ଚିକିତ୍ସିତ ହେଉଥିବା ଯକୃତ ସିରୋସିସ୍ ରୋଗରେ ପୀଡ଼ିତ ରୋଗୀଙ୍କଠାରେ ସଫଳତାର ସହ ପ୍ରତିରୋପଣ କରିଥିଲେ। ଏହି ଜଟିଳ ଯକୃତ ପ୍ରତିରୋପଣ ପ୍ରକ୍ରିୟା ଡା. ସତ୍ୟପ୍ରକାଶ ରାୟଚୌଧୁରୀଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା। ଅଙ୍ଗଦାନ କରିଥିବା ମୃତ ବିକାଶ କୁମାରଙ୍କୁ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଡା. ସିଦ୍ଧାର୍ଥ ଶଙ୍କର ସାହୁ, ଡ. ରଣଧୀର ମିତ୍ର, ଡା. ବିଶ୍ୱ ବିକାଶ ମହାନ୍ତି, ସିଓଓ ଶ୍ରୀମାନବ, ଡା. ଆକାଶ ଗୁପ୍ତା, ଉତ୍କଳ ହସ୍ପିଟାଲର ବ୍ୟବସାୟିକ ମୁଖ୍ୟ ସୁବାସ ଚନ୍ଦ୍ର ପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କର୍ମଚାରୀମାନେ ତାଙ୍କ ଆତ୍ମାର ସମ୍ମାନାର୍ଥେ ଏକ ମାନବ ଶୃଙ୍ଖଳ କରିଥିଲେ। ଏଥିସହ ହସ୍ପିଟାଲ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏହି ମହତଦାନ ନିଷ୍ପତ୍ତି ନେଇଥିବା ବିକାଶଙ୍କ ପରିବାରବର୍ଗଙ୍କୁ ଉତ୍କଳ ହସ୍ପିଟାଲର ପରିଚାଳନା କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।




ମୃତ ବିକାଶ କୁମାର ସାହୁଙ୍କୁ ହସ୍ପିଟାଲ କର୍ମଚାରୀମାନେ ଶେଷ ସମ୍ମାନ ଜଣାଉଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନିମେଷ



@ ଦୀପକ



@ ସନ୍ତୋଷ



@ ଗୋବର୍ଦ୍ଧନ



@ ଦିଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଟକବାସୀଙ୍କ ପାଇଁ ବସନ୍ତ ବିଶ୍ୱାଳ ଥିଲେ ଦ୍ୱିତୀୟ ବାଇମୁଣ୍ଡି

ଭୁବନେଶ୍ୱର, ୭।୯ (ବନ୍ଦନା ସେଠୀ)

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ୨୧ତମ ଶ୍ରାଦ୍ଧ ଦିବସ ଶନିବାର ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଉଦ୍‌ଘାଟନ କରି କହିଲେ, ବସନ୍ତ ବାବୁ ଜଣେ କାମ କରିବା ମଣିଷ ଥିଲେ। ବିଡ଼ାନାସୀ ଭଳି ଏକ ନୂଆ କଟକ ସହର ସୃଷ୍ଟି କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। କଟକବାସୀଙ୍କ ପାଇଁ ସ୍ୱର୍ଗତ ବିଶ୍ୱାଳ ଦ୍ୱିତୀୟ ବାଇମୁଣ୍ଡି ଥିଲେ। ଡ. ବିଭୂତି ଭୂଷଣ ଜେନା କହିଲେ, ସ୍ୱର୍ଗତ ବିଶ୍ୱାଳଙ୍କ ମନ୍ତ୍ରୀତ୍ୱ ସମୟରେ ଗମନାଗମନ ସୁବିଧା, ନଦୀବନ୍ଧ ସଂଯୋଗ ତଥା ପୋଲ ନିର୍ମାଣରେ ରେକର୍ଡ ସୃଷ୍ଟି ହୋଇଥିଲା। କମିଟି ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପୌରୋହିତ୍ୟ କରିଥିଲେ। ବିଜେଡି ନେତା ନାରାୟଣ ପ୍ରସାଦ ଜେନା ସ୍ୱାଗତ ଭାଷଣ ଓ ସୁଜିତ ଘୋଷ ଦସ୍ତିଦାର ଧନ୍ୟବାଦ ଦେଇଥିଲେ। ଜନ୍ମେଞ୍ଜୟ ନାୟକ ଓ ନଳିନୀକାନ୍ତ ରାଉତ ପରିଚାଳନା କରିଥିଲେ।

# ସରକାରୀ ଜାଗାରେ ପୂଜା ରୋକିଲା ପୋଲିସ

ଅସ୍ତରଙ୍ଗ, ୭।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)



### ପୂଜା ମଣ୍ଡପରେ ୧୬୩ ଧାରା

ପୁରୀ ଜିଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଆଳସାହି ଭିଆର୍‌ପି କଲୋନୀସ୍ଥିତ ବିବାଦୀୟ ସରକାରୀ ଜାଗାରେ ଗଣେଶ ପୂଜା ଚାଲିଥିବାବେଳେ ପୋଲିସ ପହଞ୍ଚି ବନ୍ଦ କରିଛି। ଏଥିସହ ସେଠାରେ ବିଏନ୍ଏସ୍ଏସ୍‌ର ୧୬୩ ଧାରା ଲଗାଇ ପୋଲିସ ମୁତୟନ କରାଯାଇଛି। ଫେବୃଆରୀରୁ ପୋଖରୀ ଖୋଳା ଘଟଣାକୁ ନେଇ ଆଳସାହି ଭିଆର୍‌ପି କଲୋନୀ ଓ ଅଠଟିରା ଗ୍ରାମ୍ୟ କମିଟି ମଧ୍ୟରେ ବିବାଦ ରହିଛି। ଉକ୍ତ ସ୍ଥାନରେ ଗଣେଶ ପୂଜା ଆୟୋଜନ କରାଯାଉଥିଲା। ଅସ୍ତରଙ୍ଗ ତହସିଲ୍‌ଦାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ହଠାତ୍ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ପହଞ୍ଚି ୧୬୩ ଧାରା ନୋଟିସ୍ ମାରିଥିଲେ। ରାତିତମାମ ପୋଲିସ ମୁତୟନ ଥିବାରୁ ପୂଜାମଣ୍ଡପ ନିକଟରେ ସାଉଣ୍ଡ ମଧ୍ୟ ବାଜି ପାରି ନ ଥିଲା। ଶନିବାର ସନ୍ଧ୍ୟାରେ କେବଳ ପୂଜା ମଣ୍ଡପ କର୍ତ୍ତା, ବ୍ରାହ୍ମଣଙ୍କ ଉପସ୍ଥିତିରେ ଗଣେଶ ପୂଜା ହୋଇଥିବା ଜଣାପଡ଼ିଛି। ଏହି ୧୬୩ ଧାରା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ନୋଟିସରେ ସୂଚନା ଦିଆଯାଇଛି।

# କଣ୍ଟେନରରୁ ମିଳିଲା ମହମବତି ଓ ଖାଦ୍ୟ ସାମଗ୍ରୀ

ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)

### ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି

### ମାଲବାହୀ ଜାହାଜ କୋଲକାତାରୁ ଇଣ୍ଡୋନେସିଆ ଯାଉଥିଲା

ସମୁଦ୍ରରେ ଭାସି ଆସିଥିବା କଣ୍ଟେନର୍‌କୁ ନେଇ ଗତ ୩ଦିନ ଧରି ପୁରୀ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିଲା। ଶନିବାର ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ପ୍ରଶାସନ ପକ୍ଷରୁ କଣ୍ଟେନର୍ ଖୋଲାଯାଇ ନ ଥିବାବେଳେ ଢେଉ ମାଡ଼ରେ ଫାଟ ସୃଷ୍ଟି ହୋଇଛି। ଯେଉଁ ଫାଟ ଦ୍ୱାରା କଣ୍ଟେନର୍ ମଧ୍ୟରେ କ'ଣ ରହିଛି ତାହା ଜଣାପଡ଼ିଛି। କଣ୍ଟେନର୍ ମଧ୍ୟରେ ମହମବତି ଓ ଖାଦ୍ୟ ସାମଗ୍ରୀ ରହିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଗୁରୁବାର ଦିନ ସମୁଦ୍ର ମଧ୍ୟରେ ଏକ ବିଶାଳକାୟ କଣ୍ଟେନର୍ ଭାସୁଥିବା କେତେକ ମତ୍ସ୍ୟଜୀବୀ ଦେଖିବା ପରେ ପୋଲିସ ଓ ମତ୍ସ୍ୟଜୀବୀ ସଂଘକୁ ଜଣାଇଥିଲେ। ପରେ କେତେକ ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯାଇ ଉକ୍ତ କଣ୍ଟେନର୍‌କୁ କୂଳକୁ ଆଣିବା ନିମନ୍ତେ ପ୍ରୟାସ କରିଥିଲେ। କଣ୍ଟେନର୍‌ଟି କୂଳର ନିକଟବର୍ତ୍ତୀ ହେବା ପରେ ବନ ବିଭାଗ, ଅଗ୍ନିଶମ ବିଭାଗ, ପୋଲିସ, ସ୍ଥାନୀୟ ବାସିନ୍ଦାମାନେ ଦଉଡ଼ି ଲଗାଇ କୂଳକୁ ଆଣିବା ପାଇଁ ବ୍ୟବସ୍ଥା କରିଥିଲେ। କଣ୍ଟେନର୍‌କୁ କୂଳକୁ ଆଣିବାକୁ ସମସ୍ତ ପ୍ରୟାସ ଫେଲ୍ ମାରିଥିଲା, ଫଳରେ ପୋଲିସ ଗୁରୁବାର ରାତିତମାମ ଜଗି ରହିଥିଲା। ବିଳମ୍ବିତ ରାତିରେ କଣ୍ଟେନର୍‌ଟି ପ୍ରବଳ ଜୁଆର ମାଡ଼ରେ ପେଣ୍ଟକଟା ବେଳାଭୂମିସ୍ଥିତ ଗଙ୍ଗାମାତା ମନ୍ଦିର ନିକଟରେ ଲାଗିଥିଲା। ଶୁକ୍ରବାର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କଣ୍ଟେନର୍ ଉପରେ ଆଇଟିସ୍ୟୁ୨୦୨୩୭୦(୩) ନମ୍ବର ଲେଖାହୋଇଥିବା ଦେଖିବାକୁ ମିଳିଥିଲା।

ଏନେଇ କୋଷ୍ଟଗାର୍ଡ, କଷ୍ଟମ ବିଭାଗ ଓ ବିଭିନ୍ନ ବିଭାଗକୁ ସୂଚନା ଦିଆଯାଇଛି। ସେମାନଙ୍କ ଅନୁମତି ପରେ ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏଥିପାଇଁ ୭ ଜଣିଆ ଟିମ୍ ମଧ୍ୟ ଗଠନ କରାଯାଇଥିଲା। ଶନିବାର ସକାଳ ସମୟରେ କଣ୍ଟେନର୍‌ର ଏକ ପାର୍ଶ୍ୱରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। କଣ୍ଟେନର୍ ଭିତରେ କ'ଣ ରହିଛି, ସମସ୍ତଙ୍କ ମନରେ ଯେଉଁ ପ୍ରଶ୍ନ ରହିଥିଲା ତାହା ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ ହୋଇଛି। ଆଶା ଆକାଂକ୍ଷାରେ ଥିବା ସ୍ଥାନୀୟ ବାସିନ୍ଦାଙ୍କ ମନରୁ ସନ୍ଦେହ ଦୂର ହୋଇଛି। କଣ୍ଟେନର୍ ଭିତରେ ଯାହା ରହିଥିଲା ସବୁ ଜିନିଷ ଦୃଶ୍ୟମାନ ହେବା ସହ ସମୁଦ୍ର ବେଳାଭୂମିରେ ଭାସିଯାଇଛି। କ୍ୟାଣ୍ଡେଲ୍ ସହ ଖାଦ୍ୟ ସାମଗ୍ରୀ, ଅଏଲ, ଗ୍ରୀସ, ପରଫ୍ୟୁମ ସହ ଅନେକ ଆବଶ୍ୟକୀୟ ସାମଗ୍ରୀ ରହିଥିଲା।

ଏନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମାଲବାହୀ ଜାହାଜ କୋଲକାତାରୁ ଇଣ୍ଡୋନେସିଆ ଯାଉଥିବା ସମୟରେ ୨ଟି କଣ୍ଟେନର୍ ଖସି ପଡ଼ିଥିବା ଜଣାପଡ଼ିଛି। ତାହା ପୁରୀ ବେଳାଭୂମିରେ ଲାଗିଥିବା ଅନୁମାନ କରାଯାଉଛି। କୋଷ୍ଟ ଗାର୍ଡ ସହ ଏନେଇ ଆଲୋଚନା କରାଯାଇଛି। କୋଷ୍ଟଗାର୍ଡ ଓ ମେରାଇନ୍ ପୋଲିସର ଯାହା ପ୍ରୋଟୋକଲ ଥିବ ସେହି ଅନୁସାରେ କାର୍ଯ୍ୟ କରିବେ। କଣ୍ଟେନର୍‌ରେ ଫାଟ ହୋଇଥିବାରୁ ଖାଦ୍ୟ ପଦାର୍ଥ ଓ ମହମବତି ବାହାରି ସମୁଦ୍ରରେ ଭାସୁଥିବା ଦେଖିବାକୁ ମିଳିଛି।

## ବିଲକୁ ମଦ ବୋତଲ ଭାଙ୍ଗି ପକାଇବାରୁ ଉତ୍ତେଜନା

ବାଲିପାଟଣା,୭।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ଅଞ୍ଚଳର ୬ ଜଣ ଯୁବକ ମଦ ପିଇ ଧାନ ବିଲରେ କାଚ ଭାଙ୍ଗି ପକାଇବାରୁ ବିଶ୍ୱନାଥପୁର ଗ୍ରାମର ଅଜିତ କୁମାର ସାହୁ ସେମାନଙ୍କୁ ବିରୋଧ କରିଥିଲେ। ପରେ ନିଶାସକ୍ତ ଅବସ୍ଥାରେ ଥିବା ଯୁବକମାନେ ଅଜିତ୍‌ଙ୍କୁ ମାଡ଼ ମାରିଥିଲେ। ଏଥିରେ ତାଙ୍କ ଗୋଡ଼ ଓ ବେକରେ ଗଭୀର ଆଘାତ ଲାଗିଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚି ଉଦ୍ଧାର କରିବା ସହ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଯାଇଛି। ବାଲିପାଟଣା ପୋଲିସ୍ ୬ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅନ୍ୟ ୪ଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ଅଜିତ୍‌ଙ୍କ ବାପା ଅଶୋକ କୁମାର ସାହୁ ଓ ଗ୍ରାମବାସୀ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

# ସରକାରୀ ସ୍କୁଲରେ ନାମଲେଖା ହାର ବୃଦ୍ଧିକୁ ଗୁରୁତ୍ୱ

### ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୨ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)




ବିଦ୍ୟାର୍ଥୀଙ୍କ ଆଲେଖ୍ୟକୁ ନେଇ ପ୍ରସ୍ତୁତ ସ୍ମରଣିକା 'ପ୍ରଜ୍ଞା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ)ର ୪୨ତମ ପ୍ରତିଷ୍ଠା ଦିବସ ଶନିବାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୋଲିସ ନିଯୁକ୍ତି ବୋର୍ଡ ଅଧ୍ୟକ୍ଷ ତଥା ଅଗ୍ନିଶମ ବାହିନୀର ପୂର୍ବତନ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଯୋଗଦେଇ ପରିଷଦର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସରକାରୀ ବିଦ୍ୟାଳୟରେ କିପରି ଅଧିକରୁ ଅଧିକ ପିଲା ନାମ ଲେଖାଇବାକୁ ଉତ୍ସାହିତ ହେବେ ସେଥିପାଇଁ ପଦକ୍ଷେପ ନେବାକୁ କହିଥିଲେ। ଏଥିସହ ସେ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦେଇ ସୃଜନଶୀଳ କାର୍ଯ୍ୟକଳାପ ଯଥା ପରିବେଶ ସୁରକ୍ଷା, କ୍ରୀଡ଼ା, ସଙ୍ଗୀତ, ବ୍ୟାୟାମ ଆଦିକୁ ପ୍ରୋତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ କହିଲେ, ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ନିଜ ଆଗ୍ରହ ମୁତାବକ ବିଷୟ ବାଛି ପିଲାମାନେ ପଢ଼ିପାରିବେ ଏବଂ ନୂତନ ପଦ୍ଧତିକୁ ଆପଣାଇ ନିଜ ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ପାଇବେ। ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ତରାଇ ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟସ୍ତରରୁ ତୃତୀୟ ଭାଷାରେ ଧନ୍ଦାମୂଳକ ଶିକ୍ଷାକୁ ବାଛିପାରିବାର ବ୍ୟବସ୍ଥା କରାଯାଇଛି। ଅଧିକରୁ ଅଧିକ ଧନ୍ଦାମୂଳକ ବିଷୟରୁ ଜ୍ଞାନ ଆହରଣ କରିବାକୁ ତରାଇ ଆହ୍ୱାନ ଦେଇଥିଲେ। ସିଏଚ୍ଏସ୍‌ଇ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଅଭିଭାଷଣରେ ପରିଷଦର ଭୂମିକା ସମ୍ପର୍କରେ କହିଥିଲେ। ପରୀକ୍ଷା ପରିଚଳନାରେ ସଫଳତା, ପାଠ୍ୟକ୍ରମରେ ପରିବର୍ତ୍ତନ, ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ସ୍ୱେଚ୍ଛାସେବୀଙ୍କ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଚିବ ଶୁଭ୍ରାବାଳା ବେହେରା ପରିଷଦର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ବହୁବିଧ ଆଲେଖ୍ୟକୁ ନେଇ ଏକ ବିଶେଷ ସ୍ମରଣିକା 'ପ୍ରଜ୍ଞା' ଉନ୍ମୋଚିତ କରାଯାଇଥିଲା। ଏଥିସହ ପ୍ରଥମଥର ପାଇଁ ଚେୟାରମ୍ୟାନ କପ୍ ବକ୍ତୃତା ପ୍ରତିଯୋଗିତା ଓ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପୂର୍ବକ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ

## ୧୬ ତାରିଖ ପର୍ଯ୍ୟନ୍ତ ବୁଲିବ ୭ ରଥ

କଟକ,୭।୯ (କାର୍ତ୍ତିକ ସାହୁ)


କଟକ ଏମ୍‌ପି ଭର୍ତ୍ତୃହରି ମହତାବ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

ମହିଳାଙ୍କୁ ଆର୍ଥିକ ସଶକ୍ତ ତଥା ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ ହୋଇଛି। ବାରବାଟୀ ଦୁର୍ଗ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ, ଡିସିପି ପ୍ରକାଶ ଆର୍, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପ୍ରମୁଖ ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରିଛନ୍ତି। ଏମ୍‌ପି ମହତାବ କହିଛନ୍ତି, ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ ଆର୍ଥିକ ସହାୟତା ପ୍ରଦାନ କରି ମହିଳାଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା। ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା। ବିଧାୟକ ସେଠୀ ସୁଭଦ୍ରା ଯୋଜନାକୁ ଯୁଗାନ୍ତକାରୀ ଯୋଜନା ଭାବେ ଅଭିହିତ କରିବା ସହିତ ଜିଲାର ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ।

ଜିଲାପାଳ ସିନ୍ଧେ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରଶାସନ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ହିତାଧିକାରୀ ବ୍ୟସ୍ତ ନ ହୋଇ ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରଗୁଡ଼ିକରେ ଅତ୍ୟଧିକ ଗହଳି ନ କରି ଶାନ୍ତିଶୃଙ୍ଖଳାର ସହ ନିର୍ଭୁଲ ଭାବେ ଫର୍ମ ପୂରଣ କରି ଦାଖଲ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଜିଲାର ୧୪ଟି ବ୍ଲକର ୧୬୨୬ ସାଧାରଣ ସେବାକେନ୍ଦ୍ର ଓ ୩୬୨ ମୋ ସେବା କେନ୍ଦ୍ରରେ ବିନା ମୂଲ୍ୟରେ ପଞ୍ଜୀକରଣ କରାଯାଉଛି।

ସୁଭଦ୍ରା ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଶନିବାରଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ୭ଟି ସଚେତନତା ରଥ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ସମେତ ବାଙ୍କୀ, ଆଠଗଡ଼, ଚୌଦ୍ୱାର ସହରାଞ୍ଚଳ, କଟକ ମହାନଗର ନିଗମ ଅଞ୍ଚଳ ଭ୍ରମଣ କରିବ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡ଼ାଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଗୋଷ୍ଠୀର ସଦସ୍ୟା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନିମେଷ


@ ଦୀପକ


@ ସନ୍ତୋଷ


@ ଗୋବର୍ଦ୍ଧନ


@ ଦିଲ୍ଲୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଘରକୁ ଘର ବୁଲି ସଦସ୍ୟ ସଂଗ୍ରହ କର


ବିଷୁବ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନ୍ୟମାନେ।

କଟକ/ ବଡ଼ମ୍ବା,୭।୯
(ଶିଳ୍ପା ପ୍ରିୟଦର୍ଶିନୀ/ ମାୟାଧର ମଲ୍ଲିକ):

## ଭାଜପାର ବୁଥ୍‌ସ୍ତରୀୟ ସଦସ୍ୟତା ଅଭିଯାନ

ଭାଜପାର ବାରବାଟୀ–କଟକ, ଚୌଦ୍ୱାର, କଟକ ଓ କଟକ ସଦର ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରୀୟ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ କଟକ ବିହାରୀବାଗ ପ୍ରଜାତନ୍ତ୍ର କାର୍ଯ୍ୟାଳୟସ୍ଥିତ ବିଷୁବ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବର୍ତ୍ତମାନ ଭାଜପାର ରାଷ୍ଟ୍ରୀୟ ମହାସଚିବ ଦୁଷ୍ୟନ୍ତ କୁମାର ଗୌତମ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବାକୁ ହେଲେ ଭାଜପାର ସଦସ୍ୟତା ଅଭିଯାନକୁ ଆଗେଇ ନେବାକୁ ହେବ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ନୟନ କିଶୋର ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କୁମାର କର, ରାଜ୍ୟ ପ୍ରବକ୍ତା ସଜ୍ଜନ ଶର୍ମା, କଟକ ସଦର ଜିଲା ସଭାପତି ରାମନାରାୟଣ ମହାନ୍ତି, ହୃଷୀକେଶ ଜେନା, ରଶ୍ମିରେଖା ଦାସ, ସ୍ମୃତି ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ବିବେକାନନ୍ଦ ନାୟକ, ଭାଗୀରଥି ଦଳେଇ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ ଓ ଲକ୍ଷ୍ମୀଧର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ବଡ଼ମ୍ବା ଭାଜପା ତରଫରୁ ସଦସ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ ହୋଇଛି। ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାକୁ ଭାଜପା ଜିଲା ସଭାପତି ରାମନାରାୟଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଧାୟକ ପ୍ରାର୍ଥୀ ସସ୍ମିତ ତ୍ରିପାଠୀ ଯୋଗଦେଇଥିଲେ। ବଡ଼ମ୍ବା ମଣ୍ଡଳ ସଭାପତି ଆଇନଜୀବୀ ସନ୍ତୋଷ କୁମାର ବେହେରା ଏଥିରେ ସଂଯୋଜନ କରି ଘରକୁ ଘର ବୁଲି ସଦସ୍ୟତା ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଥିଲେ।

# ଅବକାରୀ ଚଢ଼ାଉ: ୧,୧୫୫ ଲିଟର ଦେଶୀ ମଦ ଜବତ

କଟକ,୭।୯:(କାର୍ତ୍ତିକ ସାହୁ):

ଖୁଣ୍ଟୁଣୀ ବନାଞ୍ଚଳରେ ଥିବା ଏକାଧିକ ମଦ ଭାଟି ଉପରେ ଜିଲା ଅବକାରୀ ବିଭାଗ ଶନିବାର ଚଢ଼ାଉ କରିଛି। ପ୍ରାୟ ୫ ଫୁଟ୍ ଗଭୀର ଗାତ ଭିତରେ ୨୯୯ଟି ମଦଭର୍ତ୍ତି ପ୍ଲାଷ୍ଟିକ୍ ଜାର୍ ଠାବ ହୋଇଛି। ୩୩ଟି ଜାର୍‌ର ମଦ ଓ ୨୬୬ଟି ଜାର୍‌ରେ ପୋଚ ଥିଲା। ଜବତ ମଦ ଓ ପୋଚର ଆନୁମାନିକ ମୂଲ୍ୟ ୭ ଲକ୍ଷ ୧୧ ହଜାର ୪୫୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢାଉବେଳେ ମଦ ମାଫିଆ ଫେରାର ହୋଇଯାଇଛନ୍ତି।

ସୂଚନା ଅନୁସାରେ, ଆଠଗଡ଼ ଅବକାରୀ ଉପଅଧୀକ୍ଷକ ନିମାଇଁ ଚରଣ ସିଂହଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଓ ଖୁଣ୍ଟୁଣୀ ପୋଲିସ ମିଳିତ ଭାବେ ଖଣ୍ଡୁଆଳି, ଡାଲୁଅ, ସରସ୍ୱତୀପୁର ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରିଥିଲା। ସେଠାରୁ ଜବତ ହୋଇଥିବା ମୋଟ୍ ୧,୧୫୫ ଲିଟର ଦେଶୀ ମଦ ସହିତ ୯,୩୧୦ ଲିଟର୍ ଗୁଡ଼ ପୋଚ ନଷ୍ଟ କରାଯାଇଛି। ଏନେଇ ୩ଟି ମାମଲା ରୁଜୁ ହୋଇଥିବା ଜଣାପଡିଛି। ଆଠଗଡ଼ ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦିଆ, ଖୁଣ୍ଟୁଣୀ ଥାନା ଏସ୍‌ଆଇ ବିକାଶ ସେଠୀ, ଆଠଗଡ଼ ଉପନିରୀକ୍ଷକ ଅରୁଣ ଭୋଇ, କଟକ-୨ ଅବକାରୀ ଉପ ନିରୀକ୍ଷକ ତରୁଣ ପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ଆଜି ପହଞ୍ଚିବ ଏଆଇଜି ଟିମ୍

## ଏସ୍‌ସିବିରେ ହେବ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିରୋପଣ

କଟକ, ୭।୯(ଶିଳ୍ପା ପ୍ରିୟଦର୍ଶିନୀ):

ଏସ୍‌ସିବି ମେଡିକାଲରେ ଦ୍ୱିତୀୟ ପର୍ଯ୍ୟାୟ ଯକୃତ ପ୍ରତିରୋପଣ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବାବେଳେ ରବିବାର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଆଇଜି) ଟିମ୍ ଏସ୍‌ସିବିରେ ପହଞ୍ଚିବ। ଡାକ୍ତରୀ ଟିମ୍ ପ୍ରତିରୋପିତ ହେବାକୁ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ପ୍ରତିରୋପଣ କରାଯିବ ବୋଲି ମେଡିକାଲର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ନୟାଗଡ଼ ଅଞ୍ଚଳର ମାନସ ମୁଦୁଲିଙ୍କ ଶରୀରରେ ଯକୃତ ପ୍ରତିରୋପଣ କରାଯିବ। ତାଙ୍କ ସ୍ତ୍ରୀ ଛବି ମଲ୍ଲିକ ଯକୃତ ଦାନ କରିବେ। ଏଥିପାଇଁ ମେଡିକାଲ ପକ୍ଷରୁ ଆସନ୍ତା ସୋମବାର ତାରିଖକୁ ସମୟ ଧାର୍ଯ୍ୟ କରାଯାଇଛି। ହେଲେ ସୋମବାର ପ୍ରତିରୋପଣ ପାଇଁ ହୋଇଥିବା ପ୍ରସ୍ତୁତି କାର୍ଯ୍ୟକାରୀ ହେବ କି ନାହିଁ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗରେ ବଜାର ବନ୍ଦ

ଟିଗିରିଆ, ୭।୯(ଜାଫର ଖାଁ)

ଟିଗିରିଆ ବ୍ଲକ ନୂଆପାଟଣା ମଝିସାହିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ସାହୁ(୮୦)ଙ୍କ ଶନିବାର ପରଲୋକ ଘଟିଛି। ସ୍ୱର୍ଗତ ସାହୁ ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ବଡମ୍ବା ଗୋପପୁର ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସେ ଦୀର୍ଘ ବର୍ଷ ଧରି ନୂଆପାଟଣା ଦୁର୍ଗାବଜାର ପୂଜା କମିଟିର ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଶନିବାର ଦୁର୍ଗାବଜାର ବନ୍ଦ ରହିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ମହିଳାଗୋଷ୍ଠୀଙ୍କୁ ହସ୍ତଶିଳ୍ପ ତାଲିମ


ଅତିଥିଙ୍କ ଗହଣରେ ତାଲିମ ନେଇଥିବା ମହିଳାମାନେ।

ରଘୁନାଥପୁର,୭।୯
(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତରେ ନାବାର୍ଡ ପକ୍ଷରୁ ନବଜ୍ୟୋତି କ୍ଲବ ସାଳିଜଙ୍ଗା ଆନୁକୂଲ୍ୟରେ ମହିଳାଗୋଷ୍ଠୀଙ୍କୁ ନେଇ ଚାଲିଥିବା ୧୫ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫ ଏସ୍‌ଏଚ୍‌ଜିର ୩୦ ଜଣ ମହିଳା ଯୋଗଦେଇଥିଲେ। ଏହି ଅବସରରେ ଧାନ ଓ ନଡା ଦ୍ୱାରା ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଓ ଫଟୋଚିତ୍ର ଏବଂ ସିନେରୀ ପ୍ରସ୍ତୁତ କରିବା ସମ୍ପର୍କରେ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା। ରାଜଶ୍ରୀ ସାହୁ ତାଲିମଦାତ୍ରୀ ଭାବେ ସେମାନଙ୍କୁ ତାଲିମ ଦେଇଥିଲେ। ଉଦ୍‌ଯାପନୀ ସଭାରେ ନାବାର୍ଡ ଡିଡିଏମ୍ ବିଶ୍ୱଭୂଷଣ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତାଲିମ ନେଇ ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ସେନେଇ ଡିଡିଏମ୍ ମହାନ୍ତି ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଜଇପୁର ଶାଖା ପରିଚାଳକ ମନୋଜ କୁମାର ବେହେରା ବ୍ୟାଙ୍କରୁ ଋଣ ନେଇ ନିଜ ଉଦ୍ୟୋଗରେ ବିନିଯୋଗ କରିବା ପାଇଁ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଧାନ ଓ ନଡାରୁ ପ୍ରସ୍ତୁତ ସାମଗ୍ରୀ ମାର୍କେଟିଂ ପାଇଁ ନାବାର୍ଡ ଦ୍ୱାରା ପରିଚାଳିତ ମାର୍ଟ, ବିଭିନ୍ନ ଗିଫ୍ଟ ଦୋକାନ ଏବଂ ଅଫ୍‌ଲାଇନ ଓ ଅନଲାଇନ ମାଧ୍ୟମରେ କିପରି ବିକ୍ରି ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନବଜ୍ୟୋତି କ୍ଲବ ସମ୍ପାଦକ କ୍ଷୀରୋଦ କୁମାର ଦାଶ ସଭା ପରିଚାଳନା କରିଥିବାବେଳେ ସଂଯୋଜକ ମନରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ମନ ମୁଗ୍ଧକଲା ଅରୁଣଙ୍କ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ

## ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)


ଖ୍ୟାତନାମା କଣ୍ଠଶିଳ୍ପୀ କଲାଇମାମଣି ଓ.ଏସ୍. ଅରୁଣ କର୍ନାଟକୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ନାଟକୀ କଣ୍ଠଶିଳ୍ପୀ କଲାଇମାମଣି ଓ.ଏସ୍. ଅରୁଣଙ୍କ ପରିବେଷଣ ଉପସ୍ଥିତ ଅତିଥି, ଶ୍ରୋତାଙ୍କ ମନକୁ ମୁଗ୍ଧ କରିଦେଇଥିଲା। ବେହେଲାରେ ଡ. ବୈଦ୍ରୀନାରାୟଣନ, ମୃଦଙ୍ଗମ୍‌ରେ ଏମ୍‌ଏସ୍ ଭେଙ୍କଟ ସୁବ୍ରମଣ୍ୟମ୍ ଏବଂ ତବଲାରେ ଇଂ. ମାର୍ଟିନ ପ୍ରଥମେ ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗୀତଜ୍ଞଙ୍କ କଣ୍ଠର ଯାଦୁକରି ସ୍ୱର୍ଶ ଓ ବାଦ୍ୟଶିଳ୍ପୀଙ୍କ ଧ୍ୱନିର ସମନ୍ୱୟରେ ପରିବେଶ ବେଶ୍ ଉତ୍ସବମୁଖର ହୋଇଉଠିଥିଲା। ବିଶେଷକରି ଭକ୍ତିର ମହତ୍ତ୍ୱକୁ ଶାସ୍ତ୍ରୀୟତା ସହିତ ମିଶ୍ରଣ କରିଥିଲେ ଶିଳ୍ପୀ ଅରୁଣ, ଯାହା ଶ୍ରୋତାଙ୍କୁ ଏକ ନିଆରା ଅନୁଭବ ଦେଇଥିଲା।

ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ରଚୟିତା ଗୁରୁ ଡ. ମହେଶ୍ୱର ରାଓ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ, ସଙ୍ଗୀତ ରଚୟିତା ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କଳା ପରିବେଷଣ ବିଭାଗର ଅଧ୍ୟାପକ ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ. ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଅଧ୍ୟାପକ ପ୍ରଫେସର ଡ. ରବିନାରାୟଣ ଶତପଥୀ, ବରିଷ୍ଠ ଆଇନଜୀବି ତଥା ରାଜନେତା ପ୍ରିୟରଞ୍ଜନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି।

# ସଂପୁର ନୂଆଁଖାଇ ମହୋତ୍ସବ ଭେଟ୍‌ଘାଟ୍ ଆଜି

ବୋଲଗଡ଼,୭।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ସଂପୁର ଗ୍ରାମ, ଯାହା ରାଜରାଜୁଡ଼ା ସମୟରେ ପାଞ୍ଚଗଡ଼ ରାଜ୍ୟର ରାଜଧାନୀ ଥିଲା। ୧୮୦୫ ମସିହାରେ ସମ୍ବଲପୁର ରାଣୀ ମୁକ୍ତା ଦେଈ ଏହି ପାଞ୍ଚଗଡ଼ରେ ଶାସିକା ଥିଲେ। ସମ୍ବଲପୁର ପରମ୍ପରା ଅନୁସାରେ ରାଣୀ ମୁକ୍ତା ଦେଈ ପ୍ରସିଦ୍ଧ ନୂଆଁଖାଇ ପର୍ବକୁ ସେତେବେଳେ ସଂପୁର ଗ୍ରାମରେ ପାଳନ କରୁଥିଲେ। ଏହି ପର୍ବକୁ ଉତ୍ସାହର ସହ ଗ୍ରାମବାସୀ ଏବେ ବି ପାଳନ କରୁଛନ୍ତି। ରୀତିନୀତି ଓ ବିଧି ଅନୁସାରେ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସଂପୁର ଗ୍ରାମରେ ନୂଆଁଖାଇ ପର୍ବକୁ




ବଡ଼ ପର୍ବ ଭାବେ ଗ୍ରାମବାସୀ ପାଳନ କରିଆସୁଛନ୍ତି। ଓଡ଼ିଶାର ସମ୍ବଲପୁର ଜିଲାରେ ପ୍ରସିଦ୍ଧ ଗଣପର୍ବ ନୂଆଁଖାଇ ପର୍ବକୁ ପାଳନ କରୁଥିବା ବେଳେ ପୂର୍ବ ଓଡ଼ିଶାର କେବଳ ସଂପୁର ଗ୍ରାମରେ ଏହା ପାଳନ କରାଯାଇଥାଏ। ପ୍ରତିବର୍ଷ ଭଳି ବିଧି ଅନୁସାରେ ଜ୍ୟୋତିଷଙ୍କ ଦ୍ୱାରା ଗଣନା କରାଯାଇ ନୂଆଁଖାଇ ଭୋଗଲାଗି ସମୟ ନିର୍ଘଣ୍ଟ, ନୂଆଧାନ ଖୋଜା, ଚାଉଳ ପ୍ରସ୍ତୁତି ନୂଆଚୁଡ଼ା ବଣ୍ଟନ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ସଂପୁର ଗ୍ରାମରେ ୧୦ ହଜାର ଜନସଂଖ୍ୟା ଥିବାବେଳେ ଏହି ଦିନରେ ସପରିବାର ଉପସ୍ଥିତ ରୁହନ୍ତି। ଉକ୍ତ ଦିନ ଗ୍ରାମର ସମସ୍ତ ଦେବଦେବୀ ଯଥା ପୁରାତନ ମଠ କୁଞ୍ଜବିହାରୀ ଦେବ, ପଥରଚକଡା ହନୁମାନ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ନୟାପାଟଣାସ୍ଥିତ ରଘୁନାଥ ମନ୍ଦିର, ବାଉତୀ ଠାକୁରାଣୀ ମନ୍ଦିରରେ ସ୍ୱତନ୍ତ୍ର ନୂଆଁଖାଇ ଭୋଗ ଲାଗି କରାଯାଉଥିବା ବେଳେ ଶୈବପୀଠ ବାଲୁଙ୍କେଶ୍ୱର ମନ୍ଦିରଠାରେ ପରମ୍ପରା ଅନୁସାରେ ସ୍ୱର୍ଗତ ପଦ୍ମଚରଣ ଦେଓ ମହାପାତ୍ରଙ୍କ ପରିବାର ବଂଶାନୁକ୍ରମେ ନୂଆଁଖାଇ ପର୍ବର ପରିଚାଳନା କରିଆସୁଛନ୍ତି। ଏହି ପର୍ବ ପାଳନ ପାଇଁ ରବିବାର ପୂର୍ବାହ୍ନରେ ସମସ୍ତ ଗ୍ରାମବାସୀ ବାଲୁଙ୍କେଶ୍ୱର ମନ୍ଦିରଠାରେ ଏକତ୍ରିତ ହେବେ। ସଂପୁର ନୂଆଁଖାଇ ମହୋତ୍ସବ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଭେଟ୍‌ଘାଟ୍-୨୦୨୪ ନାମରେ ନାମିତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ କଳାକାର ଦଳଙ୍କ ପ୍ରଦର୍ଶନ ସହ ଅତିଥିମାନଙ୍କ ସ୍ୱାଗତ ସମ୍ଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ସାମାଜିକ କର୍ମୀ ନିରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ହସ୍ପିଟାଲରେ ୨ ଯୁବକଙ୍କ ଉନ୍ମତ୍ତକାଣ୍ଡ

### ଡାକ୍ତର, କର୍ମଚାରୀଙ୍କୁ ଗାଳିଗୁଲଜ ଅଭିଯୋଗ

ଟାଙ୍ଗୀ,୭।୯(ରଘୁନାଥ ସାହୁ)

ନୟାଗଡ଼ ଜିଲା ଚାନ୍ଦପୁର ସ୍ଥିତ ବସନ୍ତ ମଞ୍ଜରୀ ଜେନେରାଲ ହସ୍ପିଟାଲରେ ଗତ ଗୁରୁବାର ରାତିରେ ଦୁଇ ଜଣ ଯୁବକ ଉନ୍ମତ୍ତକାଣ୍ଡ ଘଟାଇବା ସହ କାର୍ଯ୍ୟରତ ଡାକ୍ତର ଏବଂ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଡା. ପି.କେ ଚିନାରାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗୁରୁବାର ରାତିରେ ଚାନ୍ଦପୁର ଥାନା ଅଧୀନ ମୟୂରଝାଲିଆ ଗ୍ରାମର ଜଣେ ବ୍ୟକ୍ତି ଚିକିତ୍ସା ନିମନ୍ତେ ବସନ୍ତମଞ୍ଜରୀ ଜେନେରାଲ ହସ୍ପିଟାଲକୁ ଆସିଥିଲେ। ତାଙ୍କ ସହିତ ଉକ୍ତ ଗ୍ରାମର ଦୁଇ ଜଣ ଯୁବକ ମଧ୍ୟ ଆସିଥିଲେ। କୌଣସି କାରଣକୁ ନେଇ ହଠାତ୍ ଯୁବକଦ୍ୱୟ ଡାକ୍ତର ଏବଂ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ଯୁବକଦ୍ୱୟ ନିଜକୁ ଖବରଦାତା ଦର୍ଶାଇ ଆମେ ଯାହା ଚାହିଁବୁ କରିବୁ କହି ମୋବାଇଲରେ ଭିଡିଓ କରିଥିଲେ। ଏଥିସହ ମେଡିକାଲର ଡ୍ରେସିଂ ରୁମରେ ଥିବା ବ୍ୟବହୃତ ସାମଗ୍ରୀ ଫିଙ୍ଗା ଫୋପାଡ଼ା କରିଥିଲେ। ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡ ନିୟୋଜିତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିଲେ। ଏ ସମ୍ପର୍କରେ ଡା. ପି.କେ ଚିନାରା ଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯାତ୍ରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ, ୭।୯(ସଂଗ୍ରାମ ପାଇକରାୟ): ବାଲୁଗାଁ ଷ୍ଟେଶନଠାରେ ଶନିବାର ରେଳ ବିଭାଗ ପୋଲିସ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ଏକମାସ ମଧ୍ୟରେ ବାଲୁଗାଁ ରେଳଷ୍ଟେଶନର ୧ନଂ. ପ୍ଲାଟ୍‌ଫର୍ମରୁ ୪ନଂ. ପ୍ଲାଟ୍‌ଫର୍ମକୁ ଯାତ୍ରୀମାନେ ବିପଜ୍ଜନକ ଭାବେ ରେଳଧାରଣା ଅତିକ୍ରମ କରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଏକାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ରେଲ୍‌ୱେ ପୋଲିସର ବାରମ୍ବାର ବାରଣ ସତ୍ତ୍ୱେ ଯାତ୍ରୀମାନେ ନିଜ ଜୀବନକୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବାଲୁଗାଁ ଆର୍‌ପିଏଫ୍ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟ ଏବଂ ସବ୍‌ଇନ୍‌ସ୍ପେକ୍ଟର କେ.ସି. ସାହୁଙ୍କ ତତ୍ତ୍ୱାବଧାନରେ ଡାକବାଜି ଯନ୍ତ୍ର ଓ ବ୍ୟାନର ମାଧ୍ୟମରେ ଯାତ୍ରୀଙ୍କ ସୁରକ୍ଷା ନିମିତ୍ତ ବିଭିନ୍ନ ସଚେତନମୂଳକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିପଜ୍ଜନକ ଭାବେ ରେଳଧାରଣା ପାରି ନ ହୋଇ ଫୁଟ୍ ଓଭରବ୍ରିଜ୍‌ରେ ଯାତାୟାତ କରିବା, ଚଳନ୍ତା ଟ୍ରେନ୍‌ରୁ ଓହ୍ଲାଇବା କିମ୍ବା ଚଢ଼ିବାରୁ ନିବୃତ୍ତ ରହିବା, ରେଳ ଫାଟକ ପଡ଼ିଥିବା ସମୟରେ ଅବାଧ ପ୍ରବେଶ ନ କରିବା, ଚଳନ୍ତା ଟ୍ରେନ୍‌କୁ ପଥର ନ ଫୋପାଡ଼ିବା, ସର୍ବଦା ଟିକେଟ କାଟି ଯାତ୍ରା କରିବା, ନିଜ ସାମଗ୍ରୀ ପ୍ରତି ସତର୍କ ଦୃଷ୍ଟି ରଖିବା ଏବଂ ଯାତ୍ରା ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ତୁରନ୍ତ ନିକଟ ରେଳବିଭାଗୀୟ ପୋଲିସ କିମ୍ବା ହେଲ୍ପଲାଇନ ଟୋଲ୍ ଫ୍ରି ନଂ.୧୩୯ରେ କଲ୍ କରିବାକୁ ଯାତ୍ରୀଙ୍କୁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲୁଗାଁରେ କାର୍ଯ୍ୟରତ ସମସ୍ତ ରେଳ ସୁରକ୍ଷା ବାହିନୀ ସାମିଲ ଥିଲା।

## ଜିଲାରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ

ଖୋର୍ଦ୍ଧା, ୭।୯(ପ୍ରଭାତ ପାଣିଗ୍ରାହୀ)

ସୁଭଦ୍ରା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଖୋର୍ଦ୍ଧା ଜିଲାରେ ସଚେତନତା ରଥ ବୁଲିବ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପତାକା ଦେଖାଇ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଜିଲାର ୬ ବ୍ଲକରେ ୩ଟି ରଥ ପରିକ୍ରମା କରି ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟମଣ୍ଡିତ ପ୍ରଧାନ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀବାଳା ଜେନା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଏସ୍‌ଏଚ୍‌ଜି ବ୍ଲକ ସଭାପତି, ସମ୍ପାଦକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଥିଲେ, ସୁଭଦ୍ରା ଯୋଜନା



ସମ୍ପର୍କରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଲୋକଙ୍କୁ ଏହି ରଥ ସଚେତନ କରିବ। ସୁଭଦ୍ରା ଯୋଜନା ଫର୍ମ ଆବେଦନ ଗ୍ରହଣ ଚାଲିଛି। ସୁଭଦ୍ରା ଯୋଜନା ପଞ୍ଜୀକରଣ ମୋ ସେବାକେନ୍ଦ୍ର ଓ ଜନସେବା କେନ୍ଦ୍ରରେ କରିପାରିବେ। ପଞ୍ଜୀକରଣ ସମୟରେ ଆବେଦନକାରୀଙ୍କ ଠାରୁ କୌଣସି ଅର୍ଥ ଆଦାୟ କରାଯିବ ନାହିଁ। ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିଛି। ଯଦି କୌଣସି ସ୍ଥାନରେ ଅର୍ଥ ଆଦାୟ କରାଯାଉଥିବ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଯୋଜନା ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ଦେୟମୁକ୍ତ ନମ୍ବର ୧୪୬୭୮କୁ ଯୋଗାଯୋଗ କରିପାରିବେ। ସୁଭଦ୍ରା ଫର୍ମ ଦାଖଲ ପାଇଁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ୍ ହୋଇ ନ ଥିଲେ ମଧ୍ୟ ମୁହଁ କିମ୍ବା ଟିପ ଚିହ୍ନ, ଆଖି ସ୍କାନିଂ ମାଧ୍ୟମରେ ଆଧାର ପ୍ରମାଣୀକରଣ କରାଯାଇପାରିବ। ତେଣୁ ସୁଭଦ୍ରା ଫର୍ମ ଦାଖଲ ପାଇଁ ମୋବାଇଲ ନମ୍ବର ଆଧାର ଲିଙ୍କ୍ ପାଇଁ ବ୍ୟସ୍ତ ହୋଇ ଗହଳି ନ କରି ବିନା ମୋବାଇଲ ନମ୍ବର ଲିଙ୍କ୍‌ରେ ମଧ୍ୟ ଆବେଦନପତ୍ର ପୂରଣ କରି ଦାଖଲ କରିପାରିବେ।

## ଜଙ୍ଗଲରେ ମହାବଳ ବାଘ ବୁଲୁଥିବା ଘଟଣା ମିଥ୍ୟା

ବାଣପୁର, ୭।୯(ଦିଲ୍ଲୀପ କୁମାର ସ୍ୱାଇଁ)

କିଛିଦିନ ଧରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବରବରା ଜଙ୍ଗଲରେ ଏକ ମହାବଳ ବାଘ ବୁଲୁଥିବା ନେଇ ଚର୍ଚ୍ଚା ହେଉଥିଲା। ଗତ ୨ତାରିଖରେ ବାଣପୁର ବ୍ଲକ୍ ନୀଳାଦ୍ରିପ୍ରସାଦ ପଞ୍ଚାୟତରେ ବାଘଟି ଗୋଟିଏ ଛେଳିକୁ ମାରି ଖାଇଦେବା ଘଟଣା ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ୍ ହୋଇଥିଲା। ଫଳରେ ବରବରା ଜଙ୍ଗଲ ମଧ୍ୟରେ ଥିବା ଦୁଇଟି ପଞ୍ଚାୟତର ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଥିଲା। ଏ ସମ୍ପର୍କରେ ନୀଳାଦ୍ରିପ୍ରସାଦ ସରପଞ୍ଚ ଉମାକାନ୍ତ ସାହୁ କହିଛନ୍ତି, ଘଟଣା ସମ୍ପୂର୍ଣ୍ଣ ମନଗଢ଼ା ଓ ଉଡ଼ା ଖବର। ଗତ ୧୨ବର୍ଷ ଧରି ନୀଳାଦ୍ରି କିମ୍ବା ବରବରା ଜଙ୍ଗଲରେ କୌଣସି ବାଘ ନ ଥିବା ବନ ବିଭାଗ ସ୍ପଷ୍ଟ କରିଛି। ଏପରି ମିଥ୍ୟା ଖବର କରୁଥିବା ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥ କିମ୍ବା ମୂଲ୍ୟବାନ କାଠ କାଟି ଲୁଟିବା ଉଦ୍ଦେଶ୍ୟରେ ପ୍ରସାର କରୁଥିବା ବନବିଭାଗ ଅଧିକାରୀ ପ୍ରତାପ କୁମାର ମହାନ୍ତି କହିଛନ୍ତି।

## ମନ ମୁଗ୍ଧକଲା ଅରୁଣଙ୍କ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ



୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

**୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା**

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ନାଟକୀ କଣ୍ଠଶିଳ୍ପୀ କଲାଇମାମଣି ଓ.ଏସ୍. ଅରୁଣଙ୍କ ପରିବେଷଣ ଉପସ୍ଥିତ ଅତିଥି, ଶ୍ରୋତାଙ୍କ ମନକୁ ମୁଗ୍ଧ କରିଦେଇଥିଲା। ବେହେଲାରେ ଡ. ବୈଦ୍ରୀନାରାୟଣନ, ମୃଦଙ୍ଗମ୍‌ରେ ଏମ୍‌ଏସ୍ ଭେଙ୍କଟ ସୁବ୍ରମଣ୍ୟମ୍ ଏବଂ ତବଲାରେ ଇଂ. ମାର୍ଟିନ ପ୍ରଥମେ ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗୀତଙ୍କ କଣ୍ଠର ଯାଦୁକରି ସ୍ୱର୍ଶ ଓ ବାଦ୍ୟଶିଳ୍ପୀଙ୍କ ଧ୍ୱନିର ସମନ୍ୱୟରେ ପରିବେଶ ବେଶ୍ ଉତ୍ସବମୁଖର ହୋଇଉଠିଥିଲା। ବିଶେଷକରି ଭକ୍ତିର ମହତ୍ତ୍ୱକୁ ଶାସ୍ତ୍ରୀୟତା ସହିତ ମିଶ୍ରଣ କରିଥିଲେ ଶିଳ୍ପୀ ଅରୁଣ, ଯାହା ଶ୍ରୋତାଙ୍କୁ ଏକ ନିଆରା ଅନୁଭବ ଦେଇଥିଲା। ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ରଚୟିତା ଗୁରୁ ଡ. ମହେଶ୍ୱର ରାଓ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ, ସଙ୍ଗୀତ ରଚୟିତା ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କଳା ପରିବେଷଣ ବିଭାଗର ଅଧ୍ୟାପକ ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ, ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଅଧ୍ୟାପକ ପ୍ରଫେସର ଡ. ରବିନାରାୟଣ ଶତପଥୀ, ବରିଷ୍ଠ ଆଇନଜୀବି ତଥା ରାଜନେତା ପ୍ରିୟରଞ୍ଜନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି।

## ପୂର୍ବତନ ବଣିକ ସଂଘ ସଭାପତି ନବଘନଙ୍କ ସ୍ମୃତିଚାରଣ

ନିରାକାରପୁର, ୭।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ବଣିକ ସଂଘର ପୂର୍ବତନ ସଭାପତି ନବଘନ ପରିଡ଼ାଙ୍କ ସ୍ମୃତିଚାରଣ ସଭା ନିରାକାରପୁର ସାହିଠାରେ ଥିବା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ପରିଚାଳନା କରିଥିଲେ। ଅପର୍ତ୍ତି ଜେନା, ବାଲୁଙ୍କେଶ୍ୱର ବିଶ୍ୱାଳ, ସତ୍ୟବାଦୀ ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲ୍‌ଟାସିଂହ, ଖୋର୍ଦ୍ଧା ବିଜୁ ଜନତା ଦଳର ଉପସଭାପତି ବିପିନ କୁମାର ଜୟସିଂହ, ବିଦ୍ୟୁଭୂଷଣ ମହାରଣା, ଶିକ୍ଷାବିତ୍ ରମାକାନ୍ତ ପୁରୋହିତ, ଶଙ୍କର୍ଷଣ ପ୍ରଧାନ, ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହଙ୍କ ସମେତ ବହୁତ ବିଶିଷ୍ଟବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିଚାରଣ କରିଥିଲେ। ବଣିକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ରଜନୀକାନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଆଇନଜୀବୀ ବିଶ୍ୱନାଥ ଜୋଷୀଙ୍କ ପରଲୋକ

ଜଟଣୀ, ୭।୯(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ଅଞ୍ଚଳର ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ଜୋଷୀଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ



ହୋଇଥିଲା। ସେ ବହୁ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ନଗରପାଳ ଅନନ୍ତ ବେହେରା, ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, କଂଗ୍ରେସ ନେତା ଡ. ସନ୍ତୋଷ ଜେନା, ବିଶ୍ୱରଞ୍ଜନ ମହାନ୍ତି, ସୁରେଶ କୁମାର ରାଉତରାୟ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ମାର୍‌ୱାଡ଼ି ଶ୍ମଶାନରେ ଶନିବାର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଶ୍ୟାମ ଜୋଷୀ ମୁଖାଗ୍ନି ଦେଇଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କ ବିୟୋଗରେ ଶୋକ

ନିରାକାରପୁର, ୭।୯(ମାନସ ଚନ୍ଦ୍ର ପଟ୍ଟନାୟକ): ନିରାକାରପୁର ନନପଡ଼ା ସାହି ପଦ୍ମପୁରର ସଞ୍ଜୁକ୍ତା ସାମନ୍ତରାୟଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ କଣାସ ବ୍ଲକ ଦୋଛଆଁ ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ନିକଟରେ ସ୍ୱାମୀ, ବଡ଼ପୁଅ ବୋହୂ, ସାନପୁଅ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଘାଟିତ

ନିରାକାରପୁର, ୭।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଗଣେଶ ପୂଜା ଉପଲକ୍ଷେ ଜଙ୍କିଆ ଓଁଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆରେ ତ୍ରୟୋଦଶତମ ଜଙ୍କିଆ ପଲ୍ଲୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଏମ୍‌ଏମ୍ ଡ୍ୟାନ୍ସ ଗ୍ରୁପ୍ ଭୁବନେଶ୍ୱରର ଗଣେଶ ବନ୍ଦନା ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁରୂପଭାବେ କୁହୁଡ଼ିର ପାଇକ ଆଖଡ଼ା, ଲୋକାଲ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ସାଂସ୍କୃତିକ ସଭା ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ




ଜଙ୍କିଆ ପଲ୍ଲୀ ଉତ୍ସବ ଉଦ୍‌ଘାଟନ ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଅନ୍ୟ ଅତିଥି।

ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ, ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦଳାଇ, ଏମ୍‌ପିଙ୍କ ପ୍ରତିନିଧି ଦିଲୀପ କୁମାର ହୋତା, ଖୋର୍ଦ୍ଧା ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ମାର୍ଥା, ଭାଜପା ନେତା କାଳୁଚରଣ ଜଗଦେବ, ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। କମଲେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। କେଦାରେଶ୍ୱର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, କୁଳଦୀପ ଛୋଟରାୟ, ରମାକାନ୍ତ ସାମନ୍ତରାୟ, ଇନ୍ଦ୍ରଜିତ ଦାସ, ବିଶ୍ୱରଞ୍ଜନ ମଲ୍ଲ, ରାଜେଶ ପାତାଳସିଂ ପ୍ରମୁଖ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ। ଘରକରଣା ସାମଗ୍ରୀଠାରୁ ଆରମ୍ଭକରି କଶ୍ମୀର ଲଙ୍କା, ମଥୁରା କେକ୍, ଗୁପ୍‌ଚୁପ୍, ଚାଟ୍ ଆଦି ଚଟପଟି ଖାଦ୍ୟଷ୍ଟଲ୍ ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଜମୁଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନିମେଷ



@ ଦୀପକ



@ ସନ୍ତୋଷ



@ ଗୋବର୍ଦ୍ଧନ



@ ଦିଲୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଉତ୍କଳ ହସ୍ପିଟାଲରେ ପ୍ରଥମ ଅଙ୍ଗଦାନ, ପ୍ରତିରୋପଣ ସଫଳ

ଭୁବନେଶ୍ୱର,୭।୯ (ଅନୁରାଧା ମହାରଣା)

**ଅଙ୍ଗଦାନ କରିଥିବା ମୃତ ବିକାଶ କୁମାର ସାହୁଙ୍କୁ ଗାର୍ଡ ଅଫ୍ ଅନର**



ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ମଲ୍ଟିସ୍ପେଶାଲିଟି ଉତ୍କଳ ହସ୍ପିଟାଲରେ ପ୍ରଥମ ଅଙ୍ଗଦାନ ଓ ପ୍ରତିରୋପଣ ସଫଳ ହୋଇଛି। ଖୋର୍ଦ୍ଧା ତାଳତୋଳା ନିବାସୀ ୩୧ ବର୍ଷୀୟ ବିକାଶ କୁମାର ସାହୁ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇ ଉତ୍କଳ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମସ୍ତିଷ୍କର ଡାହାଣ ପାର୍ଶ୍ୱରେ ରକ୍ତସ୍ରାବ ହୋଇଥିଲା। ତେବେ ହସ୍ପିଟାଲର ନ୍ୟୁରୋ ସର୍ଜନ ଡା. ସିଦ୍ଧାର୍ଥ ଶଙ୍କର ସାହୁଙ୍କ ନେତୃତ୍ୱରେ ଡା. ବିଶ୍ୱବିକାଶ ମହାନ୍ତି ଓ ଡା. ରଣଧୀର ମିତ୍ରଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ବିକାଶଙ୍କ ଜୀବନ ରକ୍ଷା କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲା। ହେଲେ ବଞ୍ଚାଇବା ସମ୍ଭବ ନ ହେବାରୁ ଶେଷରେ ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ରୋଗୀଙ୍କ ପରିବାର ଲୋକେ ତାଙ୍କ ଅଙ୍ଗ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ହସ୍ପିଟାଲର ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କ ଯକୃତକୁ ସେଠାରେ ଚିକିତ୍ସିତ ହେଉଥିବା ଯକୃତ ସିରୋସିସ୍ ରୋଗରେ ପୀଡ଼ିତ ରୋଗୀଙ୍କଠାରେ ସଫଳତାର ସହ ପ୍ରତିରୋପଣ କରିଥିଲେ। ଏହି ଜଟିଳ ଯକୃତ ପ୍ରତିରୋପଣ ପ୍ରକ୍ରିୟା ଡା. ସତ୍ୟପ୍ରକାଶ ରାୟଚୌଧୁରୀଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା। ଅନ୍ୟପଟେ ଅଙ୍ଗଦାନ କରିଥିବା ମୃତ ବିକାଶ କୁମାରଙ୍କୁ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଡା. ସିଦ୍ଧାର୍ଥ ଶଙ୍କର ସାହୁ, ଡ. ରଣଧୀର ମିତ୍ର, ଡା. ବିଶ୍ୱ ବିକାଶ ମହାନ୍ତି, ସିଓଓ ଶ୍ରୀମାନବ, ଡା. ଆକାଶ ଗୁପ୍ତା, ଉତ୍କଳ ହସପିଟାଲର ବ୍ୟବସାୟିକ ମୁଖ୍ୟ ସୁବାସ ଚନ୍ଦ୍ର ପତିଙ୍କ ସହ ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀ ଶେଷ ସମ୍ମାନ ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହସ୍ପିଟାଲର କର୍ମଚାରୀମାନେ ତାଙ୍କ ଆତ୍ମାର ସମ୍ମାନାର୍ଥେ ଏକ ମାନବ ଶୃଙ୍ଖଳ କରିଥିଲେ। ଏଥିସହ ହସ୍ପିଟାଲ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏହି ମହତଦାନ ନିଷ୍ପତ୍ତି ନେଇଥିବା ବିକାଶଙ୍କ ପରିବାରବର୍ଗଙ୍କୁ ଉତ୍କଳ ହସ୍ପିଟାଲର ପରିଚାଳନା କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।


ପୁରୀ କୁଣ୍ଡେଇବେଣ୍ଟ ସାହିରେ ନାଗା ଗଣେଶ ।


ପଞ୍ଚୁଚଉରା ଛକରେ ପଞ୍ଚମୁଖୀ ଗଣେଶ ।


ପେଣ୍ଠକଟାରେ ୩୫ ଫୁଟ ଗଣେଶ ।


ନିମାପଡା ଗୋପୀଠପାଟଣାର ଗଣେଶ ।


ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା ।


ନୟାହାଟ


କୋଣାର୍କ


ଗୋପ କୁଶୁପୁର ପାରମାଣିକ ଯୁବକ ସଂଘ ।


ବଳଙ୍ଗା


ନିମାପଡା ବଡ଼ବଜାର ବ୍ୟବସାୟୀ ସଂଘ ପୂଜା କମିଟି ।


ନିମାପଡା ବଡ଼ବଜାର ବିନାୟକ ପୂଜା କମିଟି ।


ପିପିଲି ବଜାର ବ୍ୟବସାୟୀ ସଂଘ ।


ସାକ୍ଷୀଗୋପାଳ ବଡ଼ବଜାରର ବୁଢା ଗଣେଶ ।


ଚାରିଛକ ।

# ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ପାଇଛନ୍ତି ଏକାଧିକ ଶିକ୍ଷୟିତ୍ରୀ ଶିକ୍ଷକ

**ଗୋପ,୭।୯(ଭାରତୀ ଭୂଷଣ ଉପାଧ୍ୟାୟ)**

**ଠକେଇ ମାମଲା**

ଗୋପ ଥାନା ଅଧୀନ ନୟାହାଟ ଜଙ୍ଗଲ ବୋରି ପଞ୍ଚାୟତ ପାତ୍ରସାହି ଗ୍ରାମରୁ କୋଣାର୍କ ଅଞ୍ଚଳର ଫିରୋଜ ଖାଁ ନାମକ ଜଣେ ଯୁବକ କ୍ରାଇମବ୍ରାଞ୍ଚ ପୋଲିସ ଦ୍ୱାରା ଗିରଫ ହେବା ପରେ ଏବେ ବ୍ଲକର ବିଭିନ୍ନ ସ୍କୁଲରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ରାକେଟର ପର୍ଦ୍ଦାଫାଶ ହେବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, କିଛିଦିନ ଧରି କୋଟି କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ପୋଲିସ ଭଡ଼ାରେ ରହୁଥିବା ଫିରୋଜଙ୍କୁ ୩ ତାରିଖ ବିଳମ୍ବିତ ରାତିରେ ଗିରଫ କରିଥିଲା। ଏଭଳି ଖବର ସମ୍ପର୍କରେ ସତ୍ୟ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ଖବର ଦେବା ପରେ ଭଡ଼ା ଘର ମାଲିକ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଫିରୋଜ ଜଣେ ଟିଉଶନ ଶିକ୍ଷକ ଭାବରେ ଜଣାଶୁଣା ଥିବାବେଳେ ବ୍ଲକ ଅଞ୍ଚଳରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜାଲ୍ ସାର୍ଟିଫିକେଟ ଦେଇଥିବା ଜଣାପଡ଼ିଛି। ଏହି ଜାଲ୍ ସାର୍ଟିଫିକେଟ ମାମଲାରେ ଅଞ୍ଚଳରେ ଥିବା ଏକାଧିକ ଶିକ୍ଷୟିତ୍ରୀ ଶିକ୍ଷକ ମଧ୍ୟ ଥିବା ସୂଚନା ମିଳିଛି। ଫିରୋଜଙ୍କ ଗିରଫ ପରେ ଜାଲିଆତି କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଗୋପ ଶିକ୍ଷା ବିଭାଗ ଅଧୀନ ବନାଖଣ୍ଡି, ଅଣ୍ଡରା-ଇଚ୍ଛାପୁର, ଶୋରଭା, ଧୂମାଳ ପଞ୍ଚାୟତ ସହ ଆଉ କେତେକ ପଞ୍ଚାୟତରେ ଏହି ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲରେ ଚାକିରି କରିଥିବା ଜଣାପଡ଼ିଛି। ଗୋପ ଶିକ୍ଷା ବିଭାଗ ଅଧୀନରେ ୨୦ରୁ ଊର୍ଦ୍ଧ୍ୱ ଜାଲ ସାର୍ଟିଫିକେଟରେ ଚାକିରି କରିଥିବାବେଳେ ୪/୫ ଜଣ ମଧ୍ୟ ଅବସର ନେଇଥିବା ସୂଚନା ରହିଛି। ମାତ୍ର ଏଭଳି ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରା ଯାଉଥିବାବେଳେ ସେହି ଫାଇଲ ଏବେ ବନ୍ଦ ଥିବା ଜଣାପଡ଼ିଛି। ବନାଖଣ୍ଡି ପଞ୍ଚାୟତରେ ଥିବା ଜଣେ ଶିକ୍ଷୟିତ୍ରୀ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବାବେଳେ ଅବସର ନେବା ଲାଗି ମଧ୍ୟ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ଘଟଣାର ୨ ଦିନ ପରେ ଆକ୍ରମଣକାରୀ ଘର ମାଲିକ ଫାଣ୍ଡିରେ ଏକ ଅଭିଯୋଗ କରିଥିବାବେଳେ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ

# ସହରର ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜନ ଉତ୍ସବ

**ପୁରୀ,୭।୯(ଅଜିତ୍ କୁମାର ମହାନ୍ତି)**

ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଶନିବାର ଅବସରରେ ପୁରୀ ସହରର ବିଭିନ୍ନ ଅନୁଷ୍ଠାନ, ସମିତି, କ୍ଲବମାନଙ୍କରେ ଅଗ୍ରପୂଜ୍ୟଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରରେ ଥିବା ବ୍ୟବସାୟିକ ଅନୁଷ୍ଠାନ ଏବଂ ବିଭିନ୍ନ ସମିତି ପକ୍ଷରୁ ପ୍ରଭୁ ଗଜାନନଙ୍କ ବିଶାଳକାୟ ମୂର୍ତ୍ତି ପୂଜା ପାଉଛନ୍ତି। ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବଡ଼ଦାଣ୍ଡସ୍ଥିତ ମୋତିଚାନ୍ଦ ବଜାର, ମରୀଚିକୋଟ ସ୍ଥିତ ଅଶୋକ ବିନାୟକ ସମିତି, ମରୀଚିକୋଟ ବିନାୟକ ସମିତି, ମାର୍କେଟଛକସ୍ଥିତ ନୀଳଗିରି ଚାର ଗଣେଶ, ମାର୍କେଟ ଛକସ୍ଥିତ ଗଣେଶ ଗୁରୁଜ ଯାଗା ଗଣପତି ସମିତି, ବଳଗଣ୍ଡି ଗଣପତି ସମିତି, କୁଣ୍ଡେଇବେଣ୍ଟ ସାହିର ପଞ୍ଚମୁଖୀ ସମିତି ପକ୍ଷରୁ ଗଜାନନଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ସେହିପରି ସହରରେ ଥିବା ଅନ୍ୟ ବ୍ୟବସାୟିକ ଅନୁଷ୍ଠାନ, ସମିତି ଏବଂ କ୍ଲବ୍ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ପ୍ରଭୁ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ବିଘ୍ନରାଜ ଶ୍ରୀଗଜାନନଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଇଥିଲା। ସହରର ବିଭିନ୍ନ ସାହି ଗଳିକନ୍ଦିରେ ଥିବା ଅନେକ କ୍ଲବରେ ମଧ୍ୟ ଗଜାନନଙ୍କ ପୂଜନ ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଚଳିତବର୍ଷ ଲଘୁଚାପଜନିତ ବର୍ଷା କାରଣରୁ ସହରରେ ଦିନତମାମ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ସେହିପରି ଅସ୍ତରଙ୍ଗ, ବଳଙ୍ଗା, ଚାରିଛକ, ଡେଲାଙ୍ଗ, ପିପିଲି, ନିମାପଡା, ନୟାହାଟ, କୋଣାର୍କ, କଣାସ, ଯୋଗେଶ୍ୱରପୁର, ସାକ୍ଷୀଗୋପାଳର ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

# ସର୍କସ ଦେଖିବାକୁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ

**ପୁରୀ ୭।୯( ଅଜିତ୍ କୁମାର ମହାନ୍ତି)**

**ଦୀର୍ଘ ବର୍ଷ ପରେ ପୁରୀରେ ପଡ଼ିଲା ସର୍କସ**

ଦୀର୍ଘ ବର୍ଷ ପରେ ପୁରୀରେ ସର୍କସ ପଡ଼ିଥିବା ଦେଖିବାକୁ ମିଳିଛି। ପଶୁପକ୍ଷୀମାନଙ୍କୁ ସର୍କସରେ ଅନୁମତି ନ ଥିବାରୁ କେବଳ କଳାକାରମାନେ ବିଭିନ୍ନ ପ୍ରକାରର ସର୍କସ ପରିବେଷଣ କରିଛନ୍ତି। ପୁରୀ ତାଳବଣିଆ ପଡ଼ିଆରେ ଏନ୍. କେ. ରୋଲେକ୍ସ ସର୍କସର କାଳାକାରମାନେ ପୁରୀବାସୀଙ୍କ ନିମନ୍ତେ ସର୍କସ ଭେଟି ଦେଇଛନ୍ତି। ଶୁକ୍ରବାର ସର୍କସର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟସଭା ସସଦ୍ୟ ଶୁଭାଶିଷ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା କାର୍ଯ୍ୟକାରୀ ସଭାପତି ଡ. ଦେବେନ୍ଦ୍ର ନାଥ ତରେଇ ଓ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଷ୍ଟାଲିନ ପରିଜା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସର୍କସ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖାଯାଇଛି। ଏହି ସର୍କସ ୧ମାସ ପର୍ଯ୍ୟନ୍ତ ଚାଲିବ ବୋଲି ମ୍ୟାନେଜର ସୂଚନା ଦେଇଛନ୍ତି। ଦିନକୁ ୩ଟି ଶୋ' ପ୍ରଦର୍ଶନ କରାଯିବ। ଲୋକମାନେ ନିର୍ଦ୍ଧାରିତ ସମୟରେ ଆସି ସର୍କସ ଦେଖିବାକୁ ଆୟୋଜକମାନଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ମନ ମୁଗ୍ଧକଲା ଅରୁଣଙ୍କ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ

**୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ତୃତୀୟ ସନ୍ଧ୍ୟା**

**ଭୁବନେଶ୍ୱର,୭।୯(ଶର୍ମିଷ୍ଠା ପାଣିଗ୍ରାହୀ)**



ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ନାଟକୀ କଣ୍ଠଶିଳ୍ପୀ କଲାଇମାମଣି ଓ.ଏସ୍. ଅରୁଣଙ୍କ ପରିବେଷଣ ଉପସ୍ଥିତ ଅତିଥି, ଶ୍ରୋତାଙ୍କ ମନକୁ ମୁଗ୍ଧ କରିଦେଇଥିଲା। ବେହେଲାରେ ଡ. ବୈଦ୍ରୀନାରାୟଣନ, ମୃଦଙ୍ଗମ୍‌ରେ ଏମ୍‌ଏସ୍ ଭେଙ୍କଟ ସୁବ୍ରମଣ୍ୟମ୍ ଏବଂ ତବଲାରେ ଇଂ. ମାର୍ଟିନ ପ୍ରଥମେ ଗୁରୁ କେଳୁଚରଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗୀତଜ୍ଞ କଣ୍ଠର ଯାଦୁକରି ସ୍ପର୍ଶ ଓ ବାଦ୍ୟଶିଳ୍ପୀଙ୍କ ଧ୍ୱନିର ସମନ୍ୱୟରେ ପରିବେଶ ବେଶ୍ ଉତ୍ସବମୁଖର ହୋଇଉଠିଥିଲା। ବିଶେଷକରି ଭକ୍ତିର ମହତ୍ତ୍ୱକୁ ଶାସ୍ତ୍ରୀୟତା ସହିତ ମିଶ୍ରଣ କରିଥିଲେ ଶିଳ୍ପୀ ଅରୁଣ, ଯାହା ଶ୍ରୋତାଙ୍କୁ ଏକ ନିଆରା ଅନୁଭବ ଦେଇଥିଲା।

ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ତଥା ସଙ୍ଗୀତ ରଚୟିତା ଗୁରୁ ଡ. ମହେଶ୍ୱର ରାଓ, ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ, ସଙ୍ଗୀତ ରଚୟିତା ତଥା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କଳା ପରିବେଷଣ ବିଭାଗର ଅଧ୍ୟାପକ ଗୁରୁ ଦେବେନ୍ଦ୍ର ନାରାୟଣ ଶତପଥୀ. ଇଞ୍ଜିନିୟରିଂ ଓ ଟେକ୍ନୋଲୋଜି ବିଭାଗର ଅଧ୍ୟାପକ ପ୍ରଫେସର ଡ. ରବିନାରାୟଣ ଶତପଥୀ, ବରିଷ୍ଠ ଆଇନଜୀବି ତଥା ରାଜନେତା ପ୍ରିୟରଞ୍ଜନ ଦାସ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂକଳ୍ପିତ ତଥା ପରିକଳ୍ପିତ ଏହି ଉତ୍ସବକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି।


ବଡ଼ଗଡ଼ରେ ପୂଜା ପାଉଥିବା ୫୭ ଫୁଟର ଗଣେଶ।


ଶହୀଦନଗରସ୍ଥିତ ଶହୀଦ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ଗଣେଶପୂଜା।


ଶାସ୍ତ୍ରୀନଗର ଏସ୍‌ବିଆଇ ଶାଖା ନିକଟ ମହାବୀର କ୍ଲବର ୨୫ମୁଣ୍ଡ ବିଶିଷ୍ଟ ଗଣେଶ।


ପରିବେଶ ସୁରକ୍ଷା ବାର୍ତ୍ତା ନେଇ ବକୁଳ ଫାଉଣ୍ଡେଶନ ପକ୍ଷରୁ ଏକ ଗଛକୁ ପ୍ରଭୁ ଗଜାନନଙ୍କ ରୂପରେ ପୂଜା କରାଯାଉଛି।


ନୟାପଲ୍ଲୀ ଗଣେଶ ପୂଜା।


ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ଗଣେଶ ପୂଜାରେ କର୍ମଚାରୀଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।


ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୁଣା ଭୁବନେଶ୍ୱରସ୍ଥିତ ତିନିମୁଣ୍ଡିଆ ଛକରେ ପୂଜା ପାଉଥିବା ପ୍ରଭୁ ବିଘ୍ନେଶ୍ୱରଙ୍କୁ ଦର୍ଶନ କରୁଛନ୍ତି।


ୟୁନିଟ୍-୯ ଅଲ୍ ନ୍ୟୁଜ୍ ପେପର ସପ୍ଲାୟର୍ସ ସୋସିଆଲ୍ ୱେଲ୍‌ଫେୟାର ଆସୋସିଏଶନ।


ଡଟ୍‌କମ୍‌ଠାରେ ଅନୁଷ୍ଠିତ ଗଣେଶ ପୂଜା।

# ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍‌ସିର ମାର୍ଗଦର୍ଶିକା

## ବିଏମ୍‌ସି କଲ୍ୟାଣ ମଣ୍ଡପରେ ଦେଇପାରିବେ ଛୋଟ ମୂର୍ତ୍ତି

ଭୁବନେଶ୍ୱର, ୭।୯(ବନ୍ଦନା ସେଠୀ)

ରାଜଧାନୀରେ ଗଣେଶ ପୂଜା ପାଇଁ ବିଏମ୍‌ସି ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଇକୋ ଫ୍ରେଣ୍ଡ୍‌ଲି ଭାବେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ବ୍ୟବସ୍ଥା କରାଯାଇଛି। ଟଙ୍କପାଣି ବ୍ରିଜ୍, କୁଆଖାଇ ଓ ଦୟାନଦୀ କୂଳକୁ ଚିହ୍ନଟ କରାଯାଇ ସେଠାରେ ଅସ୍ଥାୟୀ ପୋଖରୀ ସହ ସମସ୍ତ ଆୟୋଜନ କରାଯାଇଛି। ଏଥିସହ ଚଳିତ ବର୍ଷ ଘରେ ବା ବ୍ୟକ୍ତିଗତ ଭାବେ ପୂଜା କରୁଥିବା ଛୋଟ ମୂର୍ତ୍ତିର ବିସର୍ଜନ ଦାୟିତ୍ୱ ବିଏମ୍‌ସି ନେଇଛି। ଛୋଟ ମୂର୍ତ୍ତି ବିସର୍ଜନ କରିବାରେ ଅସୁବିଧା ହେଲେ ସେମାନେ ନିକଟସ୍ଥ ବିଏମ୍‌ସି କଲ୍ୟାଣ ମଣ୍ଡପରେ ମୂର୍ତ୍ତି ଦେଇପାରିବେ। ବିଏମ୍‌ସି ସେଠାରୁ ମୂର୍ତ୍ତିନେଇ ବିସର୍ଜନ କରିବ। ଏଥିପାଇଁ ସହରର ୮ କଲ୍ୟାଣ ମଣ୍ଡପରେ ମୂର୍ତ୍ତି ହସ୍ତାନ୍ତର ବ୍ୟବସ୍ଥା ହୋଇଛି। ସେହିପରି ପ୍ରସାଦ ସେବନ ପାଇଁ ଜୈବ ବିଘଟନଯୋଗ୍ୟ ଠୁଙ୍ଗା, ଖଲି କିମ୍ବା କଦଳୀ ପତ୍ର, ଶାଳପତ୍ର, ମାଟିପାତ୍ର ଆଦି ବ୍ୟବହାର କରିବା, ମୂର୍ତ୍ତିରେ କୌଣସି ପ୍ରକାର ପ୍ଲାଷ୍ଟିକ ଆଭୂଷଣ ବ୍ୟବହାର ନ କରିବା, ବିସର୍ଜନ ପୂର୍ବରୁ ମୂର୍ତ୍ତିରେ ବ୍ୟବହୃତ ଫୁଲ, ପତ୍ର, ବସ୍ତ୍ର ଆଦି ଆଭୂଷଣକୁ ବାହାର କରିବା, ସାମୂହିକ ପୂଜା କରୁଥିବା ସ୍ଥାନର ୫ ମିଟର ଚତୁଃପାର୍ଶ୍ୱକୁ ନିଜ ଦାୟିତ୍ୱରେ ସଫା କରିବା, ମଣ୍ଡପ ନିକଟରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରିବା, ସମସ୍ତ ପ୍ରକାର ବିଦ୍ୟୁତ୍ ସଂଯୋଗର ପ୍ରଯୁକ୍ତିକତା ରକ୍ଷା କରିବା, ମଣ୍ଡପର ସୁରକ୍ଷା ଓ ନିରାପତ୍ତା ପାଇଁ ଅତି କମ୍‌ରେ ୩ଜଣ ସିକ୍ୟୁରିଟି କର୍ମୀ ରଖିବା ଆଦି ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରତ୍ୟେକ ପୂଜା ମଣ୍ଡପ ଏବଂ ସହରବାସୀ ଏହି ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ନିବେଦନ କରିଛନ୍ତି।


ରାମମନ୍ଦିର ନିକଟ ରୟାଲ କ୍ଲବ୍।

# ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଫିଜିଓଥେରାପି ଆବଶ୍ୟକ

ଭୁବନେଶ୍ୱର,୭।୯
(ଅନୁରାଧା ମହାରଣା)

## ମଣିପାଲ ହସ୍ପିଟାଲରେ ବିଶ୍ୱ ଫିଜିଓଥେରାପି ଦିବସ



ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଣ୍ଟିନିୟସ ଫିଜିଓଥେରାପି ଏଜୁକେଶନ(ସିପିଇ)ର ଷଷ୍ଠ ସଂସ୍କରଣ ଆୟୋଜିତ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୧୦୦ରୁ ଅଧିକ ଫିଜିଓଥେରାପି ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଫିଜିଓଥେରାପି ଦିବସର ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ଲୋ ବ୍ୟାକ୍ ପେନ୍ ଓ ଏକ୍ଷେତ୍ରରେ ଫିଜିଓଥେରାପିର ଭୂମିକା'। ଦୈନନ୍ଦିନ ଜୀବନରେ ଏକ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଫିଜିଓଥେରାପି କେତେ ପରିମାଣରେ ସହାୟକ ହୋଇଥାଏ ସେ ସମ୍ପର୍କରେ ଅତିଥି ଓ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରସିଦ୍ଧ କୋଚ୍ ତଥା ରିଲାଏନ୍ସ ହାଇପର୍‌ଫର୍ମାନ୍ସ ସେଣ୍ଟର ମୁଖ୍ୟ କୋଚ୍ ମାର୍ଟିନ ଓଏନ୍ସ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ଇଂଲଣ୍ଡ ଆଥଲେଟିକ୍ସରେ ସ୍ପ୍ରିଣ୍ଟ ଏବଂ ହର୍ଡଲ୍ସ ପାଇଁ କ୍ଷେତ୍ରୀୟ ଉନ୍ନତି ମୁଖ୍ୟ ଥିଲେ ଏବଂ ୟୁକେ ଏଥ୍ଲେଟିକ୍ସ ଶିକ୍ଷାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ କ୍ରୀଡା କ୍ଷେତ୍ରରେ ଫିଜିଓଥେରାପିର ଭୂମିକା ବିଷୟରେ ସମ୍ବୋଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଭି ନିର୍‌ତାର୍‌ର ନିର୍ଦ୍ଦେଶକ ଡ. ପତିତପାବନ ମହାନ୍ତି ଯୋଗଦେଇ ମଣିପାଲ ହସ୍ପିଟାଲର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସିଦ୍ଧାର୍ଥ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ହସ୍ପିଟାଲର ଫିଜିଓଥେରାପି ବିଭାଗ ମୁଖ୍ୟ ଡାକ୍ତର ଶିବାନୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଇତିହାସ ଗୋଟିଏ ଜାତିର ପୁଞ୍ଜି

## କପିଳାସର ଇତିହାସ ଶୀର୍ଷକ ଆଲୋଚନାଚକ୍ର

ଢେଙ୍କାନାଳ/ଭୁବନେଶ୍ୱର,୭।୯
(ରତନ ନାୟାର)/ (ଅଭୟ ଦାଶ)




ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଆଲୁମ୍‌ନି ଆସୋସିଏଶନ ଓ ପିଜି ଇତିହାସ ବିଭାଗ ପକ୍ଷରୁ 'କପିଳାସର ଇତିହାସ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ବିଶିଷ୍ଟ ଗବେଷକ, ଭାଷାବିତ୍ ଓ ଗ୍ରନ୍ଥକାର ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କହିଲେ, ଇତିହାସ ସମ୍ପର୍କରେ ଗବେଷଣାତ୍ମକ ତଥ୍ୟ ଲେଖାଯିବା ଉଚିତ। ଇତିହାସ ଗୋଟିଏ ଜାତିର ପୁଞ୍ଜି। ଇତିହାସକୁ ବିକୃତ କରାଯିବା ଉଚିତ ନୁହେଁ। ଏଥିସହିତ ସେ କପିଳାସ ଶୈବପୀଠର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୁମ୍‌ନି ଆସୋସିଏଶନ ସଭାପତି ଡ. ଅଭୟ କୁମାର ପଣ୍ଡା ସଭାପତିତ୍ୱ କରିଥିବାବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ କଲେଜର ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ଆସୋସିଏଶନ ଉପସଭାପତି ସୁକାନ୍ତ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ କୋଷାଧ୍ୟକ୍ଷ ସୁନିଲ ଦାଶ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁରାତନ ଛାତ୍ର ରଞ୍ଜନ କୁମାର ମହାପାତ୍ର ଆଲୁମ୍‌ନି ଆସୋସିଏଶନକୁ ୫୦ହଜାର ଟଙ୍କାର ଚେକ୍ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ଡ. ସୁଜାତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଓଡ଼ିଆ ବିଭାଗ ଅଧ୍ୟାପକ ଡ. ମଞ୍ଜୁଲିକା ନାୟକ, ଡ. ସମ୍ମିତ ସାହୁ, ସୁମିତ୍ରା ବେହେରା, ଶିକ୍ଷାବିତ୍ ଅଟଳ ବିହାରୀ ଦାଶ, ପ୍ରଦ୍ୟୁମ୍ନ ରଥ, ବିରଞ୍ଚି ନାରାୟଣ ପାଣି, ଶରତ ଚନ୍ଦ୍ର ସାହୁ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ପରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଠି ଅଗ୍ରପୂଜ୍ୟଙ୍କୁ ଆବାହନ



ଜଟଣୀ ମହୁଲଗୁଡ଼ିଆ ଛକ ବ୍ୟବସାୟୀ ସଂଘ ପୂଜା କମିଟି।


ଜଟଣୀ ରାଜାବଜାର ବ୍ୟବସାୟୀ ସଂଘ ପୂଜା କମିଟି।


ଜଟଣୀ ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପୂଜା କମିଟି।


ବୋଲଗଡ଼ ନନ୍ଦପଲ୍ଲୀ ଆଦିବାସୀ ସାହି ପୂଜା କମିଟି।


ମା' ବରୁଣେଇ କ୍ଲବ୍ ପଲ୍ଲା।


ଖୋର୍ଦ୍ଧା ବିଡ଼ିଏ କଲୋନୀ।


ନିରାକାରପୁର ପାଣ୍ଡବପାଟଣା ପ୍ରଗତି କ୍ଲବ୍।


ଖୋର୍ଦ୍ଧା ଗୁରୁଜଙ୍ଗ ପତିତପାବନ ଛକ।


ଟାଙ୍ଗୀର ବିଘ୍ନେଶ୍ୱର ୱାରିୟର କ୍ଲବ୍।


କୃଷ୍ଣପ୍ରସାଦ ମାଲୁଦ ପଞ୍ଚମୁଖୀ ହନୁମାନ ପୂଜା କମିଟି।


ବାଲୁଗାଁ ପାଟଣାସାହି କଣ୍ଢେଇ କ୍ଲବ।


ବେଗୁନିଆ ଛତ୍ରପଡ଼ା ଯୁବଜ୍ୟୋତି କ୍ଲବ ।


ବିଛନ୍ଦଚରଣ ଯୁବ ପରିଷଦ, ଝାଁଳା।

## ଜଟଣୀ ଗଣେଶ ମହୋତ୍ସବ ଉଦ୍‌ଘାଟିତ

ଜଟଣୀ, ୭।୯(ରବୀନ୍ଦ୍ରନାଥ ମହାକୁଡ଼)

କଳିଙ୍ଗ ଯୁବ ପରିଷଦ ପକ୍ଷରୁ ୮ମ ଜଟଣୀ ଗଣେଶ ମହୋତ୍ସବ ଶନିବାର ସ୍ଥାନୀୟ ଶରତ ପାଇକରାୟ ଖେଳପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ବେଗୁନିଆ ଜିଲା ପରିଷଦ ଅନାଦି ସାହୁ ଯୋଗଦେଇଥିଲେ। ଅତିଥିମାନେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟି ଆବାହକ ସୀତାକାନ୍ତ ନାୟକ, ସମ୍ପାଦକ ସମୀର ଜେନା, ସୁରଜ ପାଇକରାୟଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇଥିଲେ। ଜଟଣୀ କଳା, ସଂସ୍କୃତି ଓ ଭାଇଚାରାର ସହର।


କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ସବୁ ସମ୍ପ୍ରଦାୟର ଲୋକେ ଏଠାରେ ବସବାସ କରୁଛନ୍ତି। ସମସ୍ତଙ୍କୁ ଏକତ୍ରିତ କରିବା ଏବଂ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ମହୋତ୍ସବ ହେଉଛି ଏକ ଉତ୍କୃଷ୍ଟ ମାଧ୍ୟମ ବୋଲି ମତପ୍ରକାଶ ପାଇଥିଲା। ସୀତାକାନ୍ତ ନାୟକ ସଭା ପରିଚାଳନା କରିଥିଲେ। ମହୋତ୍ସବ ପଡ଼ିଆରେ ଯାତ୍ରାପାର୍ଟି, ମୀନାବଜାର ସହିତ ୨ଶହ ବିଭିନ୍ନ ସରକାରୀ ଏବଂ ବେସରକାରୀ ଷ୍ଟଲ୍ ଖୋଲିଛି। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ।

## ପୁରାତନ ସଂସ୍କୃତିକୁ ପରିପ୍ରକାଶ କରିଥାଏ ମହୋତ୍ସବ

### ଗଣେଶ ମହୋତ୍ସବ ଉଦ୍‌ଘାଟିତ

ବେଗୁନିଆ, ୭।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ଶାସନ ସାହିରେ ୩୬ତମ ଗଣେଶ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାହିନୀପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ଜିଲା ପରିଷଦ ସଭ୍ୟ ପ୍ରକାଶ ସାହୁ, ଡା. ହିତବ୍ରତ ବାହିନୀପତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରାତନ ସଂସ୍କୃତିକୁ ପରିପ୍ରକାଶ କରିଥାଏ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଶ୍ରୀବତ୍ସ ମିଶ୍ରଙ୍କ ଉଦ୍ଦେଶ୍ୟରେ ନୀରବ


ମହୋତ୍ସବରେ କଳାକାରଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକତା ବୃତ୍ତିରେ ଯୋଗେଶ୍ୱର ପଣ୍ଡା, କୃଷିରେ ନବକିଶୋର ଖୁଣ୍ଟିଆ, ମାଟ୍ରିକ୍ ବ୍ଲକ ଟପ୍ପର ମନସ୍ୱିନୀ ସାହୁ ଓ ଶିକ୍ଷାଦାନରେ ଗିରିଜା ପ୍ରସାଦ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୂର୍ଯ୍ୟନାରାୟଣ ଓଝା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ପରେ ଓଡ଼ିଶା କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ବଲାଙ୍ଗୀର ଜୟମା' ଦୁର୍ଗା ସମ୍ବଲପୁରୀ, ଖୋର୍ଦ୍ଧା କଳିଙ୍ଗ ପାଇକ ଆଖଡ଼ା, ଢେଙ୍କାନାଳ ରାଧାକୃଷ୍ଣ ଲଉଡ଼ିଖେଳ, କଟକ ନୃତ୍ୟଜ୍ୟୋତି ଓ ସ୍ଥାନୀୟ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କଟକ ନୂଆପଡ଼ା ପ୍ରେସ୍ କଲୋନୀସ୍ଥିତ ଡ୍ରିମ୍ସ କ୍ଲବ।



ରାଣୀହାଟ ଶିରିଡ଼ି ସାଇ କ୍ଲବ।



ଯୋବ୍ରା ମଝିସାହି ଜୟ ହନୁମାନ କ୍ଲବ।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଗଣେଶ ପୂଜାରେ ଛାତ୍ରୀମାନେ ପୁଷ୍ପାଞ୍ଜଳି ଦେଉଛନ୍ତି।



ଶ୍ରୀ ଶ୍ରୀ ଝାଞ୍ଜିରୀମଙ୍ଗଳା ତ୍ରିନାଥ ବଜାର ପୂଜା କମିଟି।

# ବିଘ୍ନନାଶନଙ୍କୁ ଆବାହନ

**କଟକ,୭।୯(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସହରର ବିଭିନ୍ନ ସ୍ଥାୟୀ ଓ ଅସ୍ଥାୟୀ ମଣ୍ଡପ ସମେତ କଲୋନୀ ଓ ଗଳିକନ୍ଦିରେ ଶନିବାର ଗଣେଶ ପୂଜା ପାଳିତ ହୋଇଯାଇଛି। କେତେକ ମଣ୍ଡପ ନିକଟରେ ଆକର୍ଷଣୀୟ ତୋରଣ ନିର୍ମାଣ କରାଯାଇଥିବାବେଳେ ଅଧିକାଂଶ ସ୍ଥାନରେ ରଙ୍ଗିନ ଆଲୋକମାଳା ସହରବାସୀଙ୍କୁ ଆକର୍ଷିତ କରିଥିଲା। ବିଶେଷକରି ବାଦାମବାଡି, ଝାଞ୍ଜିରୀମଙ୍ଗଳା, ମଙ୍ଗଳାବାଗ, ମଣିସାହୁ ଛକ, ଜାଉଁଳିଆପଟି, ରାଣୀହାଟ, ନୂଆବଜାର, ନୂଆପଡା ଅଞ୍ଚଳର ପୂଜା ମଣ୍ଡପରେ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ସେହିପରି କଟକ ବଣିଆ ସାହିସ୍ଥିତ ମଦନ ମୋହନ ସମିତିର ବୁଢା ଗଣେଶ ଅନ୍ୟତମ ଆକର୍ଷଣ ପାଲଟିଥିଲା। ସନ୍ଧ୍ୟାରେ ବିଭିନ୍ନ କ୍ଲବ ପକ୍ଷରୁ ମେଲୋଡି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାକୁ ଦର୍ଶକ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତର ସାମନ୍ତରାପୁରସ୍ଥିତ ଉଇଜ୍‌ଡମ୍ ସ୍କୁଲରେ ଶନିବାର ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ କରାଯାଇଥିଲା। ଏହି ଅବସରରେ ଇଶାଣି-ବ୍ରହ୍ମପୁର ପଞ୍ଚାୟତରେ ଥିବା ଜରାଶ୍ରମର ଅନ୍ତେବାସୀଙ୍କୁ ସ୍କୁଲକୁ ଅଣାଯାଇଥିଲା। ପରେ ସେମାନଙ୍କୁ ନୂତନ ବସ୍ତ୍ର ପିନ୍ଧାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସ୍କୁଲ କମିଟିର ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀ, ଅଧ୍ୟକ୍ଷା ଅପରାଜିତା ଘୋଷାଲଙ୍କ ସମେତ ଛାତ୍ରୀଛାତ୍ର ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଗଣେଶ ପୂଜା ପାଇଁ ଚୌଦ୍ୱାର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଚୌଦ୍ୱାର ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଜାନନଙ୍କ ପୂଜା କରାଯାଇଛି। ବିଭିନ୍ନ କ୍ଲବ ପକ୍ଷରୁ ଆକର୍ଷଣୀୟ ମୂର୍ତ୍ତି ସାଙ୍ଗକୁ ସୁଉଚ୍ଚ ତୋରଣ ନିର୍ମାଣ କରାଯାଇଛି। ଠାକୁରଙ୍କ ଦର୍ଶନ ପୂଜା ମଣ୍ଡପଗୁଡ଼ିକରେ ଜନସାଧାରଣଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

**ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବିଭିନ୍ନ କ୍ଲବରେ ଗଜାନନଙ୍କ ପୂଜା କରାଯାଇଛି। ମହାବୀର କ୍ଲବରେ ଏହି ଉତ୍ସବ ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଯାଇଛି। ଚଳିତବର୍ଷ ଏଠାରେ ୨୫ଫୁଟ ଉଚ୍ଚର ଗଣେଶଙ୍କ ମୂର୍ତ୍ତି ହୋଇଥିବାବେଳେ ମୁମ୍ବାଇର କାରିଗର ଏହାକୁ ନିର୍ମାଣ କରିଛନ୍ତି।



ଚାନ୍ଦିନୀଚୌକ ବନ୍ଧବାସେଳି କ୍ଲବ।



କଟକ କ୍ୟାଣ୍ଟେନମେଣ୍ଟ ରୋଡ଼ସ୍ଥିତ ପଞ୍ଚାୟତ କ୍ଲବ।



ନିଶ୍ଚିନ୍ତକୋଇଲି ମହାବୀର କ୍ଲବ।



ବଡ଼ମ୍ବା ବ୍ଲକ କନ୍ତପଡ଼ା ଜଗନ୍ନାଥ କ୍ଲବ।



ତିଗିରିଆ ନୂଆପାଟଣାସ୍ଥିତ ଚଣ୍ଡୀବଜାରର ଗଜାନନ କ୍ଲବ।



ଚୌଦ୍ୱାର ବ୍ଲୁ ଡାଇମଣ୍ଡ କ୍ଲବ।



ନୂଆପାଟଣା ପପୁଲାର କ୍ଲବ।




ଗଣେଶ ପୂଜା ପାଇଁ କଟକ ନୂଆପଡ଼ା ପ୍ରେସ୍ କଲୋନୀର ବିଶ୍ୱରୂପା କ୍ଲବ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ।




ନୂଆପଡ଼ା ପ୍ରେସ୍ କଲୋନୀ ଇଣ୍ଡିପେଣ୍ଡେନ୍ସ କ୍ଲବ।




ନୂଆପଡ଼ା ପ୍ରେସ୍ କଲୋନୀ ବିନ୍ଦାସ୍ ବ୍ରଦର୍ସ କ୍ଲବ।







# ଜମିଲା ନୂଆଁଖାଇ ହାଟ



**ସୋନପୁର, ୭।୯(ମୃତ୍ୟୁଞ୍ଜୟ ଶତପଥୀ):** ଗଣପର୍ବ ନୂଆଁଖାଇ ପାଇଁ ସୁବର୍ଣ୍ଣପୁର ସହର ମଙ୍ଗଳବାର ବଜାରରେ ଶନିବାର ସ୍ୱତନ୍ତ୍ର ହାଟ ବସିଥିଲା । ଏଥିପାଇଁ ହାଟଠାରୁ ଆରମ୍ଭ କରି ଦୋକାନ ବଜାରରେ ଗହଳି ଲାଗି ରହିଥିଲା । ଫଳ, ପନିପରିବା, କୁରେଇ ପତ୍ର, ପତ୍ର ତିଆରି ଖଲି ଦନା, ନୂଆଁ ସରିଆ ଧାନ, ଚୂଡ଼ା, ବାଉଁଶରେ ତିଆରି ସାମଗ୍ରୀ, ମାଟିର ହାଣ୍ଡି ଓ ଦୀପ କିଣିବାକୁ ଲୋକେ ହାଟକୁ ଆସିଥିଲେ । ଦୀପରେ ପିତୃପୁରୁଷ ଓ ଘରର ଦେବା ଦେବୀଙ୍କୁ ପୂଜା କରାଯିବାର ବିଧି ରହିଛି । ତେଣୁ ଜିଲାର କୁମ୍ଭକାର ପରିବାର ଗୁଡିକ ଭଲ ଦୁଇ ପଇସା ରୋଜଗାର କରି ଖୁସି ଥିବା ଦେଖିବାକୁ ମିଳିଥିଲା । ସେହିପରି ନୂଆ ବସ୍ତ୍ର କିଣିବା ପାଇଁ ଦୋକାନ ଗୁଡିକରେ ଗହଳି ଦେଖିବାକୁ ମିଳିଥିଲା । ନୂଆଁଖାଇ ତିହାର ପାଳିବାକୁ ଦୂରଦୂରାନ୍ତରୁ ଲୋକେ ନିଜ ନିଜ ଗାଁ, ସହର ଓ ଘରକୁ ଫେରୁଛନ୍ତି । ବଜାରରେ ପୂଜା ସାମଗ୍ରୀ ସହ ନୂଆ ଲୁଗାପଟାର ସମ୍ଭାର ଦେଖିବାକୁ ମିଳିଥିଲା । ପରିବାର ର ସମସ୍ତ ସଦସ୍ୟ ନୂଆ ଲୁଗାପଟା ପରିଧାନ କରିବାର ପରମ୍ପରା ଥିବାରୁ ସମ୍ବଲପୁରୀ ବସ୍ତ୍ର, ଧୋତି, ଗାମୁଛା, ଛୋଟ ପିଲାଙ୍କ ପାଇଁ ନୂଆ ପୋଷାକ କିଣାବିକା ବୃଦ୍ଧି ପାଇଛି । ରବିବାର ଭାବର ତିହାର ନୂଆଁଖାଇ ପାଇଁ ଲୋକଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।










**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବରଗଡ଼**

ପବିତ୍ର ''ନୂଆଁଖାଇ'' ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା: ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା । ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦାସର୍ବଦା ଶୁଭଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର କାମ୍ୟ ।

ଶ୍ରୀଯୁକ୍ତ ଭକ୍ତେଶ୍ୱର ମଲିକ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ
ସଭାପତି






















See Career Appointment on every Wednesday & Saturday
























## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଷଷ୍ଠ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା





**ସାନଭି ପ୍ରିୟଦର୍ଶିନୀ (ପିହୁ)**
ଦେଓକୋରି (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ଷଷ୍ଠ ବାର୍ଷିକୀ ଜନ୍ମଦିନ ଉପଲକ୍ଷେ ଜଗତରନାଥ ଜଗନ୍ନାଥ ଓ ଜଗତଜନନୀ ମା' ଶାରଳା ତୋ ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ- ବଡ଼ମାମା, ବାବା, ମାମା, ସୌମ୍ୟାଦିଦି, ଗୁଡୁଭାଇ, ଜଗାମାମୁ, ସୁନୀତା ମାଈଁ, ଅମୁମାମୁ, ବସନ୍ତମାଆ, ମିନାମାଆ, ଶ୍ରୀମତୀ ମାଆ, ପ୍ରଫୁଲ୍ଲଜେଜେ, ଉଷାଦିଦି, ସୁମନ୍ତ ପିଉସା, ବିକୁମାମୁ, ବିନୁମାମୁ, ଗେଲୁଦିଦି, ତ୍ରିଶାଦିଦି, ଲଭ୍‌ଲିଦିଦି, ଟୁକୁନି ମାଉସୀ, ପ୍ରଶାନ୍ତ ମଉସା, ବନ୍ଧୁ ଓ ପରିବାରବର୍ଗ।

ଧ-୧୨୭୮


# 'ଆଞ୍ଚଳିକ ବୈଷମ୍ୟ ଦୂର କରି ସନ୍ତୁଳିତ ବିକାଶ କରାଯିବ'

■ଆର୍‌ଡିସି ନାମ ପରିବର୍ତ୍ତନ କରାଯାଇ କ୍ଷେତ୍ରୀୟ ଉନ୍ନୟନ କମିଶନର ନାମକରଣ କରାଯିବ

ସମ୍ବଲପୁର, ୭।୯(ଭବାନୀ ଶଙ୍କର ଭୋଇ)

ଆଞ୍ଚଳିକ ବୈଷମ୍ୟ, ଭେଦଭାବପୂର୍ଣ୍ଣ ବ୍ୟବହାର ଦୂର କରାଯାଇ ଓଡ଼ିଶାର ସନ୍ତୁଳିତ ବିକାଶ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିରେ ଶନିବାର ଡ. ବ୍ରଜବିହାରୀ ପଣ୍ଡା ଓ ଡ. ମୁରଲୀଧର ମାଝୀଙ୍କ ଦ୍ୱାରା ଲିଖିତ ଇଂଲିଶ ପୁସ୍ତକ 'ବ୍ୟାକ୍‌ୱାର୍ଡ ରିଜିୟନ ଡେଭଲପ୍‌ମେଣ୍ଟ ଇନ୍ ଇଣ୍ଡିଆ: ଦି ୱେଷ୍ଟର୍ନ ଓଡିଶା ଏକ୍ସପେରିଏନ୍ସ' (ଭାରତର ପଛୁଆ ଅଞ୍ଚଳର ବିକାଶ: ପଶ୍ଚିମ ଓଡ଼ିଶାର ଅନୁଭୂତି) ପୁସ୍ତକର ଲୋକାର୍ପଣ ଅବସରରେ ସେ ଏହା କହିଛନ୍ତି। ଆଗାମୀ ଦିନରେ ରେଭିନ୍ୟୁ ଡିଭିଜନାଲ କମିଶନର (ଆର୍‌ଡିସି) ନାମ ପରିବର୍ତ୍ତନ କରାଯାଇ କ୍ଷେତ୍ରୀୟ ଉନ୍ନୟନ କମିଶନର (ଜୋନାଲ ଡେଭେଲପ୍‌ମେଣ୍ଟ କମିଶନର) ନାମକରଣ କରାଯିବ। ସେଥିପାଇଁ ଜଣେ ଉପଯୁକ୍ତ ରାଜସ୍ୱ କମିଶନରଙ୍କୁ ସମ୍ବଲପୁର ପଠାଯାଇଛି ବୋଲି ପୂଜାରୀ କହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ତରଫରୁ ଡ. ବ୍ରଜବିହାରୀ ପଣ୍ଡା ଓ ଡ. ମୁରଲୀଧର ମାଝୀଙ୍କ ଏହି ଗବେଷଣା ନିବନ୍ଧରେ ବର୍ଣ୍ଣନା କରାଯାଇଛି ଯେ, ଯେଉଁଭଳି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ଓ ଅର୍ଥର ପରିଚାଳନା କରାଯାଇଛି,ଏହିଭଳି ଚାଲିଲେ ଆଗାମୀ ଶହେବର୍ଷ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର ପଛୁଆ ଜିଲାଗୁଡ଼ିକ ଉପକୂଳର ଉନ୍ନତ ଜିଲାଗୁଡ଼ିକ ସମକକ୍ଷ ହୋଇପାରିବ ନାହିଁ। ଏହାକୁ ଉଦ୍ଧୃତ କରି ମନ୍ତ୍ରୀ ପୂଜାରୀ କହିଛନ୍ତି, ମୋହନ ମାଝୀ ସରକାର ଆଞ୍ଚଳିକ ବୈଷମ୍ୟ ଦୂର କରିବାକୁ ସଙ୍କଳ୍ପବଦ୍ଧ।



ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିରେ ପୁସ୍ତକ ଉନ୍ମୋଚନ ଅବସରରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

ସମ୍ମାନିତ ଅତିଥିଭାବେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମାହାଦେଓ ପ୍ରସାଦ ଜୟସ୍ୱାଲ ଯୋଗ ଦେଇଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଭିମ୍‌ସାରର ନିର୍ଦ୍ଦେଶକ ପ୍ର. ଭାବଗ୍ରାହୀ ରଥ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ନାଗରାଜ, ରାଉରକେଲା ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୈକ୍ଷିକ କେନ୍ଦ୍ରର ନିର୍ଦ୍ଦେଶିକା ଡ. ସଂଯୁକ୍ତା ଦାସ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ରହି ଏହି ପୁସ୍ତକ ସରକାରଙ୍କୁ ଯୋଜନା ପ୍ରସ୍ତୁତିରେ ସହଯୋଗ କରିବ ବୋଲି କହିଥିଲେ। ଏହି ଅବସରରେ ଲେଖକମାନେ କହିଥିଲେ, ଓଡ଼ିଶାର ବଜେଟ ଆକାର ବାର୍ଷିକ ପ୍ରାୟ ୨ ଲକ୍ଷ ୬୫ ହଜାର କୋଟି ହୋଇସାରିଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବାର୍ଷିକ ବଜେଟ ଏବେ ମାତ୍ର ୫୦୦ କୋଟି। ଏହା ଓଡ଼ିଶା ବଜେଟର ୧ ପ୍ରତିଶତରୁ କମ୍ ବୋଲି ସେମାନେ ମତ ଦେଇଥିଲେ।

# ଆଗକୁ ଅନେକ ନେତା ବିଜେଡି ଛାଡ଼ିପାରନ୍ତି: ମମତା

ଭୁବନେଶ୍ୱର, ୭।୯(ଅନିଲଦାସ)

ସୁଜିତ କୁମାର ଶୁକ୍ରବାର ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହା ପରେ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଥିଲା। ଇସ୍ତଫା ଦେବାର କିଛି ସମୟ ପରେ ସେ ଭାଜପାରେ ମିଶିଥିଲେ। ଏସବୁ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

ବିଜେଡି ଛାଡ଼ି ଭାଜପାରେ ମିଶିବା ଓ ନିକଟରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ମମତା ମହାନ୍ତ ଏହି ପରିପ୍ରେକ୍ଷୀରେ କହିଛନ୍ତି, ବିଜେଡିରେ ବହୁ ବରିଷ୍ଠ ନେତା ଓ କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ହୁଏତ ସେମାନେ ଭାଜପାକୁ ଆସିପାରନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, କିଏ ଆସିବେ କିଏ ଯିବେ ତାହା ସମସ୍ତଙ୍କର ବ୍ୟକ୍ତିଗତ ବ୍ୟାପାର। କିନ୍ତୁ ବିଜେଡିର କୌଣସି ନେତା, ବିଧାୟକ, ଏମ୍‌ପିଙ୍କ ସହ ତାଙ୍କର ଯୋଗାଯୋଗ ନାହିଁ। ବିଜେଡିର ପ୍ରାୟ ଅଧିକାଂଶ ନେତା କର୍ମୀ ଏକଛତ୍ରବାଦ ଶାସନରେ ଅସନ୍ତୁଷ୍ଟ ଅଛନ୍ତି। ଦେଢ଼ବର୍ଷରୁ ଅଧିକ ସମୟ ହେବ ସେ ଦଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିଲେ ବୋଲି ମମତା କହିଛନ୍ତି। ମୟୂରଭଞ୍ଜ ଜିଲାରେ ୮୦ ପ୍ରତିଶତ ବିଜେଡି କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ଯେଉଁମାନେ ବିଜେଡି ପ୍ରତିଷ୍ଠା କରିଥିଲେ ସେମାନେ ଦଳରେ ନାହାନ୍ତି। ସେମାନଙ୍କୁ ଦଳରେ ଅଣଦେଖା କରାଯାଇଥିଲା। ଆଉ କିଛି ନେତା ମ୍ୟାନେଜ କରି ଦଳରେ ରହି ଯାଉଛନ୍ତି। ତାଙ୍କ ପରେ ସୁଜିତ ଦଳ ଛାଡ଼ିଲେ। ହୁଏତ ଆଗକୁ ଅନେକ ନେତା ଛାଡ଼ିପାରନ୍ତି ବୋଲି ମମତା କହିଛନ୍ତି।

## ଆତ୍ମସମୀକ୍ଷା ହେବା ଦରକାର: ଅମର

ନେତା ଦଳ ଛାଡୁଥିବା ନେଇ ବିଜେଡିରେ ହଇଚଇ ଦେଖାଦେଇଛି। ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବିଜେଡି କହିଛି। ତେବେ ବରିଷ୍ଠ ବିଜେଡି ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ବ୍ୟକ୍ତିଗତ ଭାବେ କେହି ଗଲେ ଦଳ କ୍ଷତିଗ୍ରସ୍ତ ହୁଅନ୍ତା ନାହିଁ। କିନ୍ତୁ ସଂସଦକୁ ଯାଇଥିବା ବ୍ୟକ୍ତି ଯଦି ଦଳ ଛାଡ଼ିବେ ତାହା ହେଲେ ଦଳ ଉପରେ ନିଶ୍ଚିତ ପ୍ରଭାବ ପଡ଼ିବ। ଯେଉଁମାନେ ଦଳର ଆଗଧାଡ଼ିରେ ଥିଲେ, କାହିଁକି ସେମାନେ ଦଳ ଛାଡୁଛନ୍ତି, ତା'ର ଆତ୍ମସମୀକ୍ଷା ହେବା ଦରକାର। ଅନ୍ୟ ଉପରେ ଦାୟିତ୍ୱ ଦେଇ ଖସିଗଲେ ହେବନି। ଅଧିକ ତର୍ଜମା ହେବା ଦରକାର ବୋଲି ଅମର କହିଛନ୍ତି।





**ପ୍ରାଣକୃଷ୍ଣ ଜୁଏଲାରୀ ପାଲେସ୍**
ଷ୍ଟେସନ ବଜାର (ପି.ଏନ୍.ବି. ଏଟିଏମ୍ ପାଖ), ରୂପସା, ବାଲେଶ୍ୱର - ୨୮
ଫୋନ୍ ନଂ. - ୦୬୭୮୧-୨୫୪୦୨୬
*A Palace of an abstract idea in Jewellery Shopping*





ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ଥାନା ଅନ୍ତର୍ଗତ ସମସ୍ତ ଗ୍ରାମର ଗ୍ରାମବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଆସନ୍ତୁ ସଭିଏଁ ଏକ ହେବା ମିଳିମିଶି ବାଲିଆପାଳକୁ ଅପରାଧମୁକ୍ତ କରିବା।

**ବ୍ରହ୍ମାନନ୍ଦ ସ୍ୱାଇଁ**
ବାଲିଆପାଳ ଥାନା ଭାରପ୍ରାପ୍ତ ଅଧିକାରୀ


# ମନ୍ତ୍ରୀ ବିଭୂତିଙ୍କୁ ଭେଟିଲେ ବିଜେଡିର ବିଭୀଷଣ



ରାୟଗଡ଼ା ଜିଲା ଭାଜପା କାର୍ଯ୍ୟାଳୟରେ ମନ୍ତ୍ରୀ ବିଭୂତି ଜେନାଙ୍କୁ ବିଭୀଷଣ ମାଝି ଫୁଲତୋଡା ଦେଇ ସ୍ୱାଗତ କରୁଛନ୍ତି।

ରାୟଗଡ଼ା,୭।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବିଜେଡିର ଜଣେ ଆଗଧାଡ଼ିର ନେତା ତଥା ପୂର୍ବତନ ବିଧାୟକ ବିଭୀଷଣ ମାଝି ନିଜ ସମର୍ଥକଙ୍କ ସହ ଶନିବାର ବାଣିଜ୍ୟ, ପରିବହନ ଓ ଇସ୍ପାତ୍ ମନ୍ତ୍ରୀ ବିଭୂତି ଜେନାଙ୍କୁ ରାୟଗଡ଼ା ଭାଜପା କାର୍ଯ୍ୟାଳୟରେ ଭେଟିଛନ୍ତି। ବିଭୀଷଣଙ୍କ ଏହି ଭେଟଘାଟ ପରେ ବିଜେଡିରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ଭାଜପା ରାୟଗଡା ଜିଲା ସଭାପତି ଶିବ ପଟ୍ଟନାୟକ ଓ କାଳୀରାମ ମାଝିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଭୀଷଣ ଭାଜପାରେ ଯୋଗଦେବା ନେଇ ଆଲୋଚନା କରିଥିଲେ। ତେବେ ବିଭୀଷଣଙ୍କୁ ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ମନ୍ତ୍ରୀ ଜେନା ଡକାଇଛନ୍ତି। ସେଠାରେ ଦଳରେ ସାମିଲହେବାକୁ ବିଭୀଷଣଙ୍କ ସହ ଜେନା ଆଲୋଚନା କରିଥିବା ଜଣାପଡ଼ିଛି।

ଅନ୍ୟପଟେ ବିଭୀଷଣଙ୍କ ଭାଜପା ମୁହାଁ ହେବା ବିଜେଡି ପାଇଁ ଅଡୁଆ ପରିସ୍ଥିତି କରିପାରେ ବୋଲି ଆଲୋଚନା ହେଉଛି। କାରଣ ସେ କାଶୀପୁର ବ୍ଲକ୍ ଅଞ୍ଚଳର ଜଣେ ପୁରୁଣା ନେତା। ସେ ଥରେ ବିଧାୟକ ଥିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସହ ଉପନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ହେଲେ ଏହାପରେ ସେ ବିଜେଡିରେ ରହିଥିଲେ ମଧ୍ୟ ଦଳ ତାଙ୍କୁ ଅଣଦେଖାକରି ଅନ୍ୟଙ୍କୁ ଟିକେଟ ଦେଇଥିଲା। ତାଙ୍କୁ କେବେ ସୁଯୋଗ ଦେଇ ନ ଥିଲା ବିଜେଡି। ବର୍ତ୍ତମାନ ସେ ଭାଜପା ଆଡ଼କୁ ଢଳିବା ଆଗାମୀ ଦିନରେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିକୁ ଏକ ବଡ଼ ଝଟକା ଲାଗିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅନ୍ୟପଟେ ଶନିବାର ମନ୍ତ୍ରୀ ଜେନାଙ୍କ ଉପସ୍ଥିତିରେ କାଶୀପୁର ବ୍ଲକ୍‌ର ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି।

# ଦଳରୁ ବିଜେଡି ଜିଲା ଉପସଭାପତିଙ୍କ ଇସ୍ତଫା



ରଜନୀକାନ୍ତ ପଟ୍ଟନାୟକ

ଝରିଗାଁ, ୭।୯ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ବିଜେଡି ଉପସଭାପତି ରଜନୀକାନ୍ତ ପଟ୍ଟନାୟକ ଶନିବାର ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବିଜେଡିରେ ଅନେକ ଦିନ ହେବ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା। ଏନେଇ ସେ ନବରଙ୍ଗପୁର ଜିଲା ବିଜେଡି ସଭାପତି ରମେଶ ମାଝିଙ୍କୁ ବହୁ ପୂର୍ବରୁ ଅବଗତ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଲେ ନାହିଁ। ଏପରିକି ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି ଆଖିଦୃଶିଆ ପଦକ୍ଷେପ ନେଲେନାହିଁ। ଫଳସ୍ୱରୂପ ଜିଲାରେ କେବଳ ଡାବୁଗାଁ ନିର୍ବାଚନମଣ୍ଡଳୀକୁ ଛାଡ଼ିଦେଲେ ଅନ୍ୟ ସବୁଠି ବିଜେଡିକୁ ହାରିବାକୁ ପଡ଼ିଛି। ଦଳ ତାଙ୍କ ମତାମତକୁ ଅଣଦେଖା କରିଥିବାରୁ ସେ ଦଳରେ ରହିବେ ନାହିଁ ବୋଲି ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।


# Classified Everyday
0674-2580101, 2549949



**REAL ESTATE**

**SALE**

**Fully furnished 3BHK Pent house SBA-1700sqft. with two Nos. of covered parking, 3 years old, at Indus Valley near Lalchand Jewellers, Raghunathpur, Bhubaneswar. Contact- 9776681678.** D-75818

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

**Ready to move 4BHK flat (2050sqft. SBA) at Saubhagya Nagar, Near OUAT with double parking, 6500/- per sqft. 9439716901.** D-75566



**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031




**Ground Floor Chandrasekharpur Bhubaneswar Commercial suitable 4200 sqft Office, Hospital, Hotel Hostel. 9437008388.** D-1274

**ପାଠକଙ୍କ ପାଇଁ ସୂଚନା।**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Jyoti SPA positively health benefits (Expert therapist). 8458067955. D-76151

Kerala body Massage therapy Unisex any person Bhubaneswar. kajal- 9337672475. D-1214

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Newly open health benefits SPA by expert therapist. Contact- 6371861658. D-76150



**BUSINESS**

**Mushroom farming training/ ଛତୁ ଚାଷ- Paddy, Button and Oyester Mushroom training starting soon in Bhubaneswar. Contact +91 9827702258.** D-1270

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା। ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, Date 02.09.2024, I Mamata Kumari Sasmal, W/o- Kailash Nahak, Village- Arabinda Nagar, P.O./ P.S.- Kabisurya Nagar, PIN No.- 761104, Dist.- Ganjam, Odisha declare that I have changed my name from Mamata Nahak to Mamata Kumari Sasmal. Henceforth I shall be known as Mamata Kumari Sasmal for all purposes. D-1275

I, Sabita Rana, W/o- Bhimsen Rana, resident of At/P.O.-Ramnagar, P.S.-Jamboo Marine, Dist.-Kendrapara, PIN- 754224, Odisha declare by this affidavit No.- 766 volume-2, dtd 06.09.2024 that now onwards I shall be known as Sabita Jena for all future purposes. D-1273

I, Basant Kumar Pani, S/o-Narayan Pani, resident of Ward No.- 8, At/P.O.-Jhajia, P.S.- Badamba, Dist.- Cuttack, PIN- 754031, Odisha, declare by this affidavit No.- 440(A), dtd. 05.09.2024 that from now onwards I shall be known as Basanta Kumar Pani for all future purposes. D-1277

**LEGAL NOTICE**

ମାନ୍ୟବର ଶ୍ରୀଯୁକ୍ତ ଜଜ୍, ପରିବାର ଅଦାଲତ, ପୁରୀ
ସି.ପି. ନଂ.-୧୬୨/୨୦୨୪
ନୋଟିସ୍

ଅଞ୍ଜଳି ପତି, ବ୩୭ବର୍ଷ, ପିତା-ଶ୍ରୀଧର ଦାଶ, ସାକିନ୍/ପୋଷ୍ଟ/ଥାନା- କଣାସ, ଜିଲ୍ଲା- ପୁରୀ।
....ଆବେଦନକାରୀ
ବନାମ
ଶ୍ରୀ ବିଭୂତି ପତି, ବ୪୮ବର୍ଷ, ପିତା-କୃପାସିନ୍ଧୁ ପତି, ସାକିନ୍- ପାଟଯୋଷୀପୁର, ପୋଷ୍ଟ- ବଙ୍କୁ, ଥାନା- ଗଡ଼ିଶାଗୋଡା, ଜିଲ୍ଲା- ପୁରୀ।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହିଁ। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ଆଜଦିନ ତା ୦୭।୧୦।୨୪ରିଖେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା ୦୫।୦୯।୨୪ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
Judge, Family Court, Puri
D-1276

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନମିତା ମଲ୍ଲିକ**
ସ୍ୱାମୀ- ଶ୍ରୀ ବୈଷ୍ଣବ ଚରଣ ମଲ୍ଲିକ
ମହତାବ ରୋଡ୍, ଭୁବନେଶ୍ୱର-୨
ଆବିର୍ଭାବ: ୨୧।୧୧।୭୫
ତିରୋଧାନ: ୦୮।୦୯।୨୦୨୨
ଚାହୁଁ ଚାହୁଁ ଆଜିକୁ ଦୁଇ ବର୍ଷ ପୂରିଗଲାଣି। ଆଜି ତୋର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆମେ ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ।
''ତୋର ପିତା'' ଏବଂ ବନ୍ଧୁ, ପରିବାରବର୍ଗ, ପୁଅ: ଆଦି ଓ ଝିଅ, ସ୍ୱାମୀ: ଶ୍ରୀ ବୈଷ୍ଣବ।
ଧ-୪୭୫୬୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସବିତା କୁମାରୀ ଦାଶ**
*Plot No.-2310, Mandia Palli JN, Ganjam*
ଆବିର୍ଭାବ-୦୧।୦୪।୧୯୬୧
ତିରୋଧାନ- ୨୩।୦୮।୨୦୨୦
ଶ୍ରାଦ୍ଧ ଦିବସ- ୦୮।୦୯।୨୦୨୪ (ଋଷି ପଞ୍ଚମୀ)
ତମେ ଚାଲିଗଲ। ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଦୁଃଖଦ ବିୟୋଗ ଆମ୍ଭ ସମସ୍ତଙ୍କୁ ମର୍ମାହତ କରିଛି। ଯେଉଁଠାରେ ଅଛ, ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ପ୍ରାର୍ଥନା।
ହତଭାଗା ସ୍ୱାମୀ: ଗିରୀଶ, ପୁତ୍ର: ଶାନ୍ତନୁ, ଝିଅ/ଜ୍ୱାଇଁ, ନାତୁଣୀ- ଦୀପା, ଆୟା, ମମା, କୁନି, କାହ୍ନା ଏବଂ ପରିବାରବର୍ଗ।
ଧ-୧୧୯୭

# ୮୪ ଜଣଙ୍କୁ ବେଆଇନ ନିଯୁକ୍ତି ଦେଇଥିଲେ ସନ୍ଦୀପ୍

**ଆର୍.ଜି. କର ମେଡିକାଲ ଅନିୟମିତତା**

**କୋର୍ଟଙ୍କୁ ଜଣାଇଲା ସିବିଆଇ**

କୋଲକାତା,୭।୯

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲା ଏବଂ ଆର୍ଥିକ ଅନିୟମିତତାର ତଦନ୍ତ କରୁଥିବା ସିବିଆଇ ଆଲିପୁରସ୍ଥିତ ସ୍ୱତନ୍ତ୍ର ଅଦାଲତରେ ସାନି ଅଭିଯୋଗ ଆଣିଛି। ମେଡିକାଲ କଲେଜର ପୂର୍ବତନ ଅଧକ୍ଷ ସନ୍ଦୀପ୍ ଘୋଷ ୨୦୨୨ରୁ ୨୦୨୩ ମଧ୍ୟରେ ୮୪ ଜଣଙ୍କୁ ବେଆଇନ ଭାବେ ନିଯୁକ୍ତି ଦେଇ ପ୍ରଚୁର ଅର୍ଥ ଉପାର୍ଜନ


ସନ୍ଦୀପ୍ ଘୋଷ

କରିଥିଲେ ବୋଲି ତଦନ୍ତକାରୀ ସଂସ୍ଥା କହିଛି। ଗତ ୩ ତାରିଖରେ ସିବିଆଇ ସନ୍ଦୀପ୍ ଓ ଅନ୍ୟ ୩ ଜଣଙ୍କୁ କୋର୍ଟରେ ହାଜର କରିଥିଲା। ସେମାନେ ହେଲେ ବିପ୍ଲବ ସିଂ, ସୁମନ ହାଜରା ଏବଂ ଅଫସର ଅଲି। ସମସ୍ତଙ୍କୁ ସିବିଆଇ ହାଜତକୁ ପଠାଇ ଦିଆଯାଇଛି।

ଆର୍.ଜି. କର ମେଡିକାଲ କଲେଜରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିବା ପରେ ୨୦୨୩ ସେପ୍ଟେମ୍ବରରେ ତାଙ୍କୁ ମୁର୍ଶିଦାବାଦର ଏକ ମେଡିକାଲ କଲେଜକୁ ବଦଳି କରାଯାଇଥିଲା। ସେଠାରେ ସେ ମାସେ ରହିବା ପରେ ପୁନର୍ବାର ଆର୍.ଜି. କର ହସ୍ପିଟାଲକୁ ଫେରିଆସିଥିଲେ। ଗତ ଅଗଷ୍ଟ ୯ ରାତିରେ ଉକ୍ତ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପରେ ସେ ୧୨ ତାରିଖରେ ଇସ୍ତଫା ଦେଇ କାଲ୍‌କାଟା ନ୍ୟାଶନାଲ ମେଡିକାଲ କଲେଜ ହସ୍ପିଟାଲରେ ପ୍ରିନ୍ସିପାଲ ଭାବେ ଯୋଗ ଦେଇଥିଲେ। ପରଦିନ କୋଲ୍‌କାତା ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ତାଙ୍କୁ ଛୁଟିରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଆର୍ଥିକ ଅନିୟମିତତା ମାମଲାରେ ସିବିଆଇ ସନ୍ଦୀପ୍‌ଙ୍କୁ ଗିରଫ କରିବା ପରେ ତାଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

## ସନ୍ଦୀପ୍‌ଙ୍କ ଘନିଷ୍ଠ ୩ ଡାକ୍ତର ନିଲମ୍ବିତ

ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ଘନିଷ୍ଠ ଭାବେ ଜଣାଶୁଣା ୩ ଡାକ୍ତରଙ୍କୁ ପଶ୍ଚିମବଙ୍ଗ ମେଡିକାଲ କାଉନ୍‌ସିଲ ନିଲମ୍ବନ କରିଛି। ନିଲମ୍ବିତ ଡାକ୍ତରମାନେ ହେଲେ ବର୍ଦ୍ଧମାନ ମେଡିକାଲ କଲେଜର କାର୍ଡିଓଡାଏଗ୍ନୋସିସ୍ ବିଭାଗର ପୂର୍ବତନ ରେସିଡେଣ୍ଟ ମେଡିକାଲ ଅଫିସର ଅଭିକ୍ ଦେ, ପାଥୋଲୋଜି ବିଭାଗର ପୂର୍ବତନ ବରିଷ୍ଠ ରେସିଡେଣ୍ଟ ଡାକ୍ତର ବିରୁପାକ୍ଷ ବିଶ୍ୱାସ ଏବଂ ମେଦିନିପୁର ମେଡିକାଲ କଲେଜ ଓ ହସ୍ପିଟାଲର ଜୁନିୟର ଡାକ୍ତର ମୁସ୍ତାଫିଜୁର ରହମାନ ମଲ୍ଲିକ। ଏମାନଙ୍କର ସନ୍ଦୀପ୍ ଏବଂ ଶାସକ ଦଳ ନେତାଙ୍କ ସହ ଘନିଷ୍ଠତା ଥିବାବେଳେ ଜୁନିୟର ଡାକ୍ତରମାନଙ୍କୁ କାର୍ଯ୍ୟସ୍ଥଳରେ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ୫ ତାରିଖରେ ଅଭିକ ଏବଂ ବିରୁପାକ୍ଷଙ୍କୁ ରାଜ୍ୟ ଡାକ୍ତରୀ ସେବାରୁ ନିଲମ୍ବନ କରାଯାଇଥିଲା। ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣା ପରେ ଅଭିକ୍ ଏବଂ ବିରୁପାକ୍ଷ ଜୁନିୟର ଡାକ୍ତର ଏବଂ ଇଣ୍ଟର୍ନମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହେଉଥିଲା। ନିକଟରେ ମେଦିନିପୁର ମେଡିକାଲ କଲେଜରେ ଜୁନିୟର ଡାକ୍ତର ବିକ୍ଷୋଭ ବେଳେ ମଲ୍ଲିକଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ।

# ଭାରତୀୟ ପ୍ରଶାସନିକ ସେବାରୁ ପୂଜା ଖେଡ୍‌କର ବହିଷ୍କୃତ



ନୂଆଦିଲ୍ଲୀ,୭।୯ (ପି.ଟି.)

କେନ୍ଦ୍ର ସରକାର ବିବାଦୀୟ ଟ୍ରେନି ଅଫିସର ପୂଜା ଖେଡ୍‌କରଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ବହିଷ୍କାର କରିଛନ୍ତି। ମାସେ ପୂର୍ବରୁ କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ତାଙ୍କ ମନୋନୟନକୁ ରଦ୍ଦ କରିଥିଲା। ୨୦୨୩ ବ୍ୟାଚ୍‌ର ଏହି ଅଫିସର ସରକାରୀ ସେବା ନିମନ୍ତେ ମନୋନୟନକୁ ନିଶ୍ଚିତ କରିବା ପାଇଁ ଠକେଇ ସମେତ ବେଆଇନ ଭାବେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଭିନ୍ନକ୍ଷମ କୋଟାର ଫାଇଦା ନେଇଥିଲେ। ଶୁକ୍ରବାର କେନ୍ଦ୍ର ସରକାର ଆଇଏଏସ୍(ପ୍ରୋବେଶନ) ରୁଲ୍‌ସ, ୧୯୫୪ର ରୁଲ୍ ୧୨ ଅନୁଯାୟୀ ଖେଡ୍‌କରଙ୍କୁ ଭାରତୀୟ ପ୍ରଶାସନିକ ସେବାରୁ ତୁରନ୍ତ ବିଦା କରିଛନ୍ତି। ପୁଣେରେ ଆଇଏଏସ୍ ତାଲିମ୍ ସମୟରେ ପୂଜା କ୍ଷମତା ଓ ସୁବିଧାର ଦୁରୁପଯୋଗ କରିଥିଲେ। ଭୁଲ ତଥ୍ୟ ଦେବା ଏବଂ ବେଆଇନ ଭାବେ କୋଟା ସୁବିଧା ଉଠାଇବା ଅଭିଯୋଗରେ ଜୁଲାଇ ମାସରେ ଦିଲ୍ଲୀ ପୋଲିସ ତାଙ୍କ ନାମରେ ଆପରାଧିକ ମାମଲା ରୁଜୁ କରିଥିଲା। ଜୁଲାଇ ୩୧ରେ ୟୁପିଏସ୍‌ସି ତାଙ୍କର ପ୍ରାର୍ଥିତ୍ୱକୁ ଖାରଜ କରିଦେବା ସହ ତାଙ୍କୁ ଭବିଷ୍ୟତ ପରୀକ୍ଷାରୁ ବଞ୍ଚିତ କରିଥିଲା।

# ପୋଲିଓ ଟିକାକରଣବେଳେ ଇସ୍ରାଏଲ୍‌ର ଆକ୍ରମଣ: ୨୭ ମୃତ

କାଇରୋ,୭।୯

ଗାଜାରେ ଲକ୍ଷାଧିକ ପିଲାଙ୍କ ପାଇଁ ପୋଲିଓ ଟିକାକରଣ ଅଭିଯାନ ଶୁକ୍ରବାର ପୁନର୍ବାର ଆରମ୍ଭ ହୋଇଥିବାବେଳେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ ୨୭ ଜଣ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଶରଣାର୍ଥୀ ଶିବିର ଥିବା ନୁସେଇରାତ୍‌ରେ ଇସ୍ରାଏଲୀ ସେନାର ବୋମାମାଡ଼ରେ ୨ ମହିଳା ଓ ୨ ଜଣ ଛୋଟ ପିଲାଙ୍କ ମୃତ୍ୟୁ ହୋଇଥିବାବେଳେ ଗାଜା ସିଟିର ୨ଟି ସ୍ଥାନରେ ଏୟାରଷ୍ଟ୍ରାଇକ୍‌ରେ ୮ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟମାନେ ବିଭିନ୍ନ ସ୍ଥାନରେ ଆକ୍ରମଣରେ ନିହତ ହୋଇଥିବା ଜଣାପଡ଼ିଛି। ଗାଜା ସିଟିର ଜେଇତୌନ୍ ଅଞ୍ଚଳରେ ଇସ୍ରାଏଲ ଟ୍ୟାଙ୍କ୍ ଯୋଗେ ଆକ୍ରମଣ ଜାରି ରଖିଛି। ସେମାନେ ଖାନ୍ ୟୁନିସ୍ ଏବଂ ରାଫାହରେ ଅନେକ ଘରକୁ ଉଡ଼ାଇଦେଇଛନ୍ତି।

ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ୧୧ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ବହୁପର୍ଯ୍ୟାୟ କୂଟନୈତିକ ଉଦ୍ୟମ ବିଫଳ ହେଲାଣି। ଗାଜାରେ ପଣବନ୍ଦୀ ଥିବା ଇସ୍ରାଏଲୀ ଏବଂ ବିଦେଶୀ ନାଗରିକମାନଙ୍କୁ ମୁକ୍ତ କରାଯାଇ ପାରୁନାହିଁ। ସେହିପରି ଇସ୍ରାଏଲ୍‌ରେ ମଧ୍ୟ ଅନେକ ପାଲେଷ୍ଟିନୀୟ ଜେଲରେ ରହିଛନ୍ତି। କାତାର, ଇଜିପ୍ଟ ଏବଂ ଆମେରିକା ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା ଜାରି ରଖିଛନ୍ତି। ହମାସ୍ ଏବଂ



ଇସ୍ରାଏଲ୍ ମଧ୍ୟ ମତାନ୍ତର ଦୂର ପାଇଁ ଆମେରିକା ସାନି ଯୁଦ୍ଧବିରତି ପ୍ରସ୍ତାବ ପ୍ରସ୍ତୁତ କରୁଛି। ହମାସ୍ ଓ ଇସ୍ରାଏଲ୍ ନେତା ତୁରନ୍ତ ଅସ୍ତ୍ରବିରତି ଚୁକ୍ତିନାମାରେ ପହଞ୍ଚିବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଗୁରୁବାର ଆହ୍ୱାନ ଦେଇଥିଲେ।

# ହୁଗ୍‌ଲିରେ ନାବାଳିକାଙ୍କୁ ଯୌନ ନିର୍ଯାତନା

କୋଲକାତା,୭।୯

ପଶ୍ଚିମବଙ୍ଗର ହୁଗ୍‌ଲି ଜିଲାରେ ଜଣେ ୧୫ ବର୍ଷୀୟାଙ୍କୁ ଯୌନ ନିର୍ଯାତନା ପରେ ସଂଜ୍ଞାହୀନ ଅବସ୍ଥାରେ ରାସ୍ତାପାର୍ଶ୍ୱରେ ଫିଙ୍ଗିଦିଆଯାଇଥିଲା। କୋଲକାତା ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟାକୁ ନେଇ ରାଜ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ଶୁକ୍ରବାର ରାତିରେ ହୁଗ୍‌ଲିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୀଡ଼ିତା ନାବାଳିକାଙ୍କୁ ଚିରା ପୋଷାକରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଜୁଲାଇ ୬ ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ

ନୂଆଦିଲ୍ଲୀ,୭।୯ (ପି.ଟି.)

**ଜାତିସଂଘରେ ପ୍ରସ୍ତାବ ଗୃହୀତ**

ପ୍ରତିବର୍ଷ ଜୁଲାଇ ୬ ତାରିଖକୁ ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ ଭାବେ ପାଳନ କରିବା ପାଇଁ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ସାଧାରଣ ସଭାର ୭୮ତମ ଅଧିବେଶନରେ ଏନେଇ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ବାଂଲାଦେଶ ପ୍ରଥମେ ଏହି ପ୍ରସ୍ତାବ ଆଣିଥିବାବେଳେ ଭାରତ, ବାଂଲାଦେଶ, ନେପାଳ, ପେରୁ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡକୁ ନେଇ ଗଠିତ କୋର୍ ଗ୍ରୁପ୍ ମିଳିତ ଭାବେ ଏହାକୁ ଅଧିବେଶନରେ ଉପସ୍ଥାପନ କରିଥିଲା। ମୋଟ ୪୩ ଦେଶ ପ୍ରସ୍ତାବର ସହପ୍ରାୟୋଜକ ରହିଥିଲେ। ସେପ୍ଟେମ୍ବର ୬ରେ ଏହା ବିନା ଭୋଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ବାଂଲାଦେଶର ଅନ୍ତରୀଣ ସରକାର ପ୍ରଥମ ଥର ପାଇଁ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବର ନେତୃତ୍ୱ ନେଇଥିଲା।

# ଆନ୍ଧ୍ରର ୩ ମହିଳା ସିରିଏଲ୍ କିଲର ଗିରଫ

**ପାନୀୟରେ ସାଇନାଇଡ୍ ମିଶାଇ ଅଜଣା ବ୍ୟକ୍ତିଙ୍କୁ ହତ୍ୟା କରି ଲୁଟୁଥିଲେ**

ଅମରାବତୀ, ୭।୯

ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ତେନାଲି ସହରରେ ୩ ମହିଳା ସିରିଏଲ କିଲରଙ୍କୁ ଧରିବାରେ ଶନିବାର ପୋଲିସ ସଫଳ ହୋଇଛି। ଉକ୍ତ ମହିଳା ପ୍ରଥମେ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ। ଏହାପରେ ସୁଯୋଗ ଦେଖି ସେମାନେ ଅଜଣା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ପାନୀୟ ଯାଚୁଥିଲେ। ପାନୀୟରେ ସେମାନେ ସାଇନାଇଡ୍ ମିଶାଇ ଦେଉଥିଲେ,



ଯାହାକୁ ପିଇବା ମାତ୍ରେ ଅଜଣା ବ୍ୟକ୍ତିଙ୍କର ମୃତ୍ୟୁ ଘଟୁଥିଲା। ଫଳରେ ଏହି ୩ ମହିଳା ସେମାନଙ୍କଠାରୁ ସୁନା, ନଗଦ ଟଙ୍କା ଏବଂ ମୂଲ୍ୟବାନ ଜିନିଷ ଲୁଟି ନେଉଥିଲେ। ବର୍ତ୍ତମାନ ସୁଦ୍ଧା ସେମାନେ ୪ ଜଣଙ୍କୁ ହତ୍ୟା କରିଥିବାବେଳେ ଅନ୍ୟ ୨ ଜଣ ହତ୍ୟା ଉଦ୍ୟମରୁ ବର୍ତ୍ତିଯାଇଥିବା ପୋଲିସ କହିଛି। ୩ ଅଭିଯୁକ୍ତ ହେଉଛନ୍ତି ମୁନଗପ୍ପା ରଜନୀ (୪୦), ମାଦିଆଲା ଭେଙ୍କଟେଶ୍ୱରୀ (୩୨) ଏବଂ ଗୁଲରା ରାମନମ୍ମା(୬୦)। ସେମାନେ ପୋଲିସ ସମ୍ମୁଖରେ ନିଜର ଅପରାଧ ସ୍ୱୀକାର କରିଛନ୍ତି।

# ସୁନୀତା, ୱିଲ୍‌ମୋରଙ୍କ ବିନା ଫେରିଲା ଷ୍ଟାର୍‌ଲାଇନର

ୱାଶିଂଟନ, ୭।୯

ବୋଇଂ ଷ୍ଟାର୍‌ଲାଇନର ମହାକାଶ ଯାନ ଶନିବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରୁ ପୃଥିବୀକୁ ଫେରିଆସିଛି। ବୈଷୟିକ ତ୍ରୁଟି ଦେଖାଦେବା ଯୋଗୁ ଏହା ଆଇଏସ୍‌ଏସ୍‌ରେ ୨ ମହାକାଶ ଯାତ୍ରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋରକୁ ଛାଡ଼ି ପୃଥିବୀ ପୃଷ୍ଠକୁ ଫେରିଛି। ଆଇଏସ୍‌ଏସ୍‌ରୁ ଷ୍ଟାର୍‌ଲାଇନର ସ୍ୱୟଂଚାଳିତ ମୋଡ୍‌ରେ ପ୍ରତ୍ୟାବର୍ତ୍ତନ କରି ୬ ଘଣ୍ଟାରେ ନ୍ୟୁ ମେକ୍ସିକୋର ମରୁଭୂମିରେ ଅବତରଣ କରିଛି।



ସ୍ପେସ୍ ଫ୍ଲାଇଟ୍ ଇତିହାସରେ ପ୍ରଥମ ମହାକାଶ ଯାନ ଭାବରେ ଷ୍ଟାର୍‌ଲାଇନର ୨ ମହାକାଶଚାରୀଙ୍କ ସହ ଲଞ୍ଚ୍ ହୋଇଥିଲା, କିନ୍ତୁ ବିନା ମହାକାଶଚାରୀରେ ପୃଥିବୀ ପୃଷ୍ଠରେ ନିରାପଦ ଅବତରଣ କରିଛି। ତେବେ ଆସନ୍ତାବର୍ଷ ଫେବୃଆରୀରେ ଉଭୟ ସୁନୀତା ଏବଂ ୱିଲ୍‌ମୋରଙ୍କୁ ସ୍ପେସ୍ ଏକ୍ସ'ର 'ଡ୍ରାଗନ' ମହାକାଶ ଯାନରେ ପୃଥିବୀକୁ ଅଣାଯିବ ବୋଲି ନାସା ପୂର୍ବରୁ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ଜୁନ୍‌ରେ ସୁନୀତା ଏବଂ ୱିଲ୍‌ମୋର ସପ୍ତାହେ ପାଇଁ ଆଇଏସ୍‌ଏସ୍ ଯାତ୍ରା କରିଥିଲେ। ତେବେ ଷ୍ଟାର୍‌ଲାଇନରରେ ଥ୍ରଷ୍ଟର ଜନିତ ସମସ୍ୟା ଯୋଗୁ ହିଲିୟମ ଲିକ୍ ଘଟିଥିଲା। ଫଳରେ ୨ ମହାକାଶଚାରୀଙ୍କୁ ଉକ୍ତ ମହାକାଶ ଯାନରେ ଫେରାଇ ଆଣିବା ବିପଜ୍ଜନକ ହୋଇଥିବା ନାସା ପକ୍ଷରୁ କୁହାଯାଇଥିଲା। ଉଭୟ ସୁନୀତା ଏବଂ ୱିଲ୍‌ମୋର ୩ ମାସ ଧରି ଆଇଏସ୍‌ଏସ୍‌ରେ ଫସି ରହିଛନ୍ତି।

Business

# ୬୬୦୦ ଯୋଗାଣକାରୀଙ୍କୁ ୧୧,୦୦୦ କୋଟି ଟଙ୍କାର କାର୍ଯ୍ୟବରାଦ

ଭୁବନେଶ୍ୱର,୭।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀମାନଙ୍କୁ ୧୧,୪୮୧ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି। ଏପରିକି ରାଜ୍ୟର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଅଧିଗ୍ରହଣ କରିବାର ୩ବର୍ଷ ମଧ୍ୟରେ ଦିଆଯାଇଥିବା ଏହି ବରାଦଗୁଡ଼ିକ ମଧ୍ୟରୁ ୮୬୯୦ କୋଟି ଟଙ୍କାର ବରାଦ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଙ୍କୁ ଓ ୨୭୯୧କୋଟି ଟଙ୍କାର କାର୍ଯ୍ୟବରାଦ ଅଣ ଏମ୍‌ଏସ୍‌ଏମ୍‌ଇଙ୍କୁ ଦିଆଯାଇଛି। ସେହିଭଳି ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀମାନଙ୍କୁ ମୁଖ୍ୟତଃ ଉପକରଣ ଏବଂ ସେବା ଭଳି ଦୁଇଟି ପ୍ରମୁଖ ବର୍ଗରେ କାର୍ଯ୍ୟବରାଦ ଦିଆଯାଇଛି। ଏପରିକି ଓଡ଼ିଶାର ଚାରିଟି ଡିସ୍କମ୍ ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି



ନର୍ଦ୍ଦନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ପକ୍ଷରୁ ୬୬୪୫ ସ୍ଥାନୀୟ ଭେଣ୍ଡର ଓ ଯୋଗାଣକାରୀଙ୍କ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ମିଳିତ ସହଯୋଗିତା ଦୈନନ୍ଦିନ ପରିଚାଳନା ଓ ସେବାର ମେରୁଦଣ୍ଡ ଭାବେ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଲାଗି ସ୍ଥାନୀୟ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଉଛି। ସେହିପରି ମିଟର ରିଡିଂ, ବିଲିଂ ଓ ନେଟ୍‌ୱର୍କ ରକ୍ଷଣାବେକ୍ଷଣ ଆଦି କ୍ଷେତ୍ରରେ ଡିସ୍‌କମ୍‌ଗୁଡ଼ିକ ୪୩୪୭ଭେଣ୍ଡରଙ୍କୁ ୭୫୬୦କୋଟି ଟଙ୍କାର କାର୍ଯ୍ୟବରାଦ ଦେଇଛନ୍ତି। ଉପକରଣ ଯୋଗାଣ ବର୍ଗରେ ବଣ୍ଟନ ଟ୍ରାନ୍ସଫରମର, ତାର, ଖୁଣ୍ଟ ଆଦି ପାଇଁ ୩୯୨୧ କୋଟି ଟଙ୍କାର ୨୨୯୮କାର୍ଯ୍ୟବରାଦ ପ୍ରଦାନ କରାଯାଇଛି। ଉପକରଣ ଯୋଗାଣ କ୍ଷେତ୍ରରେ ରହିଥିବା ଚୁକ୍ତିଗୁଡ଼ିକ ମଧ୍ୟରେ ରହିଛି ବଣ୍ଟନ ଟ୍ରାନ୍ସଫରମର, ତାର, ଖୁଣ୍ଟ, ଏଲ୍‌ଟି ଓ ଏଚ୍‌ଟି ହାର୍ଡୱେର, ଲାପ୍‌ଟପ୍ ଓ ଡେସ୍କଟପ୍ ସହିତ ସେବା କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକଳାପ ଯଥା ମିଟର ସ୍ଥାପନ, ବିଲିଂ, କଲେକ୍ସନ, କଲ୍ ସେଣ୍ଟର ପରିଚାଳନା, ମିଟର ରିଡିଂ ଏବଂ ହାଉସ କିପିଂ ଓ କ୍ୟାଟରିଂ ଭଳି ପ୍ରଶାସନିକ ଭୂମିକା ସାମିଲ ରହିଛି। ଅପରପକ୍ଷରେ ଏହି କାର୍ଯ୍ୟକଳାପଗୁଡ଼ିକ ମେକ୍ ଇନ୍ ଓଡ଼ିଶା ସହ ସମନ୍ୱିତ ରହିଥିବା ବେଳେ ଓଡ଼ିଶାର ଅର୍ଥନୈତିକ ପ୍ରଗତିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ବ୍ୟବସାୟ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ସହ ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରୁଛି।

# ୨ ଦିନିଆ ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୭।୯ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ବା ଆଇଏମ୍‌ଆଇ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ୨ ଦିନିଆ ଜାତୀୟ କର୍ମଶାଳା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ୨୦୨୪ ସେପ୍ଟେମ୍ବର ୫ରୁ ଆୟୋଜିତ ୬ଷ୍ଟ ଅନ୍ତର୍ଜାତୀୟ କର୍ମଶାଳା ବ୍ୟାଙ୍କିଙ୍ଗ୍ ଆଣ୍ଡ ଫାଇନାନ୍ସ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲାବେଳେ ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଭୂ ରାଜନୈତିକ ସମସ୍ୟା ମଧ୍ୟରେ ଅର୍ଥନୈତିକ ସ୍ଥିରତା ରକ୍ଷାକରିବା ଉପରେ ଏହି ଆଲୋଚନାଚକ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଆଇଏମ୍‌ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ପି.ସି.ବିଶ୍ୱାଳ କହିଥିଲେ, ବିଶ୍ୱ ଅର୍ଥନୈତିକ ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଯୁଦ୍ଧର ପ୍ରଭାବରେ ଗଭୀର ହୋଇଛି, ଯେଉଁଥିରେ ଭାରତ




ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ହେଉଥିବା ଅର୍ଥନୀତି ଏବଂ ବିଶ୍ୱ ଆହ୍ୱାନଗୁଡ଼ିକୁ ନେବାରେ ସକ୍ଷମ ହୋଇଛି। ଭୂରାଜନୈତିକ ସମସ୍ୟାଗୁଡ଼ିକ ବ୍ୟାଙ୍କିଙ୍ଗ୍ ଏବଂ ଅର୍ଥନୀତିରେ ଆଲୋଚନାର ମୁଖ୍ୟ ବିଷୟ ହେବ। ସେହିଭଳି

ଜାତିସଂଘର ବରିଷ୍ଠ ଅର୍ଥନୀତିଜ୍ଞ ଡ. ନିରଞ୍ଜନ ଷଡ଼ଙ୍ଗୀ କହିଥିଲେ, ବୃଦ୍ଧି ହୋଇଥିବା ଋଣ ସ୍ଥାୟୀ ବିକାଶକୁ ପ୍ରଭାବିତ କରୁଛି, ଯେଉଁଥିରେ ୬୨% ବିଶ୍ୱ ଅର୍ଥନୀତିଗୁଡ଼ିକ ଏକ ସମସ୍ୟାପୂର୍ଣ୍ଣ ସଙ୍କଟରେ ପଡ଼ିଛି। ଏହା ସହିତ ଜାମ୍ବିଆ ତା'ର ପ୍ରଥମ ଋଣ ଅନୁମତି ପାଇଛି, ଯେଉଁଠି ଋଣଭାର ପରିଚାଳନା କରିବାରେ ଏବଂ କମାଇବାରେ ସାହାଯ୍ୟ କରିବ। ଭାରତର ଅର୍ଥନୈତିକ ପରିସ୍ଥିତି ଏବଂ ଜାତୀୟ ଆୟ ଉପରେ ଆଲୋଚନା ମୁଖ୍ୟ ବିଷୟ ହୋଇଛି।

ଏହି ସମ୍ମିଳନୀରେ ଭାରତର ବିଭିନ୍ନ ପ୍ରତିଷ୍ଠିତ ପ୍ରତିଷ୍ଠାନର ପ୍ରାଧ୍ୟାପକ, ଗବେଷକ ଓ ଛାତ୍ରୀଛାତ୍ରମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇଏମ୍‌ଆଇ ଭୁବନେଶ୍ୱରର ପ୍ରଫେସର ପ୍ରୀତୀଶ ସାହୁ ଏବଂ ପ୍ରଫେସର ସଂଗ୍ରାମ କେଶରୀ ଜେନା ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ, ଆଇଏମ୍‌ଆଇ ଭୁବନେଶ୍ୱର ଶିକ୍ଷାର ଉତ୍କର୍ଷ ଏବଂ ଶିଳ୍ପ ସମ୍ପୃକ୍ତିରେ ଅଗ୍ରଣୀ ରହିଛି।

# ସପ୍ତାହକରେ ୬ ଡଲାର ଶସ୍ତା ହେଲା ଅଶୋଧିତ ତୈଳ

ନୂଆଦିଲ୍ଲୀ,୭।୯ (ଅନୁରାଧା ମହାରଣା)

ଗତ କିଛି ମାସ ଧରି ଅଶୋଧିତ ତୈଳ ଦରରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବିଶ୍ୱ ସ୍ତରରେ ଅଶୋଧିତ ତୈଳ ବର୍ତ୍ତମାନ ବ୍ୟାରେଲ ପିଛା ୭୦-୭୩ ଡଲାର ମଧ୍ୟରେ ରହିଛି। ୧ ସପ୍ତାହରେ ଅଶୋଧିତ ତୈଳ ବ୍ୟାରେଲ ପିଛା ପ୍ରାୟ ୬ ଡଲାର ଶସ୍ତା ହୋଇଛି। ଶୁକ୍ରବାର ଫ୍ୟୁଚର ବାଣିଜ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ଟଙ୍କା ବୃଦ୍ଧି ପାଇ ୫,୮୨୫ ଟଙ୍କା ହୋଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଅକ୍ଟୋବରରେ ଅଶୋଧିତ ତୈଳ ଅନୁବନ୍ଧ ୪୧ ଟଙ୍କା ଅର୍ଥାତ୍ ୦.୭୧ ପ୍ରତିଶତ ବୃଦ୍ଧି ହୋଇ ବ୍ୟାରେଲ ପିଛା ୫,୮୨୫ ଟଙ୍କା ହୋଇଛି। ଏହା ୮.୩୭୬ ଲଟ ପାଇଁ ବାଣିଜ୍ୟ କରାଯାଇଥିଲା। ପଶ୍ଚିମ ଟେକ୍ସାସ ମଧ୍ୟବର୍ତ୍ତୀ ଅଶୋଧିତ ତୈଳ ବ୍ୟାରେଲ ପିଛା ୦.୫୮ ପ୍ରତିଶତ ବୃଦ୍ଧି ପାଇ ୬୯.୫୫ ଡଲାରରେ ପହଞ୍ଚିଛି। ଅନ୍ୟପଟେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୦.୫୬ ପ୍ରତିଶତ ବୃଦ୍ଧି ପାଇ ୭୩.୧୦ ଡଲାରରେ ପହଞ୍ଚିଛି ।

# ଖାଦ୍ୟ ସୁରକ୍ଷାର ସର୍ବୋଚ୍ଚ ସ୍ତରକୁ ଅନୁସରଣ

ନୂଆଦିଲ୍ଲୀ,୭।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରେଷ୍ଟୁରାଣ୍ଟ ବ୍ରାଣ୍ଡ (ଫୁଡ୍ ପ୍ଲାଟ୍‌ଫର୍ମ) କେଏଫ୍‌ସି ଇଣ୍ଡିଆ ଗ୍ରାହକଙ୍କୁ ଖାଦ୍ୟ ସୁରକ୍ଷାର ସର୍ବୋଚ୍ଚ ସ୍ତର ପ୍ରଦାନ କରିବା ପାଇଁ ଦୃଢ଼ ଭାବେ ପ୍ରତିବଦ୍ଧ ରହିଛି। ଏପରିକି କେଏଫ୍‌ସି ଭାରତର ସ୍ୱାଦିଷ୍ଟତମ ଚିକେନ୍ ପ୍ରଦାନ କରିବା ପାଇଁ ଯତ୍ନଶୀଳ ପ୍ରକ୍ରିୟା ଓ ଉନ୍ନତ ସ୍ୱଚ୍ଛତା ମାନକଗୁଡ଼ିକୁ ଅନୁସରଣ କରିଥାଏ। ଏପରିକି ସପ୍ଲାୟର ବା ଯୋଗାଣକାରୀମାନେ ଏଫ୍‌ଏସ୍‌ଏସ୍‌ଏଆଇ ଓ ଅନ୍ୟାନ୍ୟ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପ୍ରଯୁଜ୍ୟ ସୁରକ୍ଷା ଓ ଗୁଣବତ୍ତା ମାନକଗୁଡ଼ିକର ପାଳନ କରୁଛନ୍ତି।

ସେହିପରି ଯୋଗାଣକାରୀଙ୍କ କୁକୁଡ଼ା ଫାର୍ମରୁ ଫର୍କ ପର୍ଯ୍ୟନ୍ତ ପ୍ରାୟ ୩୪ଟି କ୍ୱାଲିଟି ଚେକ୍‌ର ସମ୍ମୁଖୀନ ହୋଇଥାଏ, ଯାହାକୁ ଖାଇବା ପାଇଁ ବ୍ରାଣ୍ଡ ସମ୍ପୂର୍ଣ୍ଣ ସୁରକ୍ଷିତ ମନେକରୁଛି। କେଏଫ୍‌ସି ପକ୍ଷରୁ ପରିବେଷଣ କରାଯାଉଥିବା ଚିକେନ୍‌କୁ ୧୭୦ଡିଗ୍ରୀ ସେଲ୍‌ସିୟସ୍‌ର ଅତ୍ୟଧିକ ଉଚ୍ଚ ତାପମାତ୍ରାରେ ରନ୍ଧନ କରାଯାଉଛି, ଯାହା ଚିକେନ୍‌କୁ ରାନ୍ଧିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ସୁପାରିସ କରାଯାଇଥିବା ୭୦ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାଠାରୁ ଯଥେଷ୍ଟ ଅଧିକ ରହିଛି।

# ମିଭିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୭।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏକ ଅଗ୍ରଣୀ ଓ୍ୱାରଲେସ୍ ଅଡିଓ ସଲ୍ୟୁସନ୍ସ ନବୋନ୍ମେଷକାରୀ ବ୍ରାଣ୍ଡ୍ ମିଭିର ନୂତନ ଉତ୍ପାଦ ତଥା ଲାଟେଷ୍ଟ ଟ୍ରୁ ଓ୍ୱାରଲେସ୍ ଷ୍ଟେରିଓ (ଟିଡବ୍ଲ୍ୟୁଏସ୍) ଇୟର ବଡ୍‌ସ୍ ଓପେରାର ଉନ୍ମୋଚନ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ମିଭିର ସିଇଓ ମିଧୁଲା ଦେବଭାକ୍ତୁନି କହିଥିଲେ, ଆମେ ସଙ୍ଗୀତପ୍ରେମୀଙ୍କ ପାଇଁ ଓପେରା ସହ ଅତୁଳନୀୟ ଓ୍ୱାରଲେସ୍ ଅଡିଓ ଅନୁଭୂତି ଆଣି ରୋମାଞ୍ଚିତ ଅନୁଭବ କରୁଛୁ। ଏପରିକି ଆମେ ଭାରତର ପ୍ରଥମ ବ୍ରାଣ୍ଡ୍ ଭାବେ ହାଇ-ରେସ୍ ଓ୍ୱାରଲେସ୍ ଅଡିଓ ନିମନ୍ତେ ଜାପାନ ଅଡିଓ ସୋସାଇଟି ନିକଟରୁ ପ୍ରମାଣପତ୍ର ହାସଲ କରିଛୁ। ଅନ୍ୟ କୌଣସି ଭାରତୀୟ ବ୍ରାଣ୍ଡ୍ ଏ ପର୍ଯ୍ୟନ୍ତ ଏହା ପାଇବାରେ ସମର୍ଥ ହୋଇନାହାନ୍ତି। ମିଭିର ସୁପରପଡ୍‌ସ୍ ଓପେରା ସିରିଜ୍ ନବସୃଜନ ଏବଂ ଅତୁଳନୀୟ ଅଡିଓ ଉତ୍ପାଦ ଯୋଗାଇଦେବା ନିମନ୍ତେ ବ୍ରାଣ୍ଡ୍‌ର ପ୍ରତିବଦ୍ଧତାର ନିଦର୍ଶନ ହୋଇଛି।

# ସଙ୍କଳ୍ପ, ସମର୍ପଣର ବାର୍ତ୍ତାଦିଏ ନୂଆଁଖାଇ



କୃଷି ଓ କୃଷକର ପର୍ବ ନୂଆଁଖାଇ। ଏହି ପର୍ବରେ ଖାଦ୍ୟଶସ୍ୟର ମହାନ୍ ପରମ୍ପରା ରହିଛି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ ଅନ୍ନର ମହିମା କବିତାରେ ଖାଦ୍ୟଶସ୍ୟ ଏବଂ ଅନ୍ନର ମହତ୍ତ୍ୱ ବିଷୟରେ ବର୍ଣ୍ଣିତ ହୋଇଛି । ସ୍ୱଭାବକବି ରଚନା କରିଥିବା ପଂକ୍ତି ହେଉଛି, ଧନ୍ୟ ମହାପ୍ରଭୁ ହେ ଆଗେ ସୃଜି ଅନ୍ନ, ତା’ ଉତାରେ ସୃଜିଲ ଜୀବଜନ୍ତୁ ଗଣ । ଅନ୍ନ ବିନା ଜୀବନ ନ ପାରଇ ରହି, ବିନା ପ୍ରାଣୀଙ୍କ ଜୀବନ ନିରତେ ଦହି ହେ...। ତେଣୁ କୃଷି, କୃଷକ ପ୍ରକୃତପକ୍ଷେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ନିବିଡ଼ ଭାବେ ଜଡ଼ିତ । ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତିଥି ସକାଳେ ଚାଷୀପୁଅ ପାକଳ ଧାନକ୍ଷେତକୁ ଯାଇ ଅରୁଆ ଚାଉଳ, ଫୁଲ, ଦୀପ, ଧୂପ, ନାରୀକେଳ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ କ୍ଷୀର ଢାଳି ପିତୃପୁରୁଷଙ୍କୁ ସ୍ମରଣ କରିଥାନ୍ତି। ବସୁଧା ମାତା ଓ ଈଶ୍ୱରଙ୍କ କୃପାରୁ ଅଧିକ ଫସଲ ଅମଳ କରିବାକୁ ମନରେ କାମନା କରି ସିଧାସଳଖ ଘରକୁ ଫେରିଥାନ୍ତି। ଘର ଅଗଣାରେ ଥିବା ଗୁହାଳରେ ପୂଜା କରନ୍ତି। ଏଥିସହ ଗୋମାତାଙ୍କୁ ସ୍ନାନ କରାଇଥାନ୍ତି। ସମସ୍ତଙ୍କ ଶିଙ୍ଗରେ ରାଖୀ ବାନ୍ଧି ନୀରୋଗ ଜୀବନ କାମନା କରାଯାଏ। ଏତଦ୍‌ବ୍ୟତୀତ ଭବିଷ୍ୟତକୁ ଶୁଭ ମନାସି କୃଷି କାର୍ଯ୍ୟରେ ବ୍ୟବହୃତ କୃଷି ଉପକରଣ, ଦୁଆର ବନ୍ଧଗୁଡ଼ିକରେ ରାଖୀ ବାନ୍ଧିଥାନ୍ତି। ଏହି ପରମ୍ପରା ବହୁ ପ୍ରାଚୀନ। ସଂପ୍ରତି ଚାଷୀମାନେ ପାରମ୍ପରିକ କୃଷି ଉପକରଣ ପରିବର୍ତ୍ତେ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରୁଛନ୍ତି। ତଥାପି ଶସ୍ୟ, ଫଳ, ଫୁଲ, ବୃକ୍ଷଲତାକୁ ଈଶ୍ୱରଙ୍କୁ ସମର୍ପଣ କରିବା ନୀତି ରହିଛି। ପରବର୍ତ୍ତୀ ସମୟରେ ପ୍ରସାଦ ଭାବେ ସମସ୍ତେ ଏହାକୁ ଗ୍ରହଣ କରିଥାନ୍ତି। ତେଣୁ ନୂଆଁଖାଇ ସଙ୍କଳ୍ପ ଓ ସମର୍ପଣର ବାର୍ତ୍ତା ଦେଇଥାଏ।

ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ନୂଆଁଖାଇ ତଥା ନବାନ୍ନଭକ୍ଷଣ ବିଧି ବହୁ ପ୍ରାଚୀନ।ମଣିଷ, ପ୍ରକୃତି ଓ ଈଶ୍ୱରଙ୍କୁ ଏକାଠି ସଂଯୁକ୍ତ ରଖିବାର ସଂଯୋଗ ସେତୁ ହେଉଛି ନୂଆଁଖାଇ। ନିଜସ୍ୱ ମହତ୍ତ୍ୱରେ ମହୀୟାନ ଏହି କୃଷିଭିତ୍ତିକ ଗଣପର୍ବ ଜନସାଧାରଣଙ୍କ ହୃଦୟରେ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଥାଏ, ଜୀବନର ପୂର୍ଣ୍ଣତା ଆଡ଼କୁ ବାଟ କଢ଼ାଇ ନିଏ। ପ୍ରକୃତି ଓ ପରିବେଶକୁ ପୂଜା କରିବା, ଆଧ୍ୟାତ୍ମିକ ଭାବନାରେ ଉଦ୍‌ବୁଦ୍ଧ ହେବା, ଉପକାରୀ ପ୍ରତି କୃତଜ୍ଞତା ଜ୍ଞାପନ କରିବା, ପରସ୍ପର ବାଣ୍ଟି ଖାଇବା ଏବଂ ଗୁରୁଜନମାନଙ୍କୁ ସମ୍ମାନ ଜଣାଇବା ହେଉଛି ନୂଆଁଖାଇ ଗଣପର୍ବର ବିଶେଷତ୍ୱ। ନବ ଉତ୍ପାଦିତ ଅନ୍ନକୁ ସୃଷ୍ଟିକର୍ତ୍ତାଙ୍କୁ ଅର୍ପଣ କରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ନୂଆଁଖାଇ ପର୍ବର ମୂଳ ଲକ୍ଷ୍ୟ। ତେଣୁ ନୂଆଁଖାଇ ସଙ୍କଳ୍ପ ଓ ସମର୍ପଣର ପର୍ବ ।

**ରିପୋର୍ଟ: ବି. ଶଙ୍କର, ସମ୍ବଲପୁର**































Your classified advertisement published in Dharitri will be listed free in Dharitri online edition :
www.dharitri.com

# ସୁସ୍ଥ ଲାଇଫ୍ ଷ୍ଟାଇଲ୍

ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଫିଟ୍ ଏବଂ ଏନର୍ଜେଟିକ୍ ରହିବା ବୟସରେ ଏପରି ସମସ୍ୟା ଦେଖାଦେବାର ମୁଖ୍ୟ କାରଣ ହେଉଛି ଅସନ୍ତୁଳିତ ଖାଦ୍ୟାଭ୍ୟାସ, କମ୍ ଶୋଇବା, ଶାରୀରିକ ବ୍ୟାୟାମର ଅଭାବ ଏବଂ ଦୀର୍ଘ ସମୟ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍ ବ୍ୟବହାର କରିବା। ତେଣୁ ସୁସ୍ଥ ରହିବା ଲାଗି ଦୈନନ୍ଦିନ ଜୀବନଚର୍ଯ୍ୟାରେ କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...









**ରୁହନ୍ତୁ ହାଇଡ୍ରେଟ୍:** ପ୍ରତିଦିନ ସକାଳୁ ଦୁଇ ଗ୍ଲାସ୍ ଉଷୁମ ପାଣି ପିଅନ୍ତୁ। ଏହା ଶରୀରକୁ ଡିଟକ୍ସ କରିଥାଏ, ଅର୍ଥାତ୍ ସମସ୍ତ ବର୍ଜ୍ୟ ଉପାଦାନ ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ। ଏହା ଡିହାଇଡ୍ରେଶନ୍ ସମସ୍ୟା ଉପୁଜିବାକୁ ଦେଇ ନ ଥାଏ। ହଜମକ୍ରିୟା ଠିକ୍ କରିବା ସହ ପେଟ ସମସ୍ୟା ଦୂର କରିଥାଏ। ଏହା ବ୍ୟତୀତ ଦିନ ମଧ୍ୟରେ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

**ଅଧିକ ଚାଲିବା ଭଲ:** ସକାଳୁ ଚାଲିବା ଏକ ବହୁତ ଭଲ ଅଭ୍ୟାସ। ପ୍ରତିଦିନ ସମୟ ବାହାର କରି ଅତିକମ୍‌ରେ ଅଧଘଣ୍ଟା ଚାଲନ୍ତୁ। ଏହାକୁ ନିଜ ଲାଇଫ୍ ଷ୍ଟାଇଲ୍‌ରେ ସାମିଲ୍ କରି ଦେଖନ୍ତୁ ନିଶ୍ଚୟ ଉପକୃତ ହେବେ। ମାର୍କେଟ୍, କଲେଜ୍, ଅଫିସ୍ ଆଦି ପାଖ ହୋଇଥିଲେ ଗାଡ଼ି ନ ନେଇ ଚାଲି ଚାଲି ଯାଇପାରିବେ।

- ଉପର ଫ୍ଲୋର୍‌କୁ ଯିବା ଲାଗି ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ। ଏହାଦ୍ୱାରା କ୍ୟାଲୋରି ବର୍ନ ହେବା ସହ ଶରୀର ମଧ୍ୟ ଫିଟ୍ ରହିବ।

**ଠିକ୍ ରଖନ୍ତୁ ଖାଦ୍ୟପେୟ–** ସନ୍ତୁଳିତ ଖାଦ୍ୟପେୟ ମଧ୍ୟ ଫିଟ୍ ରହିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ବର୍ତ୍ତମାନ ଫାଷ୍ଟଫୁଡ୍, ଜଙ୍କଫୁଡ୍ ଭଳି ଖାଦ୍ୟ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ଇଚ୍ଛା ହେଲେ ଫାଷ୍ଟଫୁଡ୍ ବଦଳରେ ଘରୋଇ ହେଲ୍‌ଦି ଖାଦ୍ୟ ଖାଆନ୍ତୁ। ଚିପ୍ସ, ବିସ୍କୁଟ୍ ବଦଳରେ ଫଳ, ବାଦାମ, ଗଜାମୁଗ, ବୁଟ, ସାଲାଡ୍ ଆଦି ଖାଆନ୍ତୁ ଏବଂ କୋଲ୍ଡ ଡ୍ରିଙ୍କ୍ସ ବଦଳରେ ଫ୍ରୁଟ୍‌ଜୁସ୍, ପଇଡ ପାଣି, ଲସି, ଆଖୁରସ ପିଇଲେ ବେଶ୍ ଭଲ। ନିଜ ପ୍ରତିଦିନ ଖାଦ୍ୟ ତାଲିକାରେ ଫାଇବର ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟକୁ ସାମିଲ କରନ୍ତୁ। ସକାଳୁ ଉଠି ବେଡ୍–ଟି ପିଇବାର ଅଭ୍ୟାସ ଅନେକଙ୍କର ରହିଛି, ଯାହାକି ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ଏହା ବଦଳରେ ଗ୍ରୀନ୍–ଟି ପିଇଲେ ଉପକୃତ ହୋଇପାରିବେ।

ବର୍ତ୍ତମାନର ବ୍ୟସ୍ତବହୁଳ ତଥା ପରିବର୍ତ୍ତିତ ଜୀବନଶୈଳୀରେ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଓ ଶାରୀରିକ ପରିଶ୍ରମର ଅଭାବ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଏମିତିରେ ସୁସ୍ଥ ରହିବା ଆଜିର ଦିନରେ ସଭିଙ୍କ ପାଇଁ ସବୁଠାରୁ ବଡ଼ ବରଦାନ...

**କମାନ୍ତୁ ଇ–ଗ୍ୟାଜେଟ୍ ଟାଇମ୍:** ଦୀର୍ଘସମୟ ଧରି ମୋବାଇଲ୍ ବ୍ୟବହାର କରିବା ଆଜିର ଯୁବପିଢ଼ିଙ୍କର ଯେମିତି ଏକ ପ୍ରମୁଖ କାର୍ଯ୍ୟ ପାଲଟିଯାଇଛି। ହେଲେ ଏଥିପାଇଁ ଦୀର୍ଘ ସମୟ ଜାକି ହୋଇ ବା ବଙ୍କା ହୋଇ ବସିବା ଦ୍ୱାରା ମେରୁଦଣ୍ଡ ସହ ବେକ, ଅଣ୍ଟା ଆଦିରେ ଚାପ ପଡ଼ିଥାଏ। ସେହିପରି ଜାକି ହୋଇ ବସିବା ଦ୍ୱାରା ପେଟ ଚାପି ହୋଇ ରହିବା କାରଣରୁ ହଜମ କ୍ରିୟା, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ଯଦି କମ୍ପ୍ୟୁଟର କିମ୍ବା ଲାପଟପ୍‌ରେ ଅଧିକ ସମୟ କାମ କରିବାକୁ ପଡୁଛି, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି ମଝିରେ ମଝିରେ ଉଠି ଅଳ୍ପ ଚଲାବୁଲା କରନ୍ତୁ। ଏହାଦ୍ୱାରା ଶରୀର ଏବଂ ଆଖି ଉଭୟକୁ କିଛି ସମୟ ଆରାମ ମିଳିଯିବ।

**ଠିକ୍ ସମୟରେ ଖାଆନ୍ତୁ:** ସକାଳ ଜଳଖିଆ ଠିକ୍ ସମୟରେ ନ ଖାଇବା କିମ୍ବା ଅଧିକ ସମୟ ଶୋଇ ଜଳଖିଆ ନ ଖାଇ ଏକାଥରେ ମଧ୍ୟାହ୍ନ ଭୋଜନ କରିବାର ବଦଭ୍ୟାସ ଅନେକଙ୍କ ଠାରେ ରହିଛି। ଯାହାକି ସ୍ୱାସ୍ଥ୍ୟ ସମସ୍ୟାର ମୂଳ କାରଣ। ତେଣୁ ସକାଳ ଜଳଖିଆ ନିହାତି ଖାଆନ୍ତୁ ଏବଂ ଏଥିରେ କୌଣସି ଫାଷ୍ଟଫୁଡ୍ କିମ୍ବା ତେଲମସଲା ଖାଦ୍ୟ ରଖନ୍ତୁ ନାହିଁ। ସେହିପରି ରାତିରେ ଅଧିକ ବିଳମ୍ବରେ ନ ଖାଇ ୮–୯ଟା ମଧ୍ୟରେ ଡିନର କରିନିଅନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାତ୍ରିଭୋଜନର ତୁରନ୍ତ ପରେ ଆଦୌ ଶୁଅନ୍ତୁ ନାହିଁ। ଅଳ୍ପ ସମୟ ଚାଲନ୍ତୁ କିମ୍ବା ଅନ୍ୟ କୌଣସି କାମ କରିବା ପରେ ଶୁଅନ୍ତୁ।





**ଜରୁରୀ ଏକ୍ସରସାଇଜ୍:** ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରନ୍ତୁ। ମ୍ୟୁଜିକ୍ ଲଗାଇ କିଛି ସମୟ ଡ୍ୟାନ୍ସ କଲେ ମଧ୍ୟ ଖୁବ୍ ଭଲ ଏକ୍ସରସାଇଜ୍ ହୋଇପାରିବ। ଯଦି ସୁବିଧା ଅଛି, ତେବେ ସାଇକ୍ଲିଂ କଲେ ବି ବେଶ୍ ଉପକୃତ ହୋଇପାରିବେ। ପ୍ରତିଦିନ ଏକ୍ସରସାଇଜ୍ କଲେ ମେଦବହୁଳତା, ହୃଦ୍‌ରୋଗ, ଡାଇବେଟିସ୍ ଭଳି ଅନେକ ସମସ୍ୟାରୁ ଦୂରେଇ ରହିପରିବେ। ତା'ଛଡା ଏହା ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବାରେ ମଧ୍ୟ ବେଶ୍ କାମରେ ଆସିଥାଏ। ଖାଲି ସମୟ ପାଇଲେ ଦୁଇ ହାତର ପାପୁଲିକୁ ଭଲ ଭାବେ ରଗଡ଼ନ୍ତୁ। ଏହାଦ୍ୱାରା ବ୍ଲଡ୍ ସର୍କୁଲେଶନ୍ ଭଲ ଭାବେ ହୋଇଥାଏ।

**ପର୍ଯ୍ୟାପ୍ତ ନିଦ୍ରା:** ନିଦ ମଧ୍ୟ ଶରୀରକୁ ସୁସ୍ଥ ରଖିବା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ପାଠପଢ଼ା, ନାଇଟ୍ ଡ୍ୟୁଟି ଜବ୍ କିମ୍ବା ରାତିରେ ଅଧିକ ସମୟ ମୋବାଇଲ୍ ଦେଖିବାରେ ଅନେକଙ୍କ ନିଦ୍ରା ପ୍ରଭାବିତ ହେଉଛି ଏବଂ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ତେଣୁ ପ୍ରତ୍ୟେକଙ୍କୁ ନିଜର କାର୍ଯ୍ୟ ବା ଶ୍ରମ ଅନୁସାରେ ଶରୀରକୁ ଆବଶ୍ୟକ ଆରାମକୁ ଆଖି ଆଗରେ ରଖି ଶୋଇବା ଦରକାର। ତେଣୁ ପ୍ରତି ୭–୮ ଘଣ୍ଟା କିମ୍ବା କିଛି ନିର୍ଦ୍ଦିଷ୍ଟ ସମୟ ନ ରଖି ଶରୀରର ଆବଶ୍ୟକତା ଅନୁଯାୟୀ ଶୁଅନ୍ତୁ। ଏହାଦ୍ୱାରା ଶରୀରର ମେଟାବୋଲିଜମ୍ ଠିକ୍ ରହିବ, ଉଭୟ ଶରୀର ଏବଂ ମନ ଷ୍ଟ୍ରେସ୍ ଫ୍ରି ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ।

## ଜାଣନ୍ତୁ ଦୁନିଆ

# ଟେଲିଗ୍ରାମ୍

ସୋସିଆଲ୍ ମିଡିଆ ଟେଲିଗ୍ରାମ୍ ବିଷୟରେ ପ୍ରାୟ ସମସ୍ତେ ଜାଣିଥିବେ। ଆପଣମାନଙ୍କ ମଧ୍ୟରୁ ଅନେକେ ଏହାକୁ ବ୍ୟବହାର ମଧ୍ୟ କରୁଥିବେ। ତେବେ ଜାଣିବା ଏହା ସମ୍ପର୍କରେ କେତୋଟି ରୋଚକ ତଥ୍ୟ...




- ଟେଲିଗ୍ରାମ୍ ହେଉଛି ପୃଥିବୀର ତୃତୀୟ ସର୍ବାଧିକ ଡାଉନ୍‌ଲୋଡ୍ ହେଉଥିବା ମେସେଞ୍ଜର ଆପ୍। ଏହା ୨୦୧୩ ମସିହାରେ ନିକୋଲାଇ ଏବଂ ପାଭେଲ୍ ଡୁରୋଭ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।
- ଏହାର ହେଡ୍‌କ୍ୱାର୍ଟର ଦୁବାଇରେ ରହିଥିବା ବେଳେ ୟୁରୋପ, ଏସିଆ, ଆଫ୍ରିକା ଆଦି ମହାଦେଶରେ ଏହାର ଅନେକ କାର୍ଯ୍ୟାଳୟ ରହିଛି।
- ଏହି ମେସେଞ୍ଜରରେ ୨୦୨୨ ବେଳକୁ ମାସିକ ଆକ୍ଟିଭ୍ ୟୁଜର୍‌ଙ୍କ ସଂଖ୍ୟା ୭୦୦ ମିଲିଅନ୍‌ରୁ ଅଧିକ ହୋଇସାରିଥିଲା।
- ଆଶ୍ଚର୍ଯ୍ୟର କଥା, ଏହି ଆପ୍ ଏପର୍ଯ୍ୟନ୍ତ ବିଜ୍ଞାପନରେ ଟଙ୍କା ଖର୍ଚ୍ଚ କରିନାହିଁ କିମ୍ବା ମନିଟାଇଜ୍ କରିନାହିଁ।
- ଏଥିରେ ଥିବା ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ସନ୍ ସୁବିଧା ମେସେଜ୍‌ଗୁଡିକର ଗୋପନୀୟତା ରକ୍ଷା କରୁଥିବାରୁ ଏହା ଅଧିକ ଲୋକପ୍ରିୟ ହୋଇପାରିଛି।
- ଏଥିରେ ଏକାସଙ୍ଗେ ବା ଗ୍ରୁପ୍‌ରେ ୨ ଲକ୍ଷ ପର୍ଯ୍ୟନ୍ତ ୟୁଜର ଯୋଡ଼ି ହୋଇପାରିବେ।
- ଏଥିରେ ଏକ ସମୟରେ ୨ ଜିବି ପର୍ଯ୍ୟନ୍ତ ଡାଟା ବା ଫାଇଲ୍ ପଠାଯାଇପାରେ।
- ଏଥିରେ ଏକ ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ରହିଛି, ଯାହାକୁ ଟେଲିଗ୍ରାଫ୍ କୁହାଯାଏ।
- ଟେଲିଗ୍ରାମ୍‌ରେ ମଲ୍ଟିପଲ୍ ଆକାଉଣ୍ଟ ଖୋଲିବାର ସୁବିଧା ରହିଛି। ତେଣୁ ଜଣେ ୟୁଜର ଗୋଟିଏ ଫୋନ୍‌ରେ ଏକାଧିକ ଆଇଡି ବ୍ୟବହାର କରିପାରିବ।




## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ ସ୍ପୋର୍ଟ୍ସ ଡେ' ............ ତାରିଖରେ ପାଳନ କରାଯାଏ ?
୨– ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ୨୦୨୪ .........ଠାରେ ପାଳିତ ହୋଇଯାଇଛି ?
୩– ୭ମ ରାଷ୍ଟ୍ରୀୟ ପୋଷଣ ମାସ................ଠାରେ ଶୁଭାରମ୍ଭ କରାଯାଇଛି ?
୪– କିତାବ୍ ଅର୍ ରେହ୍‌ଲା ପୁସ୍ତକର ଲେଖକ ............... ?
୫– ବୁଦ୍ଧ ସମ୍ୟକ୍ ଦର୍ଶନ ସଂଗ୍ରହାଳୟ .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଟଚିଂ ଲାଇଭ୍‌ସ ହ୍ୱାଇଲ୍ ଟଚିଂ ଦି ମୁନ୍: ଇଣ୍ଡିଆସ୍ ସ୍ପେସ୍ ସାଗା
୨ କର୍ନାଟକ
୩ ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମ
୪ ୱିଲିୟମ୍ ସେକ୍ସପିୟର
୫ ଭେମ୍ବାନାଦ୍ ହ୍ରଦ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ମାନସ କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦




୧– ଟେସ୍‌ଲା................................ ୬୯୦.୪୨ ବିଲିୟନ୍ ଡଲାର
୨– ଟୟୋଟା ................................ ୨୪୭.୭୨ ବିଲିୟନ୍ ଡଲାର
୩– ବିୱାଇଡି ................................ ୯୧.୦୪ ବିଲିୟନ୍ ଡଲାର
୪– ଫରାରି ................................ ୮୨.୫୬ ବିଲିୟନ୍ ଡଲାର
୫– ମର୍ସିଡିଜ୍ ବେଞ୍ଜ ................................ ୭୦.୯୩ ବିଲିୟନ୍ ଡଲାର
୬– ପୋରଶ୍ଚେ ................................ ୬୮.୧୧ ବିଲିୟନ୍ ଡଲାର
୭– ବିଏମ୍‌ଡବ୍ଲ୍ୟୁ ................................ ୫୭.୨୨ ବିଲିୟନ୍ ଡଲାର
୮– ଜିଆଓମି ................................ ୫୫.୩୫ ବିଲିୟନ୍ ଡଲାର
୯– ଭକ୍ସ୍‌ୱାଗେନ୍ ................................ ୫୪. ୬୫ ବିଲିୟନ୍ ଡଲାର
୧୦– ହୋଣ୍ଡା ................................ ୫୧.୦୫ ବିଲିୟନ୍ ଡଲାର

## ୟୁଥ୍ ଫ୍ୟାଶନ

# ୱାଟରପ୍ରୁଫ୍ ଫୁଟ୍‌ୱେର



ବର୍ଷାଦିନେ ଲେଦର କିମ୍ବା କାନ୍‌ଭାସ୍ ଚପଲ ପିନ୍ଧିଲେ ଶୀଘ୍ର ନଷ୍ଟ ହୋଇଯାଇଥାଏ। ତେଣୁ ଏଦିନେ ବିଭିନ୍ନ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଥାଏ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ...

- ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କ୍ଲଗ୍ ଫୁଟ୍‌ୱେର୍‌ର ଡିମାଣ୍ଡ ଅଧିକ ଦେଖିବାକୁ ମିଳୁଛି। ଏହା ପାଦକୁ ଆରାମଦାୟକ ଲାଗିବା ସହ ଦେଖିବାକୁ ମଧ୍ୟ ଖୁବ୍ ଆଇକ୍ୟାଚି। ତା'ଛଡ଼ା ଏହାକୁ ଯେକୌଣସି କାଜୁଆଲ୍ ଆଉଟ୍‌ଫିଟ୍ ସହିତ ବ୍ୟବହାର ପରି ହେଉଥିବାରୁ ଯୁବପିଢ଼ିଙ୍କର ଏହାକୁ ନେଇ କ୍ରେଜ୍ ବଢ଼ୁଛି। ଏହା ଉପରେ ଥିବା ଛୋଟ ଛୋଟ କଣା ଯୋଗୁ ଓଦା ହେଲେ ପାଦ ଶୀଘ୍ର ଶୁଖିବା ମଧ୍ୟ ସହଜ ହୋଇଥାଏ। ତେଣୁ ବର୍ଷାରେ ଏଭଳି ଚପଲ ସବୁଠୁ ବେଷ୍ଟ ଅପ୍ସନ।
- ବର୍ତ୍ତମାନ ବିଭିନ୍ନ ଡିଜାଇନ୍‌ର କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ମାର୍କେଟ୍‌ରେ ଉପଲବ୍ଧ। ପ୍ରତ୍ୟେକ ଡ୍ରେସ୍ ସହିତ ମ୍ୟାଚିଂ କଲରର ଫ୍ଲିପ୍ ଫ୍ଲପ୍ ମିଳୁଥିବାରୁ ବର୍ତ୍ତମାନ ଯୁବିପିଢ଼ି ଏହାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି, ଯାହାକି ବଜେଟ ଫ୍ରେଣ୍ଡ୍‌ଲୀ ଏବଂ ଖୁବ୍ ହାଲୁକା ହୋଇଥିବାରୁ କ୍ୟାରି କରିବାକୁ ମଧ୍ୟ ଖୁବ୍ ସହଜ।
- ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବିଭିନ୍ନ ଆକର୍ଷଣୀୟ ଡିଜାଇନର ଗନ୍ ବୁଟ୍ ବି ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି। ଏହା ସବୁ ପ୍ରକାର ଗେଟ୍‌ଅପ୍‌ରେ ଟ୍ରେଣ୍ଡି ଲାଗୁଛି। ବିଶେଷକରି ଆଜିର ମଡର୍ନ ତଥା ୱେଷ୍ଟର୍ନ ଆଉଟ୍‌ଫିଟ୍ କ୍ୟାରି କରୁଥିବା ଯୁବପିଢ଼ିଙ୍କ ପାଇଁ ଏହା ଏକ ଭଲ ଅପ୍ସନ।
- ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ଜେଲି ପ୍ଲେଟ୍ସ ଫୁଟ୍‌ୱେରର ଡିମାଣ୍ଡ ଅଧିକ। ଏହା କଲରଫୁଲ୍ ହୋଇଥିବାରୁ ଷ୍ଟାଇଲିଶ୍ ଲାଗିଥାଏ ଏବଂ ଖୁବ୍ କମ୍ଫର୍ଟେବଲ୍ ମଧ୍ୟ।



ନୂଆଁଖାଇ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶନିବାର ତିଆରି କରିଥିବା ବାଲୁକା କଳା।

# ଏକାଠି ରନ୍ଧା ହୁଏ ୧୬୩ ପରିବାରର ଅନ୍ନ

## ଏକତା ଓ ସହଭାଗିତାର ବିରଳ ଦୃଷ୍ଟାନ୍ତ ଝୁରିମାଲର ସାମୂହିକ ନୂଆଁଖାଇ

ମାଟି ଓ ମଣିଷର ନିବିଡ ସମ୍ପର୍କର ମହାନ୍ ଗଣପର୍ବ ହେଉଛି ନୂଆଁଖାଇ। ଖରା, ବର୍ଷା, ଶୀତ, କାକରରେ ହାଡ଼ଭଙ୍ଗା ପରିଶ୍ରମ କରି ମାଟି ମା'ରୁ ଉତ୍ପାଦିତ ପ୍ରଥମ ଶସ୍ୟକୁ ସମ୍ମାନ ଦେବାର ପର୍ବ ହେଉଛି ନୂଆଁଖାଇ। ପ୍ରତିବର୍ଷ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକର ଝୁରିମାଲ ଗାଁର ୧୬୩ ପରିବାର ଏକାଠି ବସି ନୂଆଁଖାଇ ଏକ ଅନନ୍ୟ ଭାଇଚାରାର ଉଦାହରଣ ସୃଷ୍ଟି କରିଛନ୍ତି। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅଭିନବ ଢଙ୍ଗରେ ବେଶ୍ ହର୍ଷଉଲ୍ଲାସରେ ଏହି ଗଣପର୍ବକୁ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି ଏହି ଗ୍ରାମବାସୀ। ସମସ୍ତ ରାଗ, ରୋଷ, ଈର୍ଷା, ଅହଂକାର ଭୁଲି ଏକତା, ସହଭାଗିତା ଓ ଭାଇଚାରାର ଏକ ବିରଳ ଦୃଷ୍ଟାନ୍ତ ସାଜିଛି ଏହି ଝୁରିମାଲ ଗାଁ। ଦୀର୍ଘ ୧୨ବର୍ଷ ଧରି ସାମୂହିକ ନୂଆଁଖାଇ ଭାରି ଧୁମଧାମ୍‌ରେ ପାଳନ କରୁଛନ୍ତି ଝୁରିମାଲ ଗ୍ରାମବାସୀ। ପ୍ରଥମେ ୫ଟି ପରିବାର ମିଶି ଆରମ୍ଭ କରିଥିବା ସାମୂହିକ ନୂଆଁଖାଇ ଆଜି ଗ୍ରାମର ସମୁଦାୟ ୧୬୩ଟି ପରିବାରକୁ ଏକତାର ଡୋରିରେ ବାନ୍ଧି ରଖିଛି। ଗାଁ ଦାଣ୍ଡରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବସି ନୂଆଁ ଅନ୍ନଖାଇ ପାରମ୍ପରିକ ଭାବରେ ନୂଆଁଖାଇ ପାଳନ କରୁଥିବାର ଏକ ବିରଳ ଉଦାହରଣ ହେଉଛି ଝୁରିମାଲର ସାମୂହିକ ନୂଆଁଖାଇ। ସର୍ବପ୍ରଥମେ ଗ୍ରାମର ଆରାଧ୍ୟ ଦେବତା ସଙ୍କଟମୋଚନ ବଜରଙ୍ଗବଲୀଙ୍କ ପାଖରେ ନୂଆଁ ଚାଉଳ ଲାଗି ପୂଜା ଅର୍ଚ୍ଚନା କରିବା ପରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ନିଜ ଇଷ୍ଟଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ ଗ୍ରାମର ପ୍ରତ୍ୟେକ ପରିବାରରୁ ଆବାଳବୃଦ୍ଧବନିତା ଏକତ୍ରିତ ହୋଇ ନବାନ୍ନଭକ୍ଷଣ କରି ସାମୂହିକ ଭାବରେ ନୂଆଁଖାଇ ପାଳନ କରିଥାନ୍ତି। ଏହା ପରେ ଆରମ୍ଭ ହୋଇଥାଏ ନୂଆଁଖାଇ ଭେଟ୍‌ଘାଟ୍‌ର ଅନନ୍ୟ ପରମ୍ପରା। ପୂର୍ବ କଳିକଜିଆ, ରାଗ, ଦୋଷ ଭୁଲି ଗ୍ରାମର ପ୍ରତ୍ୟେକ ଲୋକ ବଡଙ୍କୁ ସମସ୍କାର ଓ ଛୋଟଙ୍କୁ ଆଶୀର୍ବାଦ କରି ଏହି ପର୍ବକୁ ଆହୁରି ଜୀବନ୍ତ କରିଥାନ୍ତି। ଏଥି ସହିତ ବିଲୁପ୍ତପ୍ରାୟ ବିଭିନ୍ନ ପୁରାତନ ଖେଳ ଯଥା ପୁଚିଖେଳ, ଶଙ୍ଖ ଫୁଙ୍କା, ହୁଳହୁଳି, ବାଡିଘିଚା ଇତ୍ୟାଦିରେ ମଜି ଯାଇଥାନ୍ତି ଝୁରିମାଲ ଗ୍ରାମବାସୀ। ଗ୍ରାମ ଗୋଷ୍ଠୀ ସହଭାଗିତାର ନିଆରା ପରମ୍ପରା ଏହି ସାମୂହିକ ନୂଆଁଖାଇ ଚଳିତବର୍ଷ ମଧ୍ୟ ରବିବାର ପାରମ୍ପରିକ ରୀତିନୀତିରେ ହର୍ଷ ଉଲ୍ଲାସର ସହିତ ପାଳନ କରାଯିବ। ଏଥି ନିମନ୍ତେ ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଗ୍ରାମବାସୀ, ଝୁରିମାଲ ବନ ସୁରକ୍ଷା ସମିତି ଓ ଜୟ ବଜରଙ୍ଗ କ୍ଲବର ସଦସ୍ୟ। ବାସ୍ତବରେ ଝୁରିମାଲ ଗ୍ରାମବାସୀଙ୍କ ଏହି ଐତିହାସିକ ପଦକ୍ଷେପ ଅନ୍ୟ ଗାଁମାନଙ୍କ ପାଇଁ ଏକତା ଓ ଭାଇଚାରାର ଏକ ଜ୍ୱଳନ୍ତ ଉଦାହରଣ ହୋଇ ପାରିବ।

**ଉପସ୍ଥାପନା :** ଜୟନାରାୟଣ ମେଣ୍ଡୁଲି, ସୁନ୍ଦରଗଡ଼।





































See Career Appointment on every Wednesday & Saturday

# ପ୍ରକୃତି ଉପାସନାକୁ ଉଜ୍ଜୀବିତକରି ରଖିଛି ନୂଆଁଖାଇ


ଇଷ୍ଟଦେବୀ ମା' ସୁରେଶ୍ୱରୀ ।

ନୂଆଁଖାଇ ପର୍ବ ଆଧ୍ୟାତ୍ମିକ, ପାରମ୍ପରିକ ଓ ସାମାଜିକ ଭାବଧାରର ଏକ ପରିପ୍ରକାଶ। ଏଥିପାଇଁ ଏହି ମହାନ୍ ଗଣପର୍ବର ଏକ ସ୍ୱତନ୍ତ୍ରତା ରହିଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପୁରପଲ୍ଲୀରେ ଏହା ପାଳନ ହୁଏ। ଏହା ଭାରତର ଅନ୍ୟାନ୍ୟ ଅଞ୍ଚଳର ଶସ୍ୟପୂଜା ତଥା ନୂତନ ଅନ୍ନ ପୂଜା ପରି ପ୍ରାଚୀନତମ। ମାନବ ଜୀବନର ପ୍ରମୁଖ ଆଧାର ହେଉଛି ଅନ୍ନ। ମଣିଷ ତେଣୁ ତାକୁ ବ୍ରହ୍ମ ତଥା ଈଶ୍ୱର ରୂପରେ ବିବେଚନା କରିଆସିଛି। ଏହି ଅନ୍ନ ଉତ୍ପାଦନରେ ପ୍ରକୃତିର ଅବଦାନ ଯେ କେତେ ମହତ୍ତ୍ୱପୂର୍ଣ୍ଣ, ତାହା ମଧ୍ୟ ମଣିଷ ପୁରାତନ କାଳରୁ ହୃଦ୍‌ବୋଧ କରିଆସିଛି। ଘରର ବାଡ଼ି ବଗିଚାରେ କି କ୍ଷେତରେ ଫଳ ଫଳିଲେ ପ୍ରଥମେ ତାକୁ ମାତୃଶକ୍ତିକୁ ଅର୍ପଣ କରାଯାଇଥାଏ। ଧାନଚାଷ ଜମିରୁ ଉତ୍ପାଦିତ ନୂଆ ଶସ୍ୟ କୌଣସି ଜୀବ, ଜନ୍ତୁଙ୍କ ଉଦରକୁ ଯିବା ପୂର୍ବରୁ ପ୍ରଥମେ ନିଜ ଇଷ୍ଟ ଦେବତାଙ୍କ ନିକଟରେ ଅର୍ପଣ କରାଯାଇଥାଏ। ଭୋଗ ଲାଗି ହେବା ପରେ ସେହି ନୂଆ ଚାଉଳକୁ ଅନ୍ୟମାନେ ମିଳିମିଶି ଗ୍ରହଣ କରିଥାନ୍ତି। ଶ୍ରାବଣ ପୂର୍ଣ୍ଣିମାରେ ଚାଷକାର୍ଯ୍ୟ ସରି ଆସୁଥିବା ବେଳେ ଭାଦ୍ରବ ମାସରେ କେତେକ ଧାନ (ବିଶେଷତଃ ସରିଆ ଧାନ) ପୂର୍ଣ୍ଣଗର୍ଭ ହୋଇ ପାକଳ ହୋଇ ଯାଇଥାଏ। ଏହି ଧାନକେଣ୍ଡାକୁ ଦେଖି ଚାଷୀ ଆତ୍ମବିଭୋର ହୋଇ ଦେବତାଙ୍କୁ ଅର୍ପଣ କରେ। ନବାନ୍ନ ଦିନ ନୂତନ ଅନ୍ନପୂଜା କରିବା ସହିତ ଅନ୍ନ ଉତ୍ପାଦିତ ହେଉଥିବା ମାଟି, ବୃକ୍ଷ, ଆକାଶ, ପଶୁ ଆଦିଙ୍କୁ ସେ ପୂଜା କରି ତାର ଭକ୍ତି ନୈବେଦ୍ୟ ଅର୍ପଣ କରିଥାଏ। ଏହି ପର୍ବର ଆଉ ଏକ ବିଶେଷତ୍ୱ ହେଲା ଯେ ପର୍ବ ପାଳନ ସମୟରେ ବିଭିନ୍ନ ଜାତି, ଗୋଷ୍ଠୀର ଲୋକମାନେ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ବୃକ୍ଷକୁ ଦେବତା ରୂପରେ ପୂଜା କରିଥାନ୍ତି। ପୁଣି ସେହିଦିନ ସୌଖୀନ ଖାଦ୍ୟପାତ୍ର ବ୍ୟବହାର କରା ନ ଯାଇ ବୃକ୍ଷର ପତ୍ରରେ ଖଲିଦନା ତିଆରି କରି ନବାନ୍ନ ଭକ୍ଷଣ କରାଯାଇଥାଏ। ନୂଆଁଖାଇ ପରମ୍ପରା ଆମର ପ୍ରାଚୀନ ପ୍ରକୃତି ଉପାସନାର ଧାରାକୁ ଉଜ୍ଜୀବିତ କରି ରଖିଛି। ଆଧୁନିକ ଜୀବନଶୈଳୀ, ବ୍ୟାପକ ସହରୀକରଣ ଓ ଶିଳ୍ପାୟନ ଦ୍ୱାରା ପ୍ରକୃତି ଓ ପରିବେଶ ନଷ୍ଟହୋଇ ସଭ୍ୟତା ବିପଦଗ୍ରସ୍ତ ହେବାରେ ଲାଗିଛି। ଆଉ ସେଥିପ୍ରତି ସଚେତନ ହେବା ପାଇଁ ଏହି ପର୍ବ ବିଶ୍ୱ ମାନବ ସଭ୍ୟତାକୁ ଆହ୍ୱାନ ଦେଉଛି।


ସୋନପୁର ସହରରେ ଜଣେ ମହିଳା ନୂଆ ଧାନ ଓ ଚୁଡ଼ା ବିକ୍ରି କରୁଛନ୍ତି।

ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ ହେଲେ ମଧ୍ୟ ଏହା ପଛରେ ଏକ ପବିତ୍ର ଓ ଆଦର୍ଶ ପରମ୍ପରା ରହି ଆସିଛି। ପରିବାରର ସମସ୍ତ ସଦସ୍ୟ ପୂର୍ବ ମନାନ୍ତର ଭୁଲି ଏହି ଦିନ ଏକାଠି ହୋଇ ଭୋଜନ କରିବା ବିଧି ରହିଛି। ଏହି ପର୍ବ ସହିତ ସବୁ ବର୍ଗର ଲୋକଙ୍କର ଆବେଗିକ ସମ୍ପର୍କ ରହିଛି। ସୌହାର୍ଦ୍ଦ୍ୟ ଓ ଏକତା ଉପରେ ଏହା ପର୍ଯ୍ୟବସିତ। ବୟସ୍କ ତଥା ଗୁରୁଜନମାନଙ୍କୁ ସାନମାନେ ସମ୍ମାନ ଜଣାଇ ପ୍ରଣାମ କରନ୍ତି, ଯାହାକୁ ନୂଆଁଖାଇ ଭେଟ୍‌ଘାଟ କୁହାଯାଏ।

ଏହି ଗଣପର୍ବର ଐତିହ୍ୟ ଓ ସଂସ୍କୃତି ସୁବର୍ଣ୍ଣପୁର ଜିଲାରେ ଅତି ପ୍ରାଚୀନ। ଅତୀତରେ ସୋନପୁର ରାଜ୍ୟ ଅଧୁନା ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ପଞ୍ଚରା ଅଞ୍ଚଳର ଅଧିବାସୀମାନେ ଚୌହାନ ବଂଶର ପ୍ରଥମ ରାଜା ମଦନଗୋପାଳ ଦେବଙ୍କ ରାଜତ୍ୱକାଳ ୧୬୪୦ ଖ୍ରୀଷ୍ଟାବ୍ଦରୁ ଏହି ପବିତ୍ର ନୂଆଁଖାଇ ପର୍ବ ପାଳନ କରି ଆସୁଥିବା ଇତିହାସରୁ ଜଣାପଡ଼େ। ଏଥିପାଇଁ ନବୋତ୍ସବ ଦିନ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ରାଶି ଓ ନକ୍ଷତ୍ରକୁ ନେଇ ପଣ୍ଡିତମାନେ ନୂଆଁଖାଇ ପାଇଁ ଶୁଭଲଗ୍ନ ସ୍ଥିର କରନ୍ତି। ନିର୍ଦ୍ଧାରିତ ତିଥି ଓ ଲଗ୍ନରେ ନୂଆ ଭୋଗ ଲାଗି ହୋଇ ସଭିଏଁ ନୂଆ ଖାଇଥାଆନ୍ତି। ନବାନ୍ନ ଭକ୍ଷଣ ପରେ ଅପରାହ୍ନରେ ସୋନପୁରର ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ଅଷ୍ଟବିଷ୍ଣୁ ମନ୍ଦିରକୁ ଯାଇ ଦେବଦେବୀ ଦର୍ଶନ ତଥା ଗୁରୁଜନ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ଭକ୍ତି ଭାବେ ପ୍ରଣାମ କରନ୍ତି। ନୂଆଁଖାଇ ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ତଥା ଜିଲାର ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳକୁଦର ଆୟୋଜନ କରାଯାଏ। ନୂଆଁଖାଇର ଏହି ପବିତ୍ର ଦିନକୁ ବର୍ଷସାରା ଲୋକେ ଅପେକ୍ଷା କରି ରହିଥାନ୍ତି।

*ରିପୋର୍ଟ: ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର*


































# ନବଦୀପଙ୍କୁ ସ୍ୱର୍ଣ୍ଣ, ସିମରନ୍ ବ୍ରୋଞ୍ଜ

**ପ୍ୟାରିସ, ୭।୯ (ପି.ଟି.)**

ପ୍ୟାରିସ ପାରାଲିମ୍ପିକ୍ସରେ ଶନିବାର ଭାରତକୁ ଆଉ ୨ଟି ପଦକ ମିଳିଛି। ପୁରୁଷ ଜାଭେଲିନ୍ ଥ୍ରୋ ଏଫ୪୧ ବର୍ଗରେ ନବଦୀପ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ମହିଳା ୨୦୦ ମିଟର ଟି୧୨ ରେସ୍‌ରେ ସିମରନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫାଉଲ ସହ ଅଭିଯାନ ଆରମ୍ଭ କରିଥିବା ୨୩ ବର୍ଷୀୟ ହରିୟାଣାର ନବଦୀପ ଦ୍ୱିତୀୟ

**ପ୍ୟାରିସ୍ ପାରାଲିମ୍ପିକ୍ସ**

**ଇରାନର ସାଦେଘ ଅଯୋଗ୍ୟ ଘୋଷିତ**

ଉଦ୍ୟମରେ ୪୬.୩୯ ମିଟର ଥ୍ରୋ କରିଥିଲେ। ମାତ୍ର ତୃତୀୟ ଉଦ୍ୟମରେ ପାରାଲିମ୍ପିକ୍ ରେକର୍ଡ ୪୭.୩୨ ମିଟର ଥ୍ରୋ କରି ସେ ସ୍ୱର୍ଣ୍ଣ ପଦକ ପାଇଁ ଦାବିଦାର ହୋଇ ଯାଇଥିଲେ। ୪ର୍ଥ ଉଦ୍ୟମ ତାଙ୍କର ଫାଉଲ ହୋଇଥିବାବେଳେ ୫ମ ଉଦ୍ୟମରେ ୪୬.୦୫ ମିଟର ଥ୍ରୋ କରିପାରିଥିଲେ। ୬ଷ୍ଠ ତଥା ଅନ୍ତିମ ଉଦ୍ୟମ ମଧ୍ୟ ଫାଉଲ ରହିଥିଲା। ଇରାନର ବେଟ୍ ସାୟାହ ସାଦେଘ ନିଜ ୫ମ ଉଦ୍ୟମରେ ୪୭.୬୪ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ଏକ ପତାକାକୁ ସେ ବାରମ୍ବାର ପ୍ରଦର୍ଶନ କରିବାରୁ ତାଙ୍କୁ ଦ୍ୱିତୀୟଥର ୟେଲୋ କାର୍ଡ ମିଳିବା ସହ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫଳରେ ନବଦୀପଙ୍କୁ ସ୍ୱର୍ଣ୍ଣ, ଚାଇନାର ସୁନ ପେଙ୍ଗଜିଆଙ୍ଗ୍ ୪୪.୭୨ ମିଟର ଥ୍ରୋ କରି ରୌପ୍ୟ ଓ ଇରାକ୍‌ର ନୁଖାଇଲାୱି ୱିଲଡନ ୪୦.୪୬ ମିଟର ସହ ବ୍ରୋଞ୍ଜ ପଦକ ଜିତିଥିଲେ। ପୁରୁଷ ଜାଭେଲିନ ଏଫ୪୧ ବର୍ଗରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସାଧାରଣତଃ ଗେଡ଼ା ଆଥଲେଟଙ୍କୁ ନେଇ ଏଫ୪୧ ବର୍ଗ ପ୍ରତିଯୋଗିତା ହୋଇଥାଏ।

ମହିଳା ୨୦୦ ମିଟର ଟି୧୨ ବର୍ଗ ଫାଇନାଲରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ସିମରନ ତୃତୀୟ ସ୍ଥାନରେ ରହି ପୋଡିୟମ ମଣ୍ଡନ କରିଥିଲେ। ଜନ୍ମ ହେବାଠାରୁ ଏପର୍ଯ୍ୟନ୍ତ ସଂଘର୍ଷ କରି ଆସିଥିବା ସିମରନ ଏଠାରେ ବ୍ୟକ୍ତିଗତ ଶ୍ରେଷ୍ଠ ୨୪.୭୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ। କ୍ୟୁବାର ଡୁରାଣ୍ଡ ଇଲିଆସ ଓମାରା ୨୩.୬୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଭେନେଜୁଏଲାର ପେରେଜ ଲୋପେଜ ୨୪.୧୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିଲେ। ସିମରନଙ୍କ ଗାଇଡ ଥିଲେ ଅଭୟ ସିଂ। ଟି୧୨ ବର୍ଗର ଆଥଲେଟ୍‌ମାନେ ପାରାଲିମ୍ପିକ୍ସରେ ଦୃଷ୍ଟିବାଧିତ ଶ୍ରେଣୀର ଅଟନ୍ତି। ୨୪ ବର୍ଷୀୟ ସିମରନ ପ୍ରି-ମେଚର (ନିର୍ଦ୍ଧାରିତ ସମୟ ପୂର୍ବରୁ) ଜନ୍ମ ଗ୍ରହଣ କରିଥିବାରୁ ତାଙ୍କୁ ୧୦ ସପ୍ତାହ ଲାଇଟ ପକାଯାଇ ଏକ ବକ୍ସ ମଧ୍ୟରେ ରଖା ଯାଇଥିଲା। ପରେ ସେ ଦୃଷ୍ଟିବାଧିତ ବୋଲି ଜଣା ପଡ଼ିଥିଲା। ଚଳିତ ବର୍ଷ ଜାପାନର କୋବେଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଚାମ୍ପିୟନ ହୋଇଥିଲେ। ନବଦୀପଙ୍କ ରୌପ୍ୟ ଓ ସିମରନଙ୍କ ବ୍ରୋଞ୍ଜ ପରେ ଚଳିତ ପାରାଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୯ରେ ପହଞ୍ଚିଛି। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୩ ବ୍ରୋଞ୍ଜ ସାମିଲ। ଏଥିସହ ଭାରତ ପଦକ ତାଲିକାର ୧୫ଶ ସ୍ଥାନୀକୁ ଉନ୍ନୀତ ହୋଇଛି।



ସ୍ୱର୍ଣ୍ଣ ପଦକ ବିଜୟୀ ନବଦୀପ ସିଂ।

# ଅଲିମ୍ପିକ୍ସରେ ସ୍ତ୍ରୀ, ପାରାଲିମ୍ପିକ୍ସରେ ସ୍ୱାମୀଙ୍କୁ ସ୍ୱର୍ଣ୍ଣ



ଖୁସି ମୁହୂର୍ତ୍ତରେ ହଣ୍ଟର ଉଡ୍‌ହଲ ଓ ଟାରା ଡେଭିସ୍-ଉଡ୍‌ହଲ୍।

**ପ୍ୟାରିସ୍, ୭।୯ (ଏପି)**

ମାସକ ପୂର୍ବେ ଟାରା ଡେଭିସ୍-ଉଡ୍‌ହଲ୍ ଅଲିମ୍ପିକ୍ସ ମହିଳା ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଶୁକ୍ରବାର ଷ୍ଟେଡ୍ ଡି' ଫ୍ରାନ୍ସଠାରେ ତାଙ୍କ ସ୍ୱାମୀ ଆମେରିକାର ହଣ୍ଟର ଉଡ୍‌ହଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଲିମ୍ପିକ୍ସରେ ଇଭେଣ୍ଟ ଜିତିବାପରେ ଡେଭିସ୍ ଉଡ୍‌ହଲ୍ ଷ୍ଟାଣ୍ଡ ଆଡକୁ ଦୌଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ସ୍ୱାମୀଙ୍କୁ ସେ ଖୁସିରେ କୁଣ୍ଢାଇ ପକାଇଥିଲେ। ଏହି ଦୃଶ୍ୟର ଭିଡିଓ କ୍ଲିପିଙ୍ଗ ସେତେବେଳେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା। ଅନୁରୂପ ଦୃଶ୍ୟ ପାରାଲିମ୍ପିକ୍ସରେ ଦେଖିବାକୁ ମିଳିଛି। ଦୁଇ ଗୋଡ଼ କଟା ଉଡ୍‌ହଲ ୪୬.୩୬ ସେକେଣ୍ଡ ଟାଇମିଂରେ ଏଠାରେ ଟି-୬୨ କାଟେଗୋରୀ ୪୦୦ ମିଟର ରେସ ଟାଇଟଲ ଜିତିଛନ୍ତି। ବିଶ୍ୱରେକର୍ଡ ଅଧିକାରୀ ଜର୍ମାନୀର ଜୋହାନେସ୍ ଫ୍ଲୋର୍ସ (୪୬.୯୦) ରୌପ୍ୟ ଏବଂ ନେଦରଲାଣ୍ଡର ଅଲିଭର ହେଣ୍ଡ୍ରିକ୍ସ (୪୬.୯୧) ବ୍ରୋଞ୍ଜ ପାଇଛନ୍ତି। ଉଡ୍‌ହଲ କହିଛନ୍ତି ସେମାନେ ଉଭୟେ ଏହି ଭଳି ସଫଳତାକୁ ଦୀର୍ଘଦିନ ଅପେକ୍ଷାରେ ଥିଲେ।

# ଜାତୀୟ ଜୁନିୟର ହକି: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ)**

ଜଳନ୍ଧରଠାରେ ଚଳିତ ମାସ ୯ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ପାଇଁ ହକି ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଶନିବାର ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଆସାମ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହା ବ୍ୟତୀତ ଦାଦ୍ରା ଓ ନଗର ହାଭେଳି, ଡାମନ ଆଣ୍ଡ ଡିଉ ଏବଂ ଅରୁଣାଚଳ ପ୍ରଦେଶ ବିପକ୍ଷରେ ମୁକାବିଲା କରିବ। ମୁଖ୍ୟ କୋଚ୍ ବି.ଜେ. କରିଆପ୍ପା ଦଳର ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। "ଆମ ଖେଳାଳିମାନେ ଭଲ ଅଭ୍ୟାସ କରିଛନ୍ତି। ପ୍ରତ୍ୟେକ ପ୍ରତ୍ୟେକଙ୍କ ଗେମ୍‌କୁ ଭଲଭାବେ ବୁଝିଛନ୍ତି। ଉଭୟ ମାନସିକ ଓ ଶାରୀରିକଭାବେ ଖେଳାଳିମାନେ ଦୃଢ଼ ଥିବାରୁ ପ୍ରତିଯୋଗିତାରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ମୁଁ ଆଶାବାଦୀ" ବୋଲି କରିଆପ୍ପା ପ୍ରକାଶ କରିଛନ୍ତି।

ଓଡ଼ିଶା ଦଳ: ଗୋଲକିପର୍ସ- ବିବେକ ଲାକ୍ରା, ଅଭିଷେକ ଯାଦବ। ଡିଫେଣ୍ଡର୍ସ: ୱିଲସନ ଖାଖା, ଅଭିଷେକ ଟପ୍ପୋ, ଜସମନ ମୁଣ୍ଡା, ସନ୍ଦୀନ ଏକ୍କା, ପ୍ରଦୀନ ମଣ୍ଡଳ, ସଞ୍ଜୀତ ତିର୍କୀ। ମିଡ୍‌ଫିଲ୍ଡର୍ସ: ଅଦ୍ରୋହିତ ଏକ୍କା, ହରୁନ ମିଞ୍ଜ, ପ୍ରେମଦୟାଲ ଗିରି, ରୋହିତ କୁଲୁ, ଅବିର୍ନ ଟପ୍ପୋ। ଫରୱାର୍ଡ୍ସ: କରନ ଲାକ୍ରା, ଦୀପକ ପ୍ରଧାନ, ଦେବନାଥ ନାନୱାର, ପ୍ରତାପ ଟପ୍ପୋ, ସତୀଶ ମୁଣ୍ଡା।






ପ୍ୟାରିସ୍ ପାରାଲିମ୍ପିକ୍ସର ଶନିବାର ଅନୁଷ୍ଠିତ ମହିଳା ୨୦୦ ମିଟର ଟି୧୨ ରେସ୍ ଅବସରରେ ଗାଇଡ୍ ଅଭୟ ସିଂଙ୍କ ସହ ସିମରନ୍।

# ଆଜି ଫ୍ରିଜ୍-ସିନର ଫାଇନାଲ

**ନ୍ୟୁୟର୍କ, ୭।୯ (ଏପି)**

ୟୁଏସ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ଆମେରିକାର ଟେଲର ଫ୍ରିଜ୍ ଓ ବିଶ୍ୱର ନମ୍ବର ୱାନ ତଥା ଇଟାଲୀର ଜାନେକ ସିନରଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଫ୍ରିଜ୍ ୧୫ ବର୍ଷରେ ପ୍ରଥମ ଆମେରିକୀୟ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ୟୁଏସ୍ ଓପନ ଟେନିସର ଏକ ରୋମାଞ୍ଚକ ୫ ସେଟ୍ ବିଶିଷ୍ଟ ମ୍ୟାଚରେ ନିଜ ଦେଶର ସାଥୀ ଖେଳାଳି ଫ୍ରାନ୍‌ସିସ ଟିଆଫୋଙ୍କୁ ୪-୬, ୭-୫, ୪-୬, ୬-୪, ୬-୧ରେ ପରାସ୍ତ କରିଛନ୍ତି। ପୂର୍ବରୁ ଜଣେ ଆମେରିକୀୟ ଖେଳାଳି ହିସାବରେ ଆଣ୍ଡି ରଡିକ୍ ୨୦୦୩ରେ ୟୁଏସ୍ ଓପନରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ରଡିକ୍ ଆହୁରି ମଧ୍ୟ ଶେଷ ଆମେରିକୀୟ ୨୦୦୯ରେ ୱିମ୍ବେଲଡନରେ ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେ ଶେଷ ଆମେରିକୀୟ ଭାବେ ୨୦୦୬ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ, ଟିଆଫୋ ଦୁଇ ବର୍ଷ ପୂର୍ବେ ୟୁଏସ୍ ଓପନ ସେମିଫାଇନାଲରେ କାର୍ଲୋସ ଅଲ୍‌କାରାଜଙ୍କଠାରୁ ପରାଜିତ ହୋଇଥିଲେ।

## ଓଷ୍ଟାପେଙ୍କୋ-କିଚେନକଙ୍କୁ ଟାଇଟଲ

ଲ୍ୟୁଦମିଲା କିଚେନକ ଚଳିତ ସପ୍ତାହରେ ଜେଲାନା ଓଷ୍ଟାପେଙ୍କୋଙ୍କ କୋଚ୍‌ଙ୍କୁ ବିବାହ କରିଥାନ୍ତେ। ମାତ୍ର ୟୁଏସ ଓପନ ମହିଳା ଡବଲ୍ସ ଚାମ୍ପିୟନଶିପର ଫଳାଫଳକୁ ନେଇ ସେ ତାଙ୍କ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି। କିଚେନକ ଓ ଓଷ୍ଟାପେଙ୍କୋ ଶୁକ୍ରବାର ୬-୪, ୬-୩ରେ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ଝାଙ୍ଗ୍ ଶୁଆଇଙ୍କୁ ପରାସ୍ତ କରି ସେମାନଙ୍କ ପାର୍ଟନରଶିପ୍‌ରେ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। କିଚେନକ୍ କହିଛନ୍ତି, ସେ ବୁଧବାର ଷ୍ଟାନ୍‌ସିଲାଭ ଖମାରସ୍କିଙ୍କୁ ବିବାହ କରିଥାନ୍ତେ, ଯେଉଁ ଦିନ ସେ ଓଷ୍ଟାପେଙ୍କୋ ୟୁଏସ୍ ଓପନ ସେମିଫାଇନାଲ ମ୍ୟାଚରେ ବିଜୟ ଲାଭ କରିଥିଲେ। ୭ମ ସିଡ୍ କିଚେନକ ଓ ଓଷ୍ଟାପେଙ୍କୋ ଅଷ୍ଟ୍ରେଲିଆନ ଓପନ ଫାଇନାଲ ପରାଜୟ ସହ ସେମାନଙ୍କ ସିଜନ ଆରମ୍ଭ କରିଥିଲେ। ଫ୍ଲସିଂ ମିଡୋଜରେ କିନ୍ତୁ ସେମାନଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି, ଯେଉଁଠାରେ ସେମାନେ ଗୋଟିଏ ସେଟ୍ ଡ୍ରପ୍ ନ କରି ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ଜିତିଛନ୍ତି। ଓଷ୍ଟାପେଙ୍କୋଙ୍କର ଏହା ହେଉଛି ଓଭରଅଲ୍ ୫ମ ଟାଇଟଲ। ଲାଟଭିଆର ଏହି ଖେଳାଳି ୨୦୧୭ରେ ଫ୍ରେଞ୍ଚ ଓପନ ସିଙ୍ଗଲ୍ସ ଜିତିଥିଲେ।

## ଶ୍ରୀୟଙ୍କାଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ):** ନୂଆଦିଲ୍ଲୀର କାର୍ନିସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ (୩ପି) ଟ୍ରାଏଲ୍-୬ରେ ଓଡ଼ିଶାର ତାରକା ଶୁଟର



ଶ୍ରୀୟଙ୍କା ଷଡ଼ଙ୍ଗୀ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଟ୍ରାଏଲ୍ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋଟିଏ ଦିନ ପୂର୍ବରୁ ଅନୁଷ୍ଠିତ ଚୟନ ଟ୍ରାଏଲ୍-୫ରେ ସେ ତୃତୀୟ ସ୍ଥାନରେ ରହିଥିଲେ। କ୍ୟାରିୟରରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସଫଳତା ଲାଭ କରି ସାରିଥିବା ଏହି ପ୍ରତିଭାସମ୍ପନ୍ନ ଶୁଟର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଶ୍ରୀୟଙ୍କାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

# ଚାଇନା ବିପକ୍ଷରୁ ଭାରତର ଅଭିଯାନ

**ହୁଲୁନବୁଇର, ୭।୯ (ପି.ଟି.)**

**ଆଜିଠୁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

ଏସିଆନ ଚାମ୍ପିୟନ୍ସ ଟ୍ରଫି ପୁରୁଷ ହକି ଟୁର୍ନାମେଣ୍ଟ ରବିବାର ଆରମ୍ଭ ହେବ। କ୍ରମାଗତ ୨ଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତ ଏଠାରେ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଖେଳିବ। ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ସଫଳ ଦଳଭାବେ ଭାରତ ୪ ଥର ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିୟନ ହୋଇଛି। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚାଇନା। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ୩ ଥର ଚାମ୍ପିୟନ ପାକିସ୍ତାନ, ୨୦୨୧ରେ ଚାମ୍ପିୟନ ଦକ୍ଷିଣ କୋରିଆ, ଜାପାନ ଓ ମାଲେସିଆ ଏହି ପ୍ରତିଯୋଗିତାରେ ଭାଗ୍ୟ ପରୀକ୍ଷା କରିବେ। ଗତ ସଂସ୍କରଣରେ ଘରୋଇ ପରିବେଶରେ ଭାରତ ଚାମ୍ପିୟନ ହୋଇ ଇତିହାସ ରଚିଥିଲା। ପ୍ରଥମ ଦଳଭାବେ ସର୍ବାଧିକ ୪ ଥର ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଥିଲା ଭାରତୀୟ ଦଳ।

ପ୍ୟାରିସ୍ ଅଲିମ୍ପିକ୍ସ ପରେ ଅଳ୍ପ ଦିନ ବ୍ରେକ୍ ନେଇ ହରମନପ୍ରୀତ ସିଂଙ୍କ ଦଳ ପୁଣି ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। "ଗତବର୍ଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ହିଁ ଆମକୁ ଏସିଆନ ଗେମ୍ସ ଓ ଅଲିମ୍ପିକ୍ସ ପାଇଁ ଉପଯୁକ୍ତ ମୋମେଣ୍ଟମ ଦେଇଥିଲା। ଏଥର ମଧ୍ୟ ଆମେ ଟୁର୍ନାମେଣ୍ଟ ଜିତି ନୂଆ ଅଲିମ୍ପିକ୍ ସାଇକେଲ (ଚକ୍ର) ଆରମ୍ଭ କରିବାକୁ ଚାହିଁବୁ" ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ଖେଳିଥିବା ୧୦ ସଦସ୍ୟ ଏସୀୟ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ଯୁବ ଖେଳାଳିମାନେ ପ୍ରଭାବିତ କରିବାକୁ ବଡ଼ ସୁଯୋଗ ପାଇବେ। ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଁ ଏହି ଟୁର୍ନାମେଣ୍ଟ ବହୁତ ଗୁରୁତ୍ୱପୂର୍ଣ୍ଣ। ଜାପାନ, ମାଲେସିଆ ଓ ପାକିସ୍ତାନ ପରି ଦଳ ବିପକ୍ଷରେ ଆମର ରକ୍ଷଣଭାଗ ଦୃଢ଼ କରିବାକୁ ହେବ ବୋଲି ସେ କହିଛନ୍ତି। ଚାଇନା ପରେ ଭାରତ ୯ରେ ଜାପାନ, ୧୧ରେ ଗତବର୍ଷର ରନରଅପ୍ ମାଲେସିଆ, ୧୨ରେ କୋରିଆ ଓ ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ୬ ଦଳ ବିଶିଷ୍ଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୧୬ରେ ୨ଟି ସେମିଫାଇନାଲ ଓ ୧୭ରେ ଫାଇନାଲ ଅନୁଷ୍ଠିତ ହେବ। ଯୁବ ଖେଳାଳି ବିବେକ ସାଗର ପ୍ରସାଦଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। "ଆମେ ଏଠାକୁ ଚଳିତ ସପ୍ତାହ ପ୍ରାରମ୍ଭରେ ଆସିଛୁ। ତେଣୁ ପିଚ୍‌ରେ ବେଶ୍ କିଛି ସମୟ କଟାଇ ସାରିଛୁ। ଜଳବାୟୁ ଆମକୁ ସୁହାଇବା ପରି ରହିଛି। ତେବେ ସନ୍ଧ୍ୟାରେ ଥଣ୍ଡା ପଡ଼ୁଛି। ଏହି ଭେନ୍ୟୁ ସମ୍ଭବତଃ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ" ବୋଲି ବିବେକ ପ୍ରକାଶ କରିଛନ୍ତି।




ଅଭ୍ୟାସ ଅବସରରେ ହରମନପ୍ରୀତ ସିଂ।

**ଭାରତର କାର୍ଯ୍ୟସୂଚୀ**

ସେପ୍ଟେମ୍ବର ୮: ବନାମ ଚାଇନା, ସମୟ: ଅପରାହ୍ନ ୩ଟା ୩୦
ସେପ୍ଟେମ୍ବର ୯: ବନାମ ଜାପାନ, ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୧: ବନାମ ମାଲେସିଆ, ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୨: ବନାମ ଦକ୍ଷିଣ କୋରିଆ: ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୪: ବନାମ ପାକିସ୍ତାନ, ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୬: ସେମିଫାଇନାଲ
**ସେପ୍ଟେମ୍ବର ୧୭: ଫାଇନାଲ**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ଟେନ୍ ୧**




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ